ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଏପ୍ରିଲ ୧୩/୨୦୨୨ (୮+୮=୧୬ ପୃଷ୍ଠା) | Balasore, Wednesday, April 13/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

ଧରିତ୍ରୀ
DHARITRI
ବୁଧବାର, ଏପ୍ରିଲ ୧୩/୨୦୨୨ (୮+୮=୧୬ ପୃଷ୍ଠା) Wednesday, April 13/2022 Page 16





# ସମ୍ପତ୍ତି ପାଇଁ ଗଣହତ୍ୟା

## ବଡ଼ଭାଇ ପରିବାରର ୫ ସଦସ୍ୟଙ୍କୁ ମାରିଦେଲେ ସାନ



ମୃତ ଅଲେଖ ଚନ୍ଦ୍ର ସାହୁ ଏବଂ ତାଙ୍କ ସ୍ତ୍ରୀ, ଝିଅ ଓ ପୁଅ।

**ଚଣ୍ଡିଖୋଲ/ମାହାଙ୍ଗା/ ନିଶ୍ଚିତକୋଇଲି,୧୨।୪(ଡି.ଏନ୍.ଏ.)**

ସମ୍ପତ୍ତି ପାଇଁ ବିବାଦ କେତେ ଯେ ଭୟଙ୍କର ହୋଇପାରେ ତାହା କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଥିବା ହତ୍ୟାକାଣ୍ଡରୁ ସ୍ପଷ୍ଟ ହୋଇଛି। ସାନଭାଇ ଶିବ ପ୍ରସାଦ ସାହୁ ତାଙ୍କ ବଡ଼ଭାଇ ଅଲେଖ ଚନ୍ଦ୍ର ସାହୁ(୫୦)ଙ୍କ ସମେତ ଭାଉଜ ରଶ୍ମିରେଖା ପୃଷ୍ଟି(୪୨), ଝିଆରୀ ପାୟଲ ଓରଫ ସ୍ମୃତିସନ୍ଧ୍ୟା (୧୯), ପୁତୁରା ସ୍ମୃତି ସ୍ୱରୂପ (୧୬) ଓ ସ୍ମୃତି ସାଇ(୧୪)ଙ୍କୁ କଟୁରୀରେ ହାଣି ହତ୍ୟା କରିଛନ୍ତି। ହତ୍ୟା ପରେ ଅଭିଯୁକ୍ତ ଘର ବାହାରୁ ତାଲା ପକାଇ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ ପୂର୍ବରୁ ସେ ଏକ ଭିଡିଓ ଜାରି କରି ସମ୍ପତ୍ତିକୁ କେନ୍ଦ୍ର କରି ବଡ଼ଭାଇର ପରିବାରର ସମସ୍ତଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଏପରି କି ଏଥିପାଇଁ କୋର୍ଟ ଯାହା ଦଣ୍ଡ ଦେବେ ତାହା ଭୋଗିବାକୁ ପ୍ରସ୍ତୁତ ବୋଲି ଉକ୍ତ ଭିଡିଓରେ ଶିବ କହୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳ ସମେତ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଛି। ବାଲିଚନ୍ଦ୍ରପୁର ଥାନା ପୋଲିସଠାରୁ ସୂଚନା ପାଇ ମାହାଙ୍ଗା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘରର ତାଲା ଭାଙ୍ଗି ୫ ମୃତଦେହ ଜବତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା କଟୁରି ଓ ଶାବଳକୁ ପୋଲିସ ଜବତ କରିଛି। କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳକିଶୋର କୁମାର ପ୍ରମୁଖ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଫେରିଯାଇଛନ୍ତି। ଅପରପକ୍ଷରେ ଜଣେ ବ୍ୟକ୍ତି ୫ଜଣଙ୍କୁ ମାରଣାସ୍ତ୍ରରେ ଏକା ସମୟରେ ହତ୍ୟା କରିବା ଏବଂ ଏନେଇ ଜଣା ନ ପଡ଼ିବା ଘଟଣାକୁ ସ୍ଥାନୀୟ ଅଞ୍ଚଳବାସୀ ବିଶ୍ୱାସ କରିପାରୁ ନାହାନ୍ତି। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି।



ଅଭିଯୁକ୍ତ ଶିବ ପ୍ରସାଦ ସାହୁ

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ଶିବ ପେସାରେ ଜଣେ ଡ୍ରାଇଭର ହୋଇଥିବାବେଳେ ତାଙ୍କ ବଡ଼ଭାଇ ଅଲେଖ ଜଣେ ବ୍ୟବସାୟୀ। ଅଲେଖ ନିଜ ଘରେ ଏକ ତେଜରାତି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଦୁଇ ଭାଇଙ୍କ ମଧ୍ୟରେ ପୈତୃକ ଘର ଏବଂ ଜମିବାଡ଼ି ସମ୍ପତ୍ତିକୁ ନେଇ ଦୀର୍ଘବର୍ଷ ଧରି ବିବାଦ ଲାଗିରହିଥିଲା। ଅତୀତରେ ଘଟଣାର ଆପୋସ ସମାଧାନ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା। ଅଦାଲତରେ ସେମାନଙ୍କ ଜମିଜମା ସଂକ୍ରାନ୍ତୀୟ ମାମଲା ବିଚାରାଧୀନ ରହିଛି। ଭାଇରାଲ ହେଉଥିବା ଭିଡିଓରେ ଅଭିଯୁକ୍ତ ଶିବଙ୍କ କହିବାନୁଯାୟୀ ସୋମବାର ରାତିରେ ସମ୍ପତ୍ତି ବିବାଦକୁ ନେଇ ତାଙ୍କୁ ଭାଇଭାଉଜଙ୍କ ସମେତ ଅନ୍ୟମାନେ ମାରଧର କରିଥିଲେ। ଫଳରେ ସେ ମାନସିକ ସ୍ଥିତି ହରାଇ ଏଭଳି ବୀଭତ୍ସ କାଣ୍ଡ ଘଟାଇଥିଲେ। ଏଠାରେ ସାଧାରଣରେ ପ୍ରଶ୍ନ ଉଠୁଛି ଜଣେ ଅଭିଯୁକ୍ତ ଘରେ ପଶି ପରିବାରର ୫ଜଣଙ୍କୁ ଏକୁଟିଆ କିପରି ହତ୍ୟାକାଣ୍ଡ ଘଟାଇବାକୁ ସକ୍ଷମ ହେଲେ। ଏଭଳି ଅପରାଧ ଭିଆଇବା ଘଟଣାରେ କେବଳ ଶିବଙ୍କ ସମ୍ପୃକ୍ତି ରହିଛି ନା ଶିବଙ୍କ ସହିତ ଅନ୍ୟ କାହାର ସମ୍ପୃକ୍ତି ରହିଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ହେଲେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ପଡ଼ୋଶୀଙ୍କ କହିବା ହେଲା ସୋମବାର ରାତିରେ ଅଲେଖଙ୍କ ପରିବାର ଲୋକ ଖାଇପିଇ ଶୋଇବାପରେ କୋଣସି ବାଟଦେଇ ଶିବ ଘର ମଧ୍ୟକୁ ପ୍ରବେଶ କରିଥିଲେ। ଭାଇ, ଭାଉଜ, ଝିଆରୀ ଓ ୨ ପୁତୁରା ଶୋଇଥିବା ଅବସ୍ଥାରେ ଅଭିଯୁକ୍ତ ଶିବ ସେମାନଙ୍କୁ କଟୁରିରେ ହାଣି ହତ୍ୟା କରିବା ପରେ ବାହାରପଟୁ କବାଟରେ ତାଲା ପକାଇ ଫେରାର ହୋଇଯାଇଥିଲେ। ☞ପୃଷ୍ଠା-୨

# କେନ୍ଦୁଝର ଜିଲାରେ ଇଣ୍ଟରନେଟ୍ ଠପ୍

**ଯୋଡ଼ା ଗୋଷ୍ଠୀ ସଂଘର୍ଷ**

- ୧୪୪ ଧାରା ସାମୟିକ କୋହଳ ଲାଗି ନିଷ୍ପତ୍ତି
- ଦୋକାନ ବଜାର, ଶିକ୍ଷାନୁଷ୍ଠାନ ବନ୍ଦ

**ଯୋଡ଼ା, ୧୨।୪(ଡି.ଏନ.ଏ.)**

ରାମନବମୀ ଅବସରରେ ଶିବମନ୍ଦିରରେ ଝଣ୍ଡା ଲଗାଇବାକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ଗୋଷ୍ଠୀ ସଂଘର୍ଷ ଯୋଗୁ କେନ୍ଦୁଝର ଜିଲା ଯୋଡ଼ା ସହର ବାତାବରଣ ଏବେ ବି ଅଶାନ୍ତ ରହିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମଗ୍ର କେନ୍ଦୁଝର ଜିଲାରେ ଇଣ୍ଟରନେଟ୍ ସେବାକୁ ପ୍ରଶାସନ ପକ୍ଷରୁ ବିଚ୍ଛିନ୍ନ କରି ଦିଆଯାଇଛି। ସହର ଭିତରେ ସମସ୍ତ ଯାନବାହନ ଚଳାଚଳ ବନ୍ଦ ରହିଛି। ଦୋକାନ ବଜାର, ବ୍ୟାଙ୍କ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ ରଖାଯାଇଛି। କୌଣସି ସ୍ଥାନରେ ଏକାଧିକ ଲୋକ ଏକାଠି ନ ହେବା ପାଇଁ ସତର୍କ କରାଯାଇଛି। ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ସହିତ କେନ୍ଦୁଝର ☞ପୃଷ୍ଠା-୨

# ଜିଲାପାଳଙ୍କ ନାଁରେ ଗିରଫ ପରୱାନା

**ଗିରଫ କରି କମିଶନଙ୍କ ନିକଟରେ ହାଜର କରାଇବାକୁ ଡିଜିପିଙ୍କୁ ଚିଠି**

**କେନ୍ଦୁଝର, ୧୨।୪ (ସ୍ୱ.ପ୍ର.)**

ଜାତୀୟ ଜନଜାତି କମିଶନ (ଏନ୍‌ସିଏସ୍‌ଟି) ଙ୍କ ପକ୍ଷରୁ କେନ୍ଦୁଝର ଜିଲାପାଳ ଆଶୀଷ ଠାକ୍‌ରେଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ତାଙ୍କୁ ଗିରଫ କରି କମିଶନଙ୍କ ନିକଟରେ ହାଜର କରିବାକୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ ବଂଶଲଙ୍କୁ ଚିଠି କରିଛନ୍ତି।

କେତେକ ଆଦିବାସୀ ସମ୍ପର୍କିତ (ବ୍ୟକ୍ତିଗତ/ସାମୂହିକ) ମାମଲାରେ ବାରମ୍ବାର ସମନ କରାଯାଇଥିଲେ ହେଁ ବିଭିନ୍ନ ଆଳ ଦେଖାଇ ଜିଲାପାଳ ହାଜର ହୋଇ ନ ଥିଲେ। ସେଥିପାଇଁ ଏଭଳି ଚିଠି କରାଯାଇଥିବା ଜଣାପଡ଼ିଛି। ସ୍ୱତନ୍ତ୍ର ପତ୍ରବାହକ ଜରିଆରେ ଡିଜିପିଙ୍କ ନିକଟକୁ ଏହି ଚିଠି ପଠାଯାଇଛି। ଏହିସବୁ ମାମଲାରେ କମିଶନଙ୍କ ନିକଟରେ ହାଜର ହେବାପାଇଁ ମାର୍ଚ୍ଚ ୨୧, ୨୦୨୨ରେ ଚିଠି କରି ଏପ୍ରିଲ ୪, ୨୦୨୨ ଅପରାହ୍ନ ୪ଟାରେ ହାଜର ହେବା ପାଇଁ କୁହାଯାଇଥିଲା। ☞ପୃଷ୍ଠା-୨




# ଠାକୁରାଣୀ ଯାତ୍ରାରେ ମହୁମାଛି ଆକ୍ରମଣ

## ୧୦୦ ଆହତ, ୮ ଗୁରୁତର

**କୁନ୍ଦୁରା,୧୨।୪ (ଡି.ଏନ.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ନବଗଠିତ ପଞ୍ଚାୟତ ପଖନାଗୁଡ଼ାରେ ମହୁମାଛି ଆକ୍ରମଣରେ ୧୦୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଠାକୁରାଣୀଙ୍କ ପୂଜକ ନୀଳ ଶିଙ୍ଗରଡିଙ୍କ ସମେତ ୮ ଜଣ ରହିଛନ୍ତି। ସେମାନଙ୍କ ଅବସ୍ଥା ଗୁରୁତର ରହିଛି। ଗ୍ରାମରେ ଚୈତ୍ର ମଙ୍ଗଳବାର ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଏପରି ଅଘଟଣ ଘଟିଛି। ଯାତ୍ରା ଚାଲିଥିବା ବେଳେ ନିକଟରେ ଥିବା ଏକ ଗଛରୁ ହଜାର ହଜାର ସଂଖ୍ୟାରେ ମହୁମାଛି ବାହାରି ଲୋକଙ୍କୁ ଆକ୍ରମଣ କରିଥିଲେ। ଏ ବିଷୟରେ ଗାଁ ମୁଖିଆ ନରେନ୍ଦ୍ର ପ୍ରଧାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶୁଭପ୍ରସାଦ ସାହୁଙ୍କୁ ଜଣାଇଥିଲେ। ଡାକ୍ତର ସାହୁ ପଖନାଗୁଡ଼ା ଗ୍ରାମକୁ ଯାଇ ଲୋକଙ୍କୁ ଚିକିତ୍ସା କରିବାକୁ ୨ଟି ଟିମ୍ ପଠାଇଥିଲେ। ଏହି ଟିମ୍‌ର ଡାକ୍ତର ହରିଶ୍ଚନ୍ଦ୍ର ପ୍ରଧାନ ଏବଂ ଡାକ୍ତର ସଙ୍ଗୀତା ଗ୍ରାମରେ ପହଞ୍ଚି ଆହତ ୮୦ ଲୋକଙ୍କୁ ଚିକିତ୍ସା କରିଛନ୍ତି।




# ୧୮ରୁ ଲୋକସେବା ଭବନ ଯାଇପାରିବେ ସାଧାରଣ ଜନତା, ଖବରଦାତା

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ସାଧାରଣ ଲୋକମାନେ ଏଣିକି ଲୋକସେବା ଭବନ, ରାଜୀବ ଭବନ ଏବଂ ଖାରବେଳ ଭବନରେ ନିଜର ଅଭିଯୋଗ ରଖିପାରିବେ। କରୋନା ଲାଗି ଦୀର୍ଘ ୨ ବର୍ଷ ଧରି ରହିଥିବା କଟକଣାକୁ ରାଜ୍ୟ ସରକାର ମଙ୍ଗଳବାର ଉଠାଇ ଦେଇଛନ୍ତି। ବର୍ତ୍ତମାନ ସଂକ୍ରମଣ କମିଯାଇଥିବାରୁ ଏବଂ ଏଥିଲାଗି ରହିଥିବା କଟକଣା ଉଠାଇଦେବାରୁ ରାଜ୍ୟ ସରକାର ଲୋକସେବା ଭବନ, ରାଜୀବ ଭବନ ଏବଂ ଖାରବେଳ ଭବନର ରିସେପଶନ୍ କାଉଣ୍ଟର ଖୋଲା ରଖିବେ। ତେବେ କଂଗ୍ରେସ ଗତ ବିଧାନସଭାର ବଜେଟ ଅଧିବେଶନରେ ଖବରଦାତାମାନଙ୍କୁ ଲୋକସେବା ଭବନକୁ ଛଡ଼ା ନ ଯିବା ନେଇ ଆପତ୍ତି ଉଠାଇଥିଲା। ବିଗତ ଦିନରେ ମଧ୍ୟ କଂଗ୍ରେସ ☞ପୃଷ୍ଠା-୨




# ବାରାଣସୀରେ ଭାଜପା ହାରିଲା

## ୟୁପି ଏମ୍‌ଏଲ୍‌ସି ନିର୍ବାଚନ: ୩୬ରୁ ୩୩ ଆସନରେ ଶାସକ ଦଳ ବିଜୟୀ

**ଲକ୍ଷ୍ନୌ,୧୨।୪**

ଉତ୍ତର ପ୍ରଦେଶର ବିଧାନ ପରିଷଦ ନିର୍ବାଚନରେ ଶାସକ ଭାଜପାକୁ ବଡ଼ ସଫଳତା ମିଳିଛି। ଭୋଟ ଗ୍ରହଣ କରାଯାଇଥିବା ୨୭ରୁ ୨୪ ଆସନକୁ ଭାଜପା ଦଖଲ କରିବାରେ ସକ୍ଷମ ହୋଇଥିବାବେଳେ ଦଳର ୯ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ ଆସନ ବାରାଣସୀରେ ଗୈରିକ ଦଳ ଶୋଚନୀୟ ଭାବେ ପରାଜିତ ହୋଇଛି। ଜେଲରେ ଥିବା ଗ୍ୟାଙ୍ଗଷ୍ଟର ବ୍ରଜେଶ କୁମାର ସିଂଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ସିଂ ୪,୨୩୪ ଭୋଟ ପାଇ ଏହି ଆସନରୁ ବିଜୟୀ ହୋଇଛନ୍ତି। ଅଖିଳେଶ ଯାଦବଙ୍କ ଦଳ ସମାଜବାଦୀ ପାର୍ଟି (ଏସ୍‌ପି)ର ପ୍ରାର୍ଥୀ ଉମେଶ ଯାଦବଙ୍କ ସପକ୍ଷରେ ୩୪୫ ଖଣ୍ଡ ଭୋଟ ପଡ଼ିଛି। ଭାଜପା ପକ୍ଷରୁ ପ୍ରାର୍ଥୀ ହୋଇଥିବା ଡ. ସୁଦାମା ପଟେଲ ମାତ୍ର ୧୭୦ ଖଣ୍ଡ ଭୋଟ ସହ ଲଜ୍ଜାଜନକ ପରାଜୟର ମୁହଁ ଦେଖିଛନ୍ତି।

ୟୁପିର ୧୦୦ ଆସନ ବିଶିଷ୍ଟ ବିଧାନ ପରିଷଦରେ ଭାଜପାର ୩୪, ସମାଜବାଦୀ ପାର୍ଟି ୧୭ ଓ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ୪ ସଦସ୍ୟ ଅଛନ୍ତି। କଂଗ୍ରେସ, ଅପନା ଦଳ ଓ ନିଷାଦ ପାର୍ଟିର ଜଣେ ଲେଖାଏ ସଦସ୍ୟ ପରିଷଦକୁ ନିର୍ବାଚିତ ହୋଇଯାଇଛନ୍ତି। ସେହିପରି ଟିଚର୍ସ ଗ୍ରୁପର ୨ ଏମ୍‌ଏଲ୍‌ସି ଏବଂ ସ୍ୱାଧୀନ ୨ ସଦସ୍ୟ ରହିଛନ୍ତି। ଏହି ଦ୍ୱିବାର୍ଷିକ ବିଧାନ ପରିଷଦ ନିର୍ବାଚନ ପାଇଁ ୫୮ ଜିଲାର ୩୬ ଆସନ ଖାଲିପଡ଼ିଥିଲା। ସେଥିରୁ ୯ ଆସନରେ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବାବେଳେ ଶନିବାର ୨୭ ଆସନରେ ୯୫ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କଂଗ୍ରେସ ଏବଂ ବିଏସ୍‌ପି ପକ୍ଷରୁ ଏହି ନିର୍ବାଚନରେ ପ୍ରାର୍ଥୀ ଦିଆଯାଇ ନ ଥିଲା। ଫଳରେ ଭାଜପା ଏବଂ ଏସ୍‌ପି ମଧ୍ୟରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୭୩୯ ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଇଥିଲା। ୧,୨୦,୬୫୭ ଯୋଗ୍ୟ ଭୋଟର ଥିବାବେଳେ ମତଦାନ ହାର ୯୮.୧୧% ଥିଲା। ରାଏବରେଲିରେ ସର୍ବାଧିକ ୯୯.୩୫% ଏବଂ ଗୋରଖପୁରରେ ସର୍ବନିମ୍ନ ୯୬.୫୦% ମତଦାତା ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ଉତ୍ତର ପ୍ରଦେଶ ବିଧାନ ପରିଷଦ ନିର୍ବାଚନ ଜିତିବା ପାଇଁ ଭାଜପା ରିଗିଂ କରିଛି। ଶାସକ ଦଳ କ୍ଷମତା ଲାଗି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିଦେଇଛି।
– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


କାହ୍ନା
ପରିବାରବର୍ଗ


ନିରଞ୍ଜନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜି ଦେବା କାଲି ଦେବା,**
**ଦେବା ଦେବା କହୁଥିବା ଯାବତ ଚନ୍ଦ୍ର ଦିବାକର।**

ଧନ ବା ଜିନିଷ ଥରେ ହାତରୁ ଅନ୍ୟ ହାତକୁ ଚାଲିଗଲେ ତାହା ସହଜରେ ଫେରିଆସି ନ ଥାଏ। ନେଇଥିବା ବ୍ୟକ୍ତି ଦେବା ଦେବା କହି ସମୟ ଗଡ଼ାଇ ଚାଲୁଥିବା ବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡେଇ ସମୟ ସାରିବା ହିଁ ସାର ହୋଇଥାଏ। ଆଜି ଦେବା କାଲି ଦେବା କହି କିଛି ଦେଉ ନ ଥିବା ବ୍ୟକ୍ତିଙ୍କର ଏପରି ଭଣ୍ଡେଇବା ନୀତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ ପାଚିଲେ ଡମ ରାଜା,**
**ନଈ ବଢ଼ିଲେ କେଉଟ ରାଜା।**

ଗଛରେ ଆମ୍ବ ପାଚିଲେ ନିମ୍ନ ସ୍ତରର ବ୍ୟକ୍ତି ଖାଇ କରି ବଞ୍ଚିଯାଇଥାନ୍ତି। ସେହିପରି ନଈରେ ପାଣି ବଢ଼ିଲେ ବହୁତ ମାଛ ମିଳିବାର ସମ୍ଭାବନା ରହିଥାଏ, ଫଳସ୍ୱରୂପ କେଉଟଙ୍କ ଭଲ ଆୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୋଷ୍ଠୀ ସଂଘର୍ଷ ପରେ ମଙ୍ଗଳବାର କେନ୍ଦୁଝର ଜିଲା ଯୋଡ଼ା ସହର ଶୂନଶାନ।

**ପ୍ରଥମ ପୃଷ୍ଠାରୁ...**

## ସମ୍ପତ୍ତି ପାଇଁ...

ମଙ୍ଗଳବାର ସକାଳ ୯ଟା ସୁଦ୍ଧା ଅଲେଖଙ୍କ ପରିବାର କେହି ପଦାକୁ ନ ବାହାରିବାରୁ ଶିବଙ୍କ ଉପରେ ସନ୍ଦେହ ହୋଇଥିଲା। ଏନେଇ ତାଙ୍କୁ ପଚାରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ଶିବ ଧରା ନ ଦେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପ୍ରସ୍ତୁତ କରି ଭାଇରାଲ କରିଥିଲେ। ଶେଷରେ ପୂର୍ବାହ୍ନ ପ୍ରାୟ ୧୧ଟା ବେଳକୁ ଶିବ ବାଲିଚନ୍ଦ୍ରପୁର ଥାନାକୁ ଯାଇ ସେଠାରେ ଆତ୍ମସମର୍ପଣ କରିବା ସହିତ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ଏହାପରେ ବାଲିଚନ୍ଦ୍ରପୁର ପୋଲିସ ଘଟଣା ସମ୍ପର୍କରେ ମାହାଙ୍ଗା ପୋଲିସକୁ ଜଣାଇଥିଲା। ମାହାଙ୍ଗା ଆଇଆଇସି ନିହାରରଞ୍ଜନ ମହାନ୍ତି, ସାଲେପୁର ଏସ୍‌ଡିପିଓ ନରେନ୍ଦ୍ର କୁମାର ଖୁଣ୍ଟିଆ ଓ ଜୟପୁର ଫାଣ୍ଡିଅଧିକାରୀ ପ୍ରମୁଖ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘରତାଲା ଭାଙ୍ଗି ଭିତରକୁ ଯାଇ ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ମାହାଙ୍ଗା ଥାନାରେ ଏକ ମାମଲା(ନଂ. ୮୧/୨୦୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## କେନ୍ଦୁଝର ଜିଲାରେ...

ଏସ୍‌ପି ମିତ୍ରଭାନୁ ମହାପାତ୍ର ଯୋଡ଼ାରେ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି। ବିଳମ୍ବିତ ରାତିରେ ପୁଣି ଦୁଇ ଗୋଷ୍ଠୀ ମଧ୍ୟରେ ହନୁମାନ ମନ୍ଦିର ନିକଟରେ ପଥର ମାଡ଼ ହୋଇଥିବା ଖବର ମିଳିଛି।

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଯୋଡା ପୌରପାଳିକା କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଦାମ ଚରଣ ସାହୁ, ବିରଞ୍ଚି ପ୍ରସାଦ ଦେହୁରୀଙ୍କ ସମେତ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରୀତିମୟ, ବଡବିଲ ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା, ଯୋଡା ଆଇଆଇସି ପଦ୍ମାଳୟା ସାହୁ, ବଡବିଲ ତହସିଲଦାର ଆଲୋକ ପଟେଲ, ପୌରପାଳିକା ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ, ବରିଷ୍ଠ ନାଗରିକ ଡା. ଅନିଲ କୁମାର ଦାସ, ଦୁଃଶାସନ ସାହୁ ଏବଂ ଉଭୟ ଗୋଷ୍ଠୀର ଲୋକମାନେ ବୈଠକରେ ଯୋଗ ଦେଇଥିଲେ। ପ୍ରଶାସନ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଅପରାହ୍ନ ୫ଟାରୁ ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ (୨ ଘଣ୍ଟା ୩୦) ମିନିଟ୍ ପାଇଁ ୧୪୪ ଧାରାରେ ସାମୟିକ କୋହଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅତ୍ୟାବଶ୍ୟକ ସାମଗ୍ରୀ ଓ ଦୋକାନ ବଜାର ଖୋଲି ପାରିବେ ବୋଲି ଉଭୟ ପକ୍ଷରୁ ସହମତି ପ୍ରକାଶ ପାଇଥିଲା। ଏହି ସମୟ ମଧ୍ୟରେ ଯଦି ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସେ ପରବର୍ତ୍ତୀ ସମୟରେ ମଧ୍ୟ ଏହାକୁ କୋହଳ କରାଯିବ। ବୁଧବାର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଥିବାରୁ ପ୍ରଶାସନ ପକ୍ଷରୁ ରହିଥିବା ସମୟସୀମାରେ ମଧ୍ୟ କୋହଳ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହାସହିତ ଆଗାମୀ ୧୪ ତାରିଖ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ। ଆଗାମୀ ପଣାସଂକ୍ରାନ୍ତିରେ ହନୁମାନ ଝଣ୍ଡା ଲଗାଇବା ପାଇଁ ପ୍ରଶାସନର ମଧ୍ୟସ୍ଥତାରେ ବୁଧବାର ଏକ ଶାନ୍ତି କମିଟି ଗଠନ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ଚମ୍ପୁଆ ଉପଜିଲାପାଳ ପ୍ରୀତିମୟ କହିଛନ୍ତି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାହୁ କହିଛନ୍ତି, ଅପ୍ରୀତିକର ପରିସ୍ଥିତି ପ୍ରତି ଉଭୟ ଗୋଷ୍ଠୀ ଯତ୍ନବାନ ନ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷେ ଯୋଡାର ଦୁଇ ଗୋଷ୍ଠୀର ପ୍ରତିନିଧି କହିଛନ୍ତି, ଅତୀତରେ ବିଭିନ୍ନ ପୂଜା ପାର୍ବଣ ପୂର୍ବରୁ ଶାନ୍ତି କମିଟି ଗଠନ କରାଯାଇ ଆପୋଷ ଭାଇଚାରାକୁ ବଜାୟ ରଖିବା ପାଇଁ ସାମୂହିକ ଭାବେ ପ୍ରଶାସନର ଉପସ୍ଥିତିରେ ନିଷ୍ପତ୍ତି ନିଆଯାଉଥିଲା। ଚଳିତଥର ଏଥିରେ ବ୍ୟତିକ୍ରମ ହେବାରୁ ଏହିଭଳି ଗୋଷ୍ଠୀ ସଂଘର୍ଷ ଘଟିଲା।

ଉଲ୍ଲେଖଯୋଗ୍ୟ, ରବିବାର ରାମନବମୀରେ ଏକ ଶିବ ମନ୍ଦିରକୁ ହନୁମାନ ମନ୍ଦିରର ରାମଝଣ୍ଡା ନେବା ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖାଦେଇଥିଲା। ଏକ ଗୋଷ୍ଠୀ ଝଣ୍ଡା ଲାଗିଥିବା ବାଉଁଶକୁ ମୋଡ଼ି ଭାଙ୍ଗି ଦେବା ଫଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ପକ୍ଷରୁ ପଥରମାଡ଼, ପୋଡ଼ାଜଳା, ଗାଡ଼ି ଭଙ୍ଗାରୁଜା ଭଳି ପରିସ୍ଥିତି ଉପୁଜିଥିଲା।

## ଜିଲାପାଳଙ୍କ ନାଁରେ...

ସେ ହାଜର ନ ହେବାରୁ ଏନ୍‌ସିଏସ୍‌ଟି ଭାରତ ସମ୍ବିଧାନର ସିଭିଲ କୋଡ୍ ୩୩୮/(ଏ)ର ଧାରା ୮ ଅନୁଯାୟୀ ଏହି ଚିଠି କରିଛନ୍ତି। ତାଙ୍କୁ କେବେ ହାଜର କରିବେ ବା ନ କରିବେ ସେ ନେଇ ଏପ୍ରିଲ ୧୩, ୨୦୨୨ ପୂର୍ବାହ୍ନ ୧୧ଟା ସୁଦ୍ଧା ଜଣାଇବାକୁ କୁହାଯାଇଛି। ବ୍ୟକ୍ତିଗତ ଓ ସାମୂହିକ ୮ଟି ମାମଲାରେ କମିଶନ ଜିଲାପାଳଙ୍କୁ ପକ୍ଷ କରି ସମନ କରିଥିଲେ। ଏନେଇ ଜିଲାପାଳ ଠାକ୍‌ରେଙ୍କୁ ପଚାରିବାରୁ ଏପର୍ଯ୍ୟନ୍ତ ମୁଁ କୌଣସି ଖବର ପାଇନି ପୂର୍ବରୁ ଯାହା ତଥ୍ୟ ମାଗିଛନ୍ତି ସବୁ ଦିଆଯାଇଛି ବୋଲି କହିଛନ୍ତି।

## ୧୮ରୁ ଲୋକସେବା...

ଏହି ଦାବି ବାରମ୍ବାର ଉଠାଇଛି। ଏପରିକି ଖବରଦାତାମାନେ ମଧ୍ୟ ଏଣିକି ଲୋକସେବା ଭବନ ଭିତରକୁ ପ୍ରବେଶ କରିପାରିବେ। ଆସନ୍ତା ୧୮ ତାରିଖରୁ ସାଧାରଣ ଜନତା ଏବଂ ଖବରଦାତାମାନେ ଲୋକସେବା ଭବନ, ଖାରବେଳେ ଭବନ ଏବଂ ରାଜୀବ ଭବନ ଯାଇପାରିବେ ବୋଲି ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି କରାଯାଇଥିବା ଏକ ଚିଠିରେ ଦର୍ଶାଯାଇଛି। କେବଳ ସ୍ୱୀକୃତିପ୍ରାପ୍ତ ଖବରଦାତାମାନଙ୍କୁ ହିଁ ଲୋକସେବା ଭବନ ଭିତରକୁ ଯିବା ଲାଗି ଅନୁମତି ମିଳିବ। ଏହାଛଡ଼ା ସାଧାରଣ ଲୋକ ଏବଂ ଖବରଦାତାମାନେ ରାଜୀବ ଭବନ ଏବଂ ଖାରବେଳ ଭବନ ମଧ୍ୟ ଯାଇପାରିବେ। ସେହିପରି ସାଧାରଣ ଲୋକମାନେ ମଧ୍ୟ ଅନ୍‌ଲାଇନରେ ପାସ୍ କରି ଲୋକସେବା ଭବନ, ରାଜୀବ ଭବନ ଓ ଖାରବେଳ ଭବନ ଯାଇପାରିବେ। ଏଥିପାଇଁ ପ୍ରଥମେ ଇ-ପ୍ରବେଶ ମୋବାଇଲ ଆପ୍ ଜରିଆରେ ପାସ୍ ପାଇଁ ସାଧାରଣ ଲୋକମାନେ ଆବେଦନ କରିପାରିବେ। ମହାମାରୀ କରୋନା ଯୋଗୁ ୨ ବର୍ଷ ହେବ ଖବରଦାତା ଏବଂ ସାଧାରଣ ଲୋକମାନଙ୍କ ପାଇଁ ଲୋକସେବା ଭବନ ବନ୍ଦ ରହିଥିଲା। ସଂକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିଲା।

## ବାରାଣସୀରେ ଭାଜପା...

ଭୋଟ ଦେଇଥିଲେ। ନିକଟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଦୁଇ-ତୃତୀୟାଂଶ ଆସନ ଦଖଲ କରି ରାଜ୍ୟରେ ପୁନଃ କ୍ଷମତାସୀନ ହୋଇଥିବା ଭାଜପା ବିଧାନ ପରିଷଦରେ ମଧ୍ୟ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ୪ ଦଶନ୍ଧି ପରେ ଶାସକ ଦଳ ଉଭୟ ଗୃହକୁ ଦଖଲ କରିବାରେ ସକ୍ଷମ ହୋଇଛି। ନିର୍ବାଚିତ ହୋଇଥିବା ୩୬ ଭାଜପା ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣ ବିଧାନସଭା ନିର୍ବାଚନ ପୂର୍ବରୁ ଏସ୍‌ପି ଛାଡ଼ି ଗୈରିକ ଦଳରେ ମିଶିଥିଲେ। ଲକ୍ଷ୍ନୌ-ଉନ୍ନାଓ, ବଲିଆ, ବାରାବାଙ୍କି, ସୀତାପୁର, ବସ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଆସନ ଭାଜପା ଦଖଲକୁ ଯାଇଛି। ଏହି ବୃହତ୍ ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ବିଜୟୀ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାଜପାର ବିକାଶ ମଡେଲ ପ୍ରତି ଲୋକେ ପୁନଃ ଆସ୍ଥା ପ୍ରକଟ କରିଥିବା ମୋଦି ଟୁଇଟ୍ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଏମ୍‌ଏଲ୍‌ସି ନିର୍ବାଚନରେ ବିଜୟକୁ ଜାତୀୟତାବାଦ, ବିକାଶ ଓ ସୁଶାସନ ପ୍ରତି ଜନାଦେଶ ଭାବେ ଅଭିହିତ କରିଛନ୍ତି।


# classifieds Everyday
0674-2580101, 2549302


MATRIMONIAL

**BRIDE WANTED**

ବିବାହ ପାଇଁ ବରପାତ୍ର ଖୋଜୁଛନ୍ତି କି? ସବୁ ଜାତିର ଉତ୍ତମ ବରପାତ୍ର ପାଇଁ- 7653898752. D-68290

**GROOM WANTED**

58 ବୟସ୍କା ନିଃସନ୍ତାନ ଏକାକୀ ରହୁଥିବା ବିଧବା ବ୍ରାହ୍ମଣ Private ଚାକିରିଆ ଝିଅଙ୍କୁ married/ unmarried ବରପାତ୍ର ଆବଶ୍ୟକ। 7606067313. D-088

47 ବର୍ଷର Widow ମହିଳା Agriculture Departmentରେ କାର୍ଯ୍ୟରତ। ଘର- ଭଦ୍ରକ। (ଘରକ୍ୱାଇଁ ପ୍ରାଥମିକତା) ଯୋଗାଯୋଗ କରନ୍ତୁ: 8895713065. D-089

ବିବାହ ପାଇଁ କନ୍ୟାପାତ୍ରୀ ଖୋଜୁଛନ୍ତି କି? ସବୁ ଜାତିର ସୁନ୍ଦର କନ୍ୟାପାତ୍ରୀ ପାଇଁ- 7653898752. D-68291

Wanted Groom being a Allopathic Doctor preferable completed MD, age within 30, caste- Brahmin for a lady MBBS Doctor age-26, caste- Brahmin working in a Hospital in Bhubaneswar. Contact directly to parent No. 9778312631. D-080


real estate

**SALE**

Plot for Sale at Ghangapatna (4km from Sumhospital). 9583295832, 9937816565. D- 067

ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.- 220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

**ଭୁବନେଶ୍ୱର ରଙ୍ଗବଜାର BJEM-2 ଲାଗି 4BHK duplex East Facing area- 1500sqft. 4.5. k.m. from Ravi Talkies (Bank Finance available). 9040072232.** D-73230

Conversion Demarcation 30ft. Roadside Corner Plot Sale near GITA, DN fair tyle and BIT 3200sqft 28,80,000/-.8249086912. D-093

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

Sale 2storied building 2700sqft. at Sundarpada, Bhubaneswar. Contact: 8249492304, 8249777920. D-71023

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ **3.5 K.M.** ଦୂରତାରେ ଘରବାରି ପ୍ଲଟ୍ **sqft.-650/-** ରେ ବିକ୍ରିହେବ। **First possesion then registration. 7978533676.** D-73229

Plot for sale at Chhatabar per sqft. @99/-. 9583295832, 9937816565. D-091

ଭୁବନେଶ୍ୱର **Gita/ Gandhi** କଲେଜରୁ **1k.m. BDA Satellitecity**କୁ ଲାଗି **30'** ରାସ୍ତା ଥାଇ **boundary** ପ୍ଲଟ୍ **30ft.-750/-. 9439918431, 8249603324.** D-73222

**Studio and 1BHK Apartment with all furnished available at Srikhetradham, Puri. 9348332283, 9861593321.** D-017

ଶ୍ରୀମନ୍ଦିର, ପୁରୀ, ଗୁଡ଼ିଆସାହିରେ ଘର ବିକ୍ରିହେବ, ମନ୍ଦିରଠାରୁ ଅଧାକିଲୋମିଟର। 9.5x120, Price- 30 Lakh. 9348330425, 8763795928. D-70787

ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ। 8117084862. D-73231

**High Profile Bungalows 2800 sqft. for sale, Jharsuguda. Call: 9980322038.** D-119

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁରରେ **30ft. Road, Bank Finance** ସହିତ ପ୍ଲଟ୍ ମିଳୁଛି। **8093465134, 9668194157.** D-73308

ବରମୁଣ୍ଡାରୁ ୧୫ କି.ମି. ଦୂରରେ Gharabari Plot- 19,00,000/-, investment plot- 8,00,000/- (Loan available). 9853150290. D-73233


construction

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23456

**GENERAL**

**SALE**

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



to-let

**Rent for Office/ Bank/ Shop 2000sqft. area. Prime location on NH- Cosmopolis Chhaka, near Khandagiri, Bhubaneswar- 751019. Contact: 9871816986.** D-71487

Tolet for new 2BHK flat at Srustimansion Sundarpada. Contact: 8249777920. D-71022

Office, Showroom, Bank for rent Khordha. Mob.: 7008754850, 9853150842, 7008751285. D-122


healthcare

Newly open SPA positively health benefits expert therapist, Kalpana. 7846814019. D-71486

Full body massage (ladies/ gents therapist) Tarini Health Care. 8984366712. D-71024

Mesmerizing, energetic body, mind qualitative relaxing massage experienced therapists. 9668374480. D-71975

Newly open full body massage ladies and gents. 8327740003. D-71885

**AFFIDAVIT**

I, Nitin Gupta, S/o Om Prakash Gupta, R/o 104, Block 3, ClubTown, Bhubaneswar- 751024, have changed my daughter's name from Vanya to Vanya Gupta henceforth for all purpose. D-125


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ଚେଷ୍ଟା କରୁଥିବା କାମ ଉପରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ନିଜର କେତେକ ଅଜ୍ଞାତସାରରେ କୃତକର୍ମ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳିଯିବା ଆଶଙ୍କା ଦେଖାଦେବ।

**ବୃଷ**
ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବହୁ ଦିନ ଧରି ଯାହା ଖୋଜୁଥିଲେ ଆଜି ତାହା ପାଇଯିବେ। ଉପକୃତ ହୋଇଥିବା ନିଜର ଲୋକମାନଙ୍କ ଶତ୍ରୁତା ଯୋଗୁ ସାମାନ୍ୟ ବିଚଳିତବୋଧ କରିପାରନ୍ତି। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ଦୀର୍ଘଦିନରୁ ଦେଖି ନ ଥିବା ସାଙ୍ଗଟି ନିଜ ତରଫରୁ ସହଯୋଗର ହାତ ବଢ଼ାଇବ। ବ୍ୟବସାୟରେ ଉନ୍ନତି କରିବା ସହ ଲାଭ କିଛି କମ୍ ହେବନାହିଁ। କୌଣସି ସାମୂହିକ କାର୍ଯ୍ୟରେ ଆତ୍ମୀୟମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି।

**କର୍କଟ**
ଯେତେ ବନେଇ ଚୁନେଇ କହିଲେ ମଧ୍ୟ ଆପଣଙ୍କ ଉଦ୍ଦେଶ୍ୟକୁ ଠିକ୍ ଭାବେ ଅନ୍ୟମାନେ ବୁଝିପାରିବେ ନାହିଁ। ଯାନବାହନ କିଣିବାକୁ ମନ ବଳାଇପାରନ୍ତି। ପିଲାମାନଙ୍କ କୌଣସି ବ୍ୟତିକ୍ରମକୁ ସଜାଡ଼ିବା ପାଇଁ ସ୍ତ୍ରୀଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ପରାମର୍ଶକ୍ରମେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ସିଂହ**
ଯୋଗ, ବ୍ୟାୟାମ ଓ ସଚେତନତା ହେତୁ ସ୍ୱାସ୍ଥ୍ୟ ଭଲ ରହିବ। ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଘଟିବା କାରଣରୁ ମନ ଭାରାକ୍ରାନ୍ତ ରହିପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ବେଖାତିର ମନୋଭାବ ଓ କଟୂକ୍ତି ମନରେ ଦୁଃଖଦେବ। ଅଫିସିଆଲି କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି ଗୁରୁତ୍ୱପୂର୍ଣ୍ଣ ଘର କଥାଟି ମନେ ପଡ଼ି ନ ପାରେ।

**କନ୍ୟା**
ଆଜି ଯେମିତି ଚାହିଁବେ ସେମିତି ପାଇବେ। ମନ ବୁଝିଲା ଭଳି କଥା କହି କର୍ମଚାରୀଟିର ଭୁଲ୍ ବୁଝାମଣାକୁ ସୁଧାରିନେବାରେ ସମର୍ଥ ହେବେ। ବ୍ୟବସାୟ,ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ପାରିବାରିକ ସ୍ତରରେ କେତେକ ସମସ୍ୟା ଓ ପ୍ରତିବନ୍ଧକ ଦେଖାଦେଇପାରେ, ବିଶେଷ କିଛି ଅସୁବିଧା ହେବ ନାହିଁ।

**ତୁଳା**
ସମସ୍ତ ସୁବିଧା ଥାଇ ମଧ୍ୟ ଆଶା କରୁଥିବା କାମ ନ ହେବା କାରଣରୁ ମନରେ ସରସତା ରହିବ ନାହିଁ। ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବେ ଯାହାକି ଆପଣଙ୍କୁ ଧର୍ମସଙ୍କଟରେ ପକାଇବ। ପିଲାଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢ଼ିଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ନ ହୋଇ ଭୁଲ୍ କାମରୁ ଦୂରେଇରହନ୍ତୁ।

**ବିଛା**
ମନ କଥା ମନରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧହେବେ। ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ଭଲ, କିନ୍ତୁ ବେଶି ହଇରାଣ ହେବାକୁ ପଡ଼ିବ। ଆଜି ଆପଣ ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାରକରିପାରନ୍ତି। ପାରିବାରିକ ସମସ୍ୟାର ସମାପ୍ତି ଘଟାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ଧନୁ**
ପରିବାରରେ ଛୋଟ କଥାକୁ ନେଇ ମତପାର୍ଥକ୍ୟ ଦେଖାଦେଇପାରେ। କର୍ମକ୍ଷେତ୍ରରେ ଦୋଷାରୋପ କରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ସାମାଜିକ କ୍ଷେତ୍ରରେ ପଡ଼ୋଶୀମାନେ ଭୂରି ଭୂରି ପ୍ରଶଂସା କରିବେ ଅବଶ୍ୟ ନିଜ ନିଜର ସ୍ୱାର୍ଥ ସାଧନର ଆଶାନେଇ। ଶାରୀରିକ ଅସୁସ୍ଥତା ଚିନ୍ତାର କାରଣ ହୋଇପାରେ।

**ମକର**
ବୁଝାମଣା ମାଧ୍ୟମରେ ସମସ୍ୟାର ସରଳ ସମାଧାନ ପାଇଁ ଚେଷ୍ଟାକଲେ ଉପକୃତ ହେବେ। ଅଫିସରେ କଥା କଟାକଟି ହେତୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରର ଅଶାନ୍ତ ମନ ଆଜି ଘରୋଇ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଦୀର୍ଘଦିନରୁ ସାଇତି ରଖିଥିବା ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯିବା ସୂଚନା ରହିଛି।

**କୁମ୍ଭ**
ଯାହାଠାରୁ ଋଣ ଆଣିଥିବେ ସେ ହଠାତ୍ କଟୂକ୍ତି ପ୍ରକାଶ କରିପାରନ୍ତି। ସମସ୍ୟା ଆସିଲେ ମଧ୍ୟ ଆପଣ ଦୃଢ଼ ମନୋବଳ ଯୋଗୁ ବହୁ ବିପଦରୁ ରକ୍ଷାପାଇବେ। ନିଜ ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି। ଅବଶ୍ୟ ବିବାଦୀୟ ପରିସ୍ଥିତି ଓ ମାଲିମକଦ୍ଦମାରେ ଶତଭିଷାର ସ୍ଥିତି ଅନୁକୂଳ ହୋଇପାରେ।

**ମୀନ**
ଆଲୋଚନା ପରିସରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗର ପ୍ରତିଶ୍ରୁତିରୁ କେତେକାଂଶରେ ଆଶ୍ୱସ୍ତି ଲଭିବେ। ଅଫିସରେ ସାଧାରଣ କଥାକୁ ନେଇ ବାକ୍ ବିତଣ୍ଡା ସୃଷ୍ଟି ହୋଇପାରେ। ଜମିଜମା, ନିର୍ମାଣ ପ୍ରଭୃତି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। କଳା ସାହିତ୍ୟ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାଧାନ ହୋଇଯିବ।

# ଭାଜପାର ବୁଲ୍‌ଡୋଜର ଘୃଣା, ଆତଙ୍କ ସୃଷ୍ଟି କରୁଛି: ରାହୁଲ

ନୂଆଦିଲ୍ଲୀ, ୧୨।୪



କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାଜପା ସରକାରଙ୍କୁ ଦେଶରେ ଦରଦାମ୍ ବୃଦ୍ଧି ନେଇ ଘେରିବା ଆରମ୍ଭ କରିଛନ୍ତି। ସେ ମଙ୍ଗଳବାର ଟୁଇଟ୍ କରି କହିଛନ୍ତି ଯେ, ଅତ୍ୟାବଶ୍ୟକ ସାମଗ୍ରୀର ଅତ୍ୟଧିକ ଦର ଏବଂ ବେରୋଜଗାରି ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଲୋକଙ୍କ ସମସ୍ୟା ଉପରେ ବୁଲ୍‌ଡୋଜର ଚଳାଇବାର ଆବଶ୍ୟକତା ରହିଛି। ମାତ୍ର ସରକାରଙ୍କ ବୁଲ୍‌ଡୋଜର କେବଳ ଲୋକଙ୍କ ମଧ୍ୟରେ ଘୃଣା ଏବଂ ଆତଙ୍କ ସୃଷ୍ଟି କରୁଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି।

ରାମନବମୀରେ ମଧ୍ୟପ୍ରଦେଶ, ଗୁଜରାଟ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡରେ ଘଟିଥିବା ହିଂସାକାଣ୍ଡ ପରେ ରାହୁଲ ଏଭଳି କହିଛନ୍ତି। ସରକାର ଏ କ୍ଷେତ୍ରରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ ନ କରି ନୀରବଦ୍ରଷ୍ଟା ସାଜିଛନ୍ତି। ମଧ୍ୟପ୍ରଦେଶର ଭାଜପା ସରକାର ଖରଗାଓଁ ଜିଲାରେ ଘଟିଥିବା ରାମନବମୀ ହିଂସାକାଣ୍ଡରେ କୌଣସି ପ୍ରତିଷେଧମୂଳକ ନିର୍ଦ୍ଦେଶ ଜାରି କରିବାରେ ପଛଘୁଞ୍ଚା ଦେଉଥିବା ସେ କହିଛନ୍ତି। ଏଠାରେ ବହୁ ଲୋକଙ୍କ ଘରେ ନିଆଁ ଲଗାଇ ଦିଆଯାଇଛି। ଏହା ଯୋଗୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ରାଜ୍ୟର ଭାଜପା ସରକାର ଏନେଇ କିଛି ବି କରିନାହାନ୍ତି ବୋଲି ରାହୁଲ କହିଛନ୍ତି।

ସୂଚନାଯୋଗ୍ୟ, ଏହି ଘଟଣାରେ ୭ ପୋଲିସଙ୍କ ସମେତ ୨୦ ଜଣ ଆହତ ହୋଇଥିଲେ। ସେହିପରି ଗୁଜରାଟରେ ଜଣେ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଝାଡ଼ଖଣ୍ଡରେ ଜଣଙ୍କର ମୃତ୍ୟୁ ଘଟିଥିଲା।

# ପୋଲିସ ସହଯୋଗରେ ଆଇନ ହାତକୁ ନେଉଛନ୍ତି ଶାସକ ଦଳ କର୍ମୀ: ଭାଜପା

ଭୁବନେଶ୍ୱର, ୧୨।୪(ବ୍ୟୁରୋ)

ରାଜନୈତିକ ହିଂସାପରାୟଣ ହୋଇ ଶାସକ ବିଜେଡି ବିରୋଧୀ ଭାଜପା ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରମଣ କରୁଛି। ଏପରିକି ଶାସକ ଦଳ କର୍ମୀମାନେ ମରଣାନ୍ତକ ଆକ୍ରମଣ କରିବାକୁ ମଧ୍ୟ ପଛାଉନାହାନ୍ତି। ନିର୍ବାଚନ ପୂର୍ବରୁ ଏବଂ ଏହି ସମୟରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଭୟଭୀତ କରିବା ସହିତ ମରଣାନ୍ତକ ଆକ୍ରମଣ କରିଥିବା ଶାସକ ବିଜେଡି ନିର୍ବାଚନ ପରବର୍ତ୍ତୀ ସମୟରେ ମଧ୍ୟ ରାଜନୈତିକ ହିଂସା ମନୋଭାବକୁ ଆହୁରି ଅଧିକ କ୍ରିୟାଶୀଳ କରିଛି। ଶାସକ ବିଜେଡିର ହାତବାରିସି ସାଜିଥିବା ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସମସ୍ତ ଘଟଣା ସମ୍ପର୍କରେ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ବୋଲି ଭାଜପା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅଭିଯୋଗ କରିଛନ୍ତି।



ଖବରଦାତା ସମ୍ମିଳନୀରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ଅନ୍ୟ ନେତୃବୃନ୍ଦ।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲଳିତେନ୍ଦୁ କହିଛନ୍ତି, ପୋଲିସ ସହଯୋଗ ମିଳିବା ପରେ ବିଜେଡି ଗୁଣ୍ଡାମାନେ ନିର୍ଭୟରେ ଆଇନ ହାତକୁ ନେଇ ଭାଜପା ନେତା ଓ କର୍ମୀମାନଙ୍କ ଉପରେ ଆକ୍ରମଣ ଜାରି ରଖିଛି। ଏହାର ସଦ୍ୟ ଉଦାହରଣ ଢେଙ୍କାନାଳ ପୌର ପରିଷଦର ନବନିର୍ବାଚିତ ଅଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଉପରେ ୨ ଥର ଆକ୍ରମଣରୁ ପ୍ରମାଣିତ ହୋଇଛି। ସୋମବାର ଢେଙ୍କାନାଳ ଗସ୍ତ କରି ବାସ୍ତବସ୍ଥିତି ଅନୁଧ୍ୟାନ କରିଛି। ଗୋଟିଏ ପଟେ ରାଜ୍ୟ ସରକାର ନାରୀ ସଶକ୍ତୀକରଣର ବାହୁସ୍ଫୋଟ ମାରୁଥିବାବେଳେ ଅନ୍ୟ ପଟେ ରାଜନୈତିକ ଆକ୍ରୋଶ ରଖି ମହିଳାଙ୍କୁ ଆକ୍ରମଣ କରିବା ଶାସକ ବିଜେଡିର ଦୋମୁହାଁ ଚରିତ୍ରକୁ ପର୍ଦ୍ଦାଫାଶ କରିଛି ବୋଲି ସେ କହିଛନ୍ତି।

# ବିଧାୟକଙ୍କ ପିଏସ୍‌ଓ, ଡ୍ରାଇଭରଙ୍କୁ ଆକ୍ରମଣ

ବଲାଙ୍ଗୀର ଅଫିସ/ଲୋଇସିଂହା, ୧୨।୪(ଡି.ଏନ.ଏ)



ଆହତ ପିଏସ୍‌ଓ ଶଙ୍କର ବରିହା ଏବଂ ଡ୍ରାଇଭର ଦେବରାଜ ନାଗ


ଗିରଫ ୨ ଅଭିଯୁକ୍ତ

- ଆକ୍ରମଣ ସମୟରେ ଗାଡିରେ ବିଧାୟକ ଉପସ୍ଥିତ ଥିଲେ
- ଉକ୍ତ କାଣ୍ଡ ଭିଆଇଥିବା ଦୁଇ ଯୁବକ ଗିରଫ
- ଘଟଣାକୁ ନିନ୍ଦା କଲେ ରାଜ୍ୟ ଭାଜପା ସଭାପତି

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଦ୍ଧାଛକରେ ମଙ୍ଗଳବାର ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କ ଗାଡି ଡ୍ରାଇଭର ଏବଂ ପିଏସ୍‌ଓଙ୍କୁ ଦୁଇଜଣ ଯୁବକ ଆକ୍ରମଣ କରିଛନ୍ତି। ଆକ୍ରମଣରେ ଡ୍ରାଇଭର ଦେବରାଜ ନାଗ ଓ ପିଏସ୍‌ଓ ଶଙ୍କର ବରିହା ଆହତ ହୋଇଛନ୍ତି। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣ ସମୟରେ ଗାଡିରେ ବିଧାୟକ ମହାଲିଙ୍ଗ ଉପସ୍ଥିତ ଥିଲେ। ବିଧାୟକଙ୍କ ପିଏସ୍‌ଓ ଓ ଗାଡି ଡ୍ରାଇଭରଙ୍କ ଉପରେ ଆକ୍ରମଣକୁ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ଟୁଇଟ କରି ନିନ୍ଦା କରିଛନ୍ତି। ଦିନଦ୍ୱିପ୍ରହରେ ବିଧାୟକଙ୍କ ଉପସ୍ଥିତିରେ ଏଭଳି ଆକ୍ରମଣ ରାଜ୍ୟର ଆଇନଶୃଙ୍ଖଳା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି।

ପୋଲିସ ସୂଚନା ମୁତାବକ, ମଙ୍ଗଳବାର ବିଧାୟକ ମହାଲିଙ୍ଗ ବାଦିବାହାଲ ଗ୍ରାମରେ ଏକ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ ସାରି ନଅଗାଁ(ଖ) ପାର୍ଟି ଅଫିସକୁ ଫେରୁଥିଲେ। ବୁର୍ଦ୍ଧା ଛକରେ ବିଧାୟକଙ୍କ ଗାଡି(ଓଡି୦୩ଏଚ ୫୪୭୩) ଯାଉଥିବା ସମୟରେ ସମ୍ମୁଖକୁ ବିକି ଛତ୍ରିଆ ଓ ଶ୍ରୀକାନ୍ତ ତାଣ୍ଡି ଏକ ବାଇକ(ଓଡି୧୭ଏଚ୯୬୪୪)ରେ ହଠାତ୍ ଆସି ଅଟକି ଯାଇଥିଲେ। ପିଏସ୍‌ଓ ବରିହା ଗାଡିରୁ ବାହାରି ଉଭୟଙ୍କୁ ଗାଡି ସାମ୍ନାରୁ ହଟି ଯିବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ପିଏସ୍‌ଓଙ୍କୁ ଆକ୍ରମଣ କରିବା ଦେଖି ଡ୍ରାଇଭର ନାଗ ଗାଡିରୁ ଓହ୍ଲାଇ ବୁଝାଶୁଝା କରିଥିଲେ। ହେଲେ ତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରି ଲହୁଲୁହାଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବିଧାୟକଙ୍କଠାରୁ ଖବର ପାଇ ଲୋଇସିଂହା ଥାନା ଆଇଆଇସି ସଂଗ୍ରାମ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସର୍ବଶେଷ ସୂଚନା ମୁତାବକ ପୋଲିସ ଦୁଇ ଅଭିଯୁକ୍ତ ବିକି ଛତ୍ରିଆ (୨୨) ଓ ଶ୍ରୀକାନ୍ତ ତାଣ୍ଡି (୧୯)ଙ୍କୁ ଲୋଇସିଂହା ସାଗରହିଡରୁ ଧରିଛି। ଗୁରୁତର ଆହତ ଡ୍ରାଇଭର ନାଗ ଓ ଆହତ ପିଏସଓ ବରିହାଙ୍କୁ ବିଧାୟକ ତାଙ୍କ ଗାଡିରେ ଲୋଇସିଂହା ଡାକ୍ତରଖାନାକୁ ଆଣିଥିଲେ। ବିକି ଓ ଶ୍ରୀକାନ୍ତ ଜଣେ ବ୍ୟକ୍ତିଙ୍କଠାରୁ ବାଇକ୍ ମାଗିନେଇ ଏହି କାଣ୍ଡ ଘଟାଇଥିବା ଜଣାପଡିବା ପରେ ପୋଲିସ ସମ୍ପୃକ୍ତ ବାଇକ୍ ମାଲିକଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି। ଘଟଣାକୁ ନେଇ ବିଧାୟକ ଡ. ମହାଲିଙ୍ଗ ଏସ୍‌ପି ନୀତିନ କୁଶଲକର ଓ ଏସଡିପିଓ ତୋଫାନ୍ ବାଗଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଘଟଣା ପଛରେ କ'ଣ କାରଣ ରହିଛି ପୋଲିସ ତଦନ୍ତ ପରେ ଜଣାପଡିବ ବୋଲି ବିଧାୟକ ଗଣମାଧ୍ୟମକୁ କହିଛନ୍ତି। ବିଧାୟକଙ୍କ ଉପସ୍ଥିତିରେ ଦୁଇ ଜଣ ଯୁବକ ତାଙ୍କ ପିଏସ୍‌ଓ ଓ ଡ୍ରାଇଭରଙ୍କୁ ଆକ୍ରମଣ କରୁଥିବାବେଳେ ସାଧାରଣ ଜନତା କେତେ ସୁରକ୍ଷିତ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି।

## ୨୦ରେ ଧାମନଗର ଏନ୍‌ଏସି ଉପାଧ୍ୟକ୍ଷ ନିର୍ବାଚନ

### ଜାରିହେଲା ବିଜ୍ଞପ୍ତି

ଧାମନଗର, ୧୨।୪

ଭଦ୍ରକ ଜିଲା ଧାମନଗର ଏନ୍‌ଏସି ଉପାଧ୍ୟକ୍ଷ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୦ ତାରିଖରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଧାମନଗର ଏନ୍‌ଏସିର ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଗତମାସ ୨୪ ତାରିଖରେ ପୌର ନିର୍ବାଚନ ସମୟରେ ଛୁରାମାଡ଼ ଘଟଣାକୁ ନେଇ ଏହି ଏନ୍‌ଏସିରେ ୬ଟି ବୁଥ୍‌ରେ ନିର୍ବାଚନ ବନ୍ଦ କରାଯାଇଥିଲା। ଚଳିତ ମାସ ୫ ତାରିଖରେ ଉକ୍ତ ବୁଥ୍‌ରେ ପୁନି ମତଦାନ ହୋଇଥିଲା। ୬ ତାରିଖରେ ଫଳାଫଳ ପ୍ରକାଶ ପାଇଥିଲା। ଅଧ୍ୟକ୍ଷ ପଦ ବିଜେଡି ହାତକୁ ଯାଇଥିଲା। ଏନ୍‌ଏସିରେ ୧୧ କାଉନସିଲରଙ୍କ ମଧ୍ୟରୁ ୯ଟି ବିଜେଡି ଖାତାକୁ ଯାଇଥିବା ବେଳେ ଆଉ ୨ଟି ଭାଜପା ଖାତାକୁ ଯାଇଛି। ତେବେ ଉକ୍ତ କାରଣରୁ ଅନ୍ୟସ୍ଥାନରେ ଉପାଧ୍ୟକ୍ଷ ନିର୍ବାଚନ ହୋଇଥିବାବେଳେ ଏଠାରେ ହୋଇପାରି ନ ଥିଲା।

# ୭ ଦିନରେ ବିକଳ୍ପ ଜାଗା ଦେଖାଅ: ଅପରାଜିତା

### ଝାରପଡ଼ାର ହାଟ ଭଙ୍ଗା ସ୍ଥାନରେ ଭାଜପା ନେତୃବୃନ୍ଦ

ଭୁବନେଶ୍ୱର, ୧୨।୪(ବ୍ୟୁରୋ)


କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଭେଟୁଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ।

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ବିନାଶରୁ ନୂଆ ଇନିଂସ ଆରମ୍ଭ କରୁଛି। ସକାରାତ୍ମକ ମନୋବୃତ୍ତି ଛାଡ଼ି ନକାରାତ୍ମକ ଚିନ୍ତାଧାରା ଆପଣାଉଛନ୍ତି। ଝାରପଡ଼ା ସ୍ଥିତ ହାଟ ଭଙ୍ଗା ଘଟଣା ପରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହା କହିଛନ୍ତି। ଅପରାଜିତା ଆହୁରି କହିଛନ୍ତି, ୪୩୦ ଲୋକଙ୍କୁ ରାତାରାତି ବାସଚ୍ୟୁତ କରାଗଲା। ସେମାନେ ନିଜ ଜୀବିକା ହରାଇଲେ। ଭୁବନେଶ୍ୱର ବିକାଶ ହେଉ, କିନ୍ତୁ ଲୋକଙ୍କ ସୁବିଧାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା କଥା। ମାର୍କେଟ ବିଲ୍ଡିଂ ନାଁରେ ଯେଉଁମାନଙ୍କୁ ରାତାରାତି ଝାରପଡ଼ା ହାଟରୁ ହଟାଗଲା ସେମାନଙ୍କୁ ପ୍ରଥମେ ଥଇଥାନ କରାଯିବା ଆବଶ୍ୟକ। ଏହି ଉଠା ଦୋକାନୀ ଏବେ ଜୀବିକା ହରାଇଥିବା ବେଳେ ଆସନ୍ତା ୭ ଦିନ ମଧ୍ୟରେ ସେମାନଙ୍କୁ ବିକଳ୍ପ ଜାଗା ଦେଖାନ୍ତୁ। ଆମେ ସମସ୍ତେ ସେହି ଜାଗା ଦେଖିବୁ। ହେଲେ ଏପରି ଜାଗା ଦେଖାଇବେ ଯେଉଁଠି ବେପାର ହେବ। ଏହି ଗରିବ ଲୋକଙ୍କ ଦୋକାନ ବିଏମ୍‌ସି ଉଜାଡି ଦେଲା। ତେଣୁ ଥଇଥାନ ସହ ସେମାନଙ୍କୁ କ୍ଷତିପୂରଣ ଦିଆଯାଉ। ବର୍ଷେ ତଳେ ଏଠାକୁ ଆସିଥିଲି ଏବଂ ଗୋଟିଏ ଚିଠି ଲେଖି କମିଶନରଙ୍କୁ ହାଟକୁ ଭଙ୍ଗା ନ ଯାଉ ବୋଲି ଅନୁରୋଧ କରିଥିଲି। ପାର୍ଲାମେଣ୍ଟ ଚାଲିଥିବାରୁ ଦିଲ୍ଲୀରେ ଥିଲି ଏବଂ ଫେରିବାର ଦିନକ ଆଗରୁ ଏସବୁ ଘଟିଛି। ଦିଲ୍ଲୀରେ ଥିବା ସମୟରେ ଏଭଳି କାହିଁକି କରାଗଲା। ସ୍ଥାନୀୟ ଏମ୍‌ପି ଆସିବା ପର୍ଯ୍ୟନ୍ତ କାହିଁକି ଅପେକ୍ଷା କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

ମଙ୍ଗଳବାର ରାତି ସୁଦ୍ଧା ୪୩୦ କ୍ଷତିଗ୍ରସ୍ତ ଦୋକାନୀଙ୍କ ତାଲିକା ପ୍ରସ୍ତୁତ କରି ବିଏମ୍‌ସିକୁ ଦିଆଯିବ। ଏହାସହ ୩ଟି ଦାବି ସମ୍ପର୍କରେ ଚିଠିରେ ଉଲ୍ଲେଖ ରହିବ। ଏହି ଚିଠି ସାର୍ବଜନୀନ କରାଯିବ। ବିଏମ୍‌ସିର ପ୍ରଥମ ମହାନଗର ନିଗମ ବୈଠକରେ ସ୍ଥାନୀୟ କର୍ପୋରେଟର ଏହି କଥା ଉଠାଇବେ ବୋଲି ଅପରାଜିତା କହିଛନ୍ତି।



ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। **-ଶ୍ରୀମା**

# ଆମ ରାଜଧାନୀ: ଅତୀତ ଓ ବର୍ତ୍ତମାନ



ପ୍ର. ନୀହାର ରଞ୍ଜନ ପଟ୍ଟନାୟକ

ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଗୋଟିଏ ଦିନରେ ନିର୍ମିତ ହୋଇନାହିଁ। ଏହାର ବିଗତ ଦୁଇହଜାର ବର୍ଷର ଗୌରବମୟ ଇତିହାସ ବିଭିନ୍ନ ସମୟରେ ଓଡ଼ିଶା ତଥା ସମଗ୍ର ଦେଶକୁ ମହିମାନ୍ୱିତ କରିଛି। ଓଡ଼ିଶାବାସୀଙ୍କ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ଜୀବନକୁ ପରିପୁଷ୍ଟ କରାଇବାରେ ଭୁବନେଶ୍ୱରର ପ୍ରଭାବଶାଳୀ ଭୂମିକା ରହିଆସିଛି।

ଭାରତର ପ୍ରାଚୀନତମ ସହରଗୁଡ଼ିକ ମଧ୍ୟରୁ ଭୁବନେଶ୍ୱର ଅନ୍ୟତମ। 'ସ୍ୱର୍ଣ୍ଣାଦ୍ରି ମହୋଦୟ'ରେ ଥିବା ବର୍ଣ୍ଣନାରୁ ଜଣାଯାଏ ଯେ, ପ୍ରାଚୀନ କାଳରେ ଖଣ୍ଡାଚନ୍ଦ (ଖଣ୍ଡଗିରି) ଓ ଦହିରଙ୍ଗେଶ୍ୱର (ଧଉଳି ପାହାଡ଼) ମଧ୍ୟବର୍ତ୍ତୀ ଅଞ୍ଚଳକୁ ଭୁବନେଶ୍ୱର ନାମରେ ନାମିତ କରାଯାଇଥିଲା। 'ବ୍ରହ୍ମପୁରାଣ'ରେ ଭୁବନେଶ୍ୱରକୁ ଏକାମ୍ର କ୍ଷେତ୍ର ନାମରେ ସୂଚା ଯାଇଛି। ଏକ ଆମ୍ରବୃକ୍ଷତଳେ ପ୍ରଭୁ ଲିଙ୍ଗରାଜ ପ୍ରଥମେ ପୂଜା ପାଉଥିବାରୁ ଏହାକୁ ଏକାମ୍ର କ୍ଷେତ୍ର ବୋଲି କୁହାଯାଇଥାଏ। ତ୍ରିଭୁବନେଶ୍ୱର (ଭଗବାନ ଶିବ)ରୁ ଭୁବନେଶ୍ୱର (ଲିଙ୍ଗରାଜ) ଅନୁସାରେ ଏହି ସ୍ଥାନର ନାମକରଣ ହୋଇଛି ବୋଲି କଥିତ ଅଛି।

ଭୁବନେଶ୍ୱର ପ୍ରସଙ୍ଗରେ ଖ୍ରୀ.ପୂ. ୨୬୧ ପୂର୍ବରୁ ସବିଶେଷ ଐତିହାସିକ ତଥ୍ୟ ଉପଲବ୍ଧ ହୁଏ ନାହିଁ। କିନ୍ତୁ ଏହା ସ୍ପଷ୍ଟ ଯେ ଏହା ପୂର୍ବରୁ ଭୁବନେଶ୍ୱର ଧନଜନରେ ସମୃଦ୍ଧ ଥିଲା, ଯେଉଁଥିପାଇଁ ମଗଧ ସମ୍ରାଟ ଅଶୋକଙ୍କ ଦ୍ୱାରା ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧ ଏହାର ଉପକଣ୍ଠରେ ଥିବା ଦୟାନଦୀ କୂଳରେ ସଂଘଟିତ ହୋଇଥିଲା। ସେତେବେଳେ କଳିଙ୍ଗର ରାଜଧାନୀ ଥିଲା ତୋଷାଳୀ। ଆଧୁନିକ ଭୁବନେଶ୍ୱରର ଦକ୍ଷିଣ ପାର୍ଶ୍ୱରେ ତୋଷାଳୀର ଅବସ୍ଥିତି ନିରୂପଣ କରାଯାଇଥାଏ। ଅଶୋକଙ୍କ ତ୍ରୟୋଦଶ ଶିଳାନୁଶାସନରେ ଉଲ୍ଲେଖ କରାଯାଇଛି ଯେ କଳିଙ୍ଗ ଯୁଦ୍ଧରେ ଏକ ଲକ୍ଷ ଲୋକ ନିହତ, ଦେଢ଼ଲକ୍ଷ ବନ୍ଦୀ ଓ ବହୁ ଲୋକ କ୍ଷତବିକ୍ଷତ ହୋଇଥିଲେ। ଅବଶ୍ୟ ଏପରି ସଂଖ୍ୟାନେଇ ଐତିହାସିକମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ। କଳିଙ୍ଗ ଯୁଦ୍ଧ ସମ୍ରାଟ ଅଶୋକଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତ୍ତନ ଆଣି ଦେଇଥିଲା। ଭୁବନେଶ୍ୱରର ପବିତ୍ର ଭୂମି ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲା, ଯାହାଦ୍ୱାରା ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ। ଏହି ବିଶ୍ୱବିଖ୍ୟାତ ଘଟଣାର ସ୍ମୃତିରକ୍ଷା ପାଇଁ ୧୯୭୨ରେ ଜାପାନ ବୁଦ୍ଧ ସଂଘ ଓ କଳିଙ୍ଗ ନିପ୍ପନ ବୁଦ୍ଧ ସଂଘର ସହାୟତାରେ ଧଉଳିଠାରେ ବିଶାଳ ଶାନ୍ତିସ୍ତୂପ ନିର୍ମାଣ କରାଯାଇଛି।

ଖ୍ରୀଷ୍ଟପୂର୍ବର ପ୍ରଥମ ଶତାବ୍ଦୀରେ କଳିଙ୍ଗ ସାରା ଭାରତର ରାଜନୈତିକ ଦିଗ୍‌ବଳୟକୁ ଉଦ୍ଭାସିତ କରିଥିଲା। ଏହା ମୂଳରେ ଥିଲେ ସମ୍ରାଟ ଖାରବେଳ। ତାଙ୍କ ରାଜଧାନୀ ଥିଲା କଳିଙ୍ଗନଗର ଯାହା ଅଧୁନା ଭୁବନେଶ୍ୱର ସହ ଚିହ୍ନିତ କରାଯାଏ। ଭୁବନେଶ୍ୱରରେ ଅବସ୍ଥିତ ଉଦୟଗିରିରେ ପାହାଡ଼ର ହାତୀଗୁମ୍ଫା ଅନୁଶାସନ ହେଉଛି ଖାରବେଳ ରାଜତ୍ୱ ସମ୍ବନ୍ଧରେ ପ୍ରାୟତଃ ଏକମାତ୍ର ଐତିହାସିକ ଉପାଦାନ। ପ୍ରାକୃତ ଭାଷାରେ ଲିଖିତ ଏହି ହାତୀଗୁମ୍ଫା ଅନୁଶାସନରେ ଖାରବେଳଙ୍କ କୃତିତ୍ୱ ବିଷୟରେ ସୂଚନା ମିଳେ। ଖାରବେଳ ଥିଲେ ଜୈନଧର୍ମାବଲମ୍ବୀ। ଭୁବନେଶ୍ୱରରେ ଅବସ୍ଥିତ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଖାରବେଳଙ୍କ ନିର୍ମିତ ଜୈନ ଗୁମ୍ଫାଗୁଡ଼ିକ ଦଣ୍ଡାୟମାନ।

ଭୁବନେଶ୍ୱର ନବମ ଶତାବ୍ଦୀରେ ସୋମବଂଶୀ ବା କେଶରୀ ବଂଶର ରାଜାମାନଙ୍କ ଅଧୀନସ୍ଥ ଥିଲା। କେଶରୀ ବଂଶର ରାଜାମାନେ ଏଠାରେ ଅନେକ ମନ୍ଦିର ନିର୍ମାଣ କରିଥିଲେ। ସେଗୁଡ଼ିକମଧ୍ୟରୁ ପ୍ରସିଦ୍ଧ ଥିଲା ଲିଙ୍ଗରାଜ ମନ୍ଦିର, ଯାହା ସୋମବଂଶୀ ରାଜା ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏଠାରେ ନିର୍ମିତ ମୁକ୍ତେଶ୍ୱର ମନ୍ଦିର ଓ ରାଜାରାଣୀ ମନ୍ଦିର ସୋମବଂଶୀ ରାଜତ୍ୱ ସମୟରେ ନିର୍ମିତ ହୋଇଥିଲା। ପୂର୍ବରୁ ଭୁବନେଶ୍ୱରରେ ନିର୍ମିତ ଏକମାତ୍ର ବିଷ୍ଣୁ ମନ୍ଦିର ଥିଲା ଅନନ୍ତ ବାସୁଦେବ ମନ୍ଦିର, ଯାହା କି ବିଷ୍ଣୁଙ୍କ ଉପାସନା ନିମନ୍ତେ ଗଙ୍ଗବଂଶର ରାଜା ଅନଙ୍ଗଭୀମଦେବଙ୍କ କନ୍ୟା ଚନ୍ଦ୍ରିକା ଦେବୀ ନିର୍ମାଣ କରିଥିଲେ। କେବଳ ସେତିକି ନୁହେଁ, ଗଙ୍ଗ ରାଜତ୍ୱରେ ଭୁବନେଶ୍ୱରରେ ମେଘେଶ୍ୱର, ଯମେଶ୍ୱର, ଭାସ୍କରେଶ୍ୱର, ମିତ୍ରେଶ୍ୱର, ବରୁଣେଶ୍ୱର ଓ ଚିତ୍ରେଶ୍ୱର ଆଦି ମନ୍ଦିର ନିର୍ମିତ ହୋଇଥିଲା। ସେହିପରି ସୂର୍ଯ୍ୟବଂଶୀ ଗଜପତି ରାଜତ୍ୱ ସମୟରେ କପିଳେଶ୍ୱର ମନ୍ଦିର ଓ ପାପନାଶିନୀ ମନ୍ଦିର ନିର୍ମାଣ କରାଯାଇଥିଲା। କଥିତ ଅଛି, ଗୋଟିଏ ସମୟରେ ଭୁବନେଶ୍ୱରରେ ପ୍ରାୟ ଏକ ସହସ୍ର ମନ୍ଦିର ରହିଥିଲା। କିନ୍ତୁ ଏବେ ଏହାର ସଂଖ୍ୟା ପାଞ୍ଚଶହକୁ ଖସିଆସିଛି।

ଭୁବନେଶ୍ୱର ଥିଲା ହିନ୍ଦୁ, ବୌଦ୍ଧ, ଜୈନ ଧର୍ମୀୟ ସ୍ଥାପତ୍ୟଶୈଳୀର ମିଳନ ସ୍ଥଳୀ। କଳିଙ୍ଗ ସ୍ଥାପତ୍ୟ ଶୈଳୀର ସ୍ୱତନ୍ତ୍ରତା ଭୁବନେଶ୍ୱରର ମନ୍ଦିର ଓ ଅନ୍ୟ ସ୍ମାରକୀଗୁଡ଼ିକରେ ଦୃଶ୍ୟମାନ ହୁଏ। କିନ୍ତୁ ଦୁଃଖର ବିଷୟ ଆଫଗାନ ଓ ମୋଗଲ ରାଜତ୍ୱ ସମୟରେ ଭୁବନେଶ୍ୱରରେ ଥିବା ଅନେକ ମନ୍ଦିର ତଥା ସ୍ଥାପତ୍ୟ କୀର୍ତ୍ତିଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା। ଏବେ ବି ଏହାର ଭଗ୍ନାବଶେଷ ଗୁଡ଼ିକ ଅନେକ ସ୍ଥାନରେ ଦୃଷ୍ଟିଗୋଚର ହୁଏ।

ଏହାପରେ ଭୁବନେଶ୍ୱର ମରହଟ୍ଟା ଶାସନାଧୀନ ହେଲା। ୧୮୦୩ ରେ ଇଂରେଜମାନେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶା ଅଧିକାର କଲେ। ସେହିଦିନଠାରୁ ଭୁବନେଶ୍ୱର ବ୍ରିଟିଶ ସରକାରଙ୍କ ଶାସନାଧୀନ ହୋଇ ରହିଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଭୁବନେଶ୍ୱରର ବଳିଷ୍ଠ ଭୂମିକା ରହିଛି। ଚନ୍ଦକା ନିକଟସ୍ଥ ଦାରୁଠେଙ୍ଗଗଡ଼ର ଦଳେଇ ପିଣ୍ଡିକୀ ବାହୁବଳେନ୍ଦ୍ରଙ୍କ ଇଂରେଜ ବିରୋଧୀ ସଂଗ୍ରାମର ପଟାନ୍ତର ନାହିଁ। ଭାରତଛାଡ଼ ଆନ୍ଦୋଳନ ସମୟରେ ପୁରୁଣା ଭୁବନେଶ୍ୱରସ୍ଥ ବି.ଏମ୍. ବିଦ୍ୟାଳୟର ଛାତ୍ରମାନେ ଯେମିତି ଗୁପ୍ତଭାବେ ଟେଲିଗ୍ରାଫ ଓ ରେଳପଥ ସଂଯୋଗକୁ କାଟି ଦେଇଥିଲେ, ତାହା ସ୍ୱାଧୀନତା ଆନ୍ଦୋଳନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

୧୯୩୬ ଏପ୍ରିଲ ୧ରେ ୬ଟି ଜିଲାକୁ ନେଇ ଭାଷାଭିତ୍ତିକ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା। ନୂତନ ଓଡ଼ିଶାର ରାଜଧାନୀ ହୋଇଥିଲା କଟକ। କିନ୍ତୁ ଭାରତର ସ୍ୱାଧୀନତା ଲାଭ ପରେ ଓଡ଼ିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ୧୯୪୮ ଏପ୍ରିଲ ୧୩ ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭୁବନେଶ୍ୱରକୁ ଓଡ଼ିଶାର ନୂତନ ରାଜଧାନୀ ଭାବେ ପ୍ରତିଷ୍ଠିତ କରିଥିଲେ। ଏହି ନୂତନ ପ୍ରାଦେଶିକ ରାଜଧାନୀ ନିର୍ମାଣର ଯୋଜନା ପ୍ରସ୍ତୁତ କରିଥିଲେ ବିଖ୍ୟାତ ଜର୍ମାନ ସ୍ଥପତି ଅଟୋ କୋନିଗସବର୍ଗର। ସେତେବେଳେ ଚଣ୍ଡିଗଡ଼ ଓ ଜାମ୍‌ସେଦପୁର ସମେତ ସ୍ୱତନ୍ତ୍ର ଯୋଜନା ଅନ୍ତର୍ଗତ ଗଢ଼ିଉଠିଥିବା ସହରଭାବେ ଭୁବନେଶ୍ୱର ସ୍ୱାଧୀନ ଭାରତରେ ଥିଲା ପ୍ରଥମ। ଶେଷରେ ୧୯୪୯ ଅଗଷ୍ଟ ୧୯ରେ ଭୁବନେଶ୍ୱର ଓଡ଼ିଶାର ନୂତନ ରାଜଧାନୀ ଭାବେ ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିଲା। ସେହିବର୍ଷ ବିଧାନସଭାକୁ କଟକସ୍ଥିତ ରେଭେନ୍ସାକଲେଜ ଆସେମ୍ବ୍ଲି ହଲ୍‌ରୁ ଭୁବନେଶ୍ୱର ସର୍ଦ୍ଦାର ପଟେଲ ହଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ନୂତନ ନିର୍ମିତ ବିଧାନ ସୌଧରେ ସ୍ଥାୟୀଭାବେ ବିଧାନସଭା କାର୍ଯ୍ୟ କରିଥିଲା।

ଯଦିଓ ଭୁବନେଶ୍ୱର ନଗରର ପରିକଳ୍ପନା ଓ ନିର୍ମାଣ ଯୋଜନା ଅଟୋ କୋନିଗସବର୍ଗର କରିଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ରାଜଧାନୀର କ୍ରମବର୍ଦ୍ଧିତ ଜନସଂଖ୍ୟା ଯୋଗୁ ଗତ କିଛି ଦଶନ୍ଧି ଧରି ମୂଳଯୋଜନାର ସ୍ୱରୂପ ବଦଳିଯାଇଛି। ଯଦି ଗତ କିଛି ବର୍ଷର ଜନସଂଖ୍ୟା ବୃଦ୍ଧିର ପରିସଂଖ୍ୟାନ ନେବା, ତେବେ ଦେଖିବା ପ୍ରତ୍ୟେକ ବର୍ଷ ଭୁବନେଶ୍ୱରରେ ଏହା ବୃଦ୍ଧି ଘଟିଛି। ବର୍ତ୍ତମାନ ଭୁବନେଶ୍ୱର ଦେଶର ଦ୍ରୁତତମ ଗତିରେ ବିକାଶ କରୁଥିବା ସହର ମଧ୍ୟରୁ ଅଗ୍ରଗଣ୍ୟ।

ଏବେ ନିଃସନ୍ଦେହ ଯେ, ଭୁବନେଶ୍ୱର ବିକାଶ କ୍ଷେତ୍ରରେ ବହୁ ଉପରକୁ ଉଠିଗଲାଣି। ଅନେକ ପ୍ରତିଷ୍ଠିତ ଆଇଟି କମ୍ପାନୀ ସେମାନଙ୍କ ଶାଖା ଖୋଲି ସାରିଲେଣି। ଏଠାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ବିଶ୍ୱସ୍ତରୀୟ ଚିକିତ୍ସାଳୟ ଉନ୍ନତମାନର ଚିକିତ୍ସା ପ୍ରଦାନ କରୁଛନ୍ତି। ସେହିପରି ଭୁବନେଶ୍ୱରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକ ଉଚ୍ଚକୋଟୀର ଶିକ୍ଷା ଓ ଉତ୍କର୍ଷ ଗବେଷଣା ପାଇଁ ମାଧ୍ୟମ ସାଜିଛନ୍ତି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ଭୁବନେଶ୍ୱର ମହାନଗର ନିଗମ ରାଜଧାନୀକୁ ଅତ୍ୟାଧୁନିକ ସହରରେ ପରିଣତ କରିବା ପାଇଁ ଆବଶ୍ୟକୀୟ ଯୋଜନା ଓ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି। କେନ୍ଦ୍ର ସରକାର 'ସ୍ମାର୍ଟ ସିଟି ମିଶନ' ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ଦେଶର କୋଡ଼ିଏଟି ସହର ମଧ୍ୟରେ ଭୁବନେଶ୍ୱରକୁ ମନୋନୀତ କରିଥିଲେ।

ଭୁବନେଶ୍ୱର ବାସିନ୍ଦା ନିଜ ସହରକୁ ବିଶ୍ୱସ୍ତରୀୟ ଏକ ଅତ୍ୟାଧୁନିକ ସହର ଭାବେ ଦେଖିବାକୁ ଚାହୁଁଛନ୍ତି ସତ, କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେମାନେ ସେମାନଙ୍କର ସୁରକ୍ଷା ଓ ନିରାପତ୍ତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପସନ୍ଦ କରୁଛନ୍ତି। ଭୁବନେଶ୍ୱରରେ ଅପରାଧର ମାତ୍ରା ଯେମିତି ବଢ଼ି ବଢ଼ି ଚାଲିଛି ରାଜଧାନୀବାସୀଙ୍କ ପାଇଁ 'ସ୍ମାର୍ଟସିଟି' ବଦଳରେ ଅପରାଧ ମୁକ୍ତ 'ସେଫ୍ ସିଟି' (ନିରାପଦ ସହର)ର ଆବଶ୍ୟକତା ବରଂ ଅଧିକ ରହିଛି। ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିରାପତ୍ତା, ଏହି ତିନୋଟି ଉପରେ ରାଜଧାନୀବାସୀଙ୍କ ସୁଖ ଓ ଶାନ୍ତି ନିର୍ଭର କରେ। ଏଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ନିରବଚ୍ଛିନ୍ନ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ। ପୁନଶ୍ଚ ସାଂସ୍କୃତିକ ବିଭବଗୁଡ଼ିକର ସଂରକ୍ଷଣ କରାଯାଉ ନ ହେଲେ ଭୁବନେଶ୍ୱରର ପ୍ରାଚୀନ ଐତିହ୍ୟ ଆଧୁନିକତାର ଚକତଳେ ବିଲୀନ ହୋଇଯିବ।

ନୂତନ ସହରଟିଏ ଗଢ଼ିବା ସହଜ। କିନ୍ତୁ ଗଢ଼ାଯାଇଥିବା ପୁରାତନ ସହରକୁ ପୁନଃନିର୍ମାଣ କରିବା ନିଶ୍ଚିତଭାବେ ଏକ କଷ୍ଟକର ବ୍ୟାପାର। କିନ୍ତୁ ଏହା ଅସମ୍ଭବ ନୁହେଁ। ଆଜି ରାଜଧାନୀ ପ୍ରତିଷ୍ଠା ଦିବସରେ ପ୍ରତ୍ୟେକ ଭୁବନେଶ୍ୱରବାସୀଙ୍କର ଅନ୍ତଃସ୍ୱର ହେଉ, ''ମୋ ସହର ମୋ ଗର୍ବ ଓ ଗୌରବ''।

**ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା**
**ମୋ: ୯୮୬୧୦୬୪୯୫୦**

## ଆମ ପାଠ



ଦ୍ୱିତୀ ଚନ୍ଦ୍ର ସାହୁ

ନିକଟରେ ଏକ ଜିଲାରେ ଜିଲା ପ୍ରଶାସନଙ୍କ ଆଗ୍ରହକ୍ରମେ ମଧୁ ବର୍ଣ୍ଣବୋଧ ଅଭିଯାନ ଆରମ୍ଭ କରାଯାଇଛି। ଏହା ଶୁଣିବା ପରେ ଅନେକ କଥା ତାଜା ହୋଇଗଲା। ଠିକ୍ ମନେଅଛି ପିଲାଦିନେ ପାଠ ପଢ଼ିଲାବେଳେ ଓଡ଼ିଆ ଭାଷା ଶିକ୍ଷା ପାଇଁ ଦୁଇଟି ବହି ପିଲାଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଗୋଟେ ହେଲା ଛବିଳ ମଧୁ ବର୍ଣ୍ଣବୋଧ। ବିଲେଇ ଚିତ୍ର ଥିବ ମଲାଟରେ। ସେଇ ବିଲେଇକୁ ନେଇ ପିଲାଙ୍କ ମନରେ ନାନା କଳ୍ପନାଜଳ୍ପନା ଆରମ୍ଭ ହେଉଥିଲା। ସେଇଠୁ ଆରମ୍ଭ ହେଉଥିଲା ଅକ୍ଷର ଶିକ୍ଷା। ଦ୍ୱିତୀୟଟି ହେଲା ଆମ ଚାଟଶାଳୀ ପାଠ। ଏଥିରେ ଯୁକ୍ତାକ୍ଷର, ଫଳା, ସଂଖ୍ୟା, ମେଟ୍ରିକ ପଦ୍ଧତି, ପ୍ରାର୍ଥନା ଗୀତ ସହ ଆହୁରି ଅନେକ କଥା ରହିଥିଲା। ସାମାନ୍ୟ ଉଚ୍ଚତର ଶ୍ରେଣୀର ପିଲାଙ୍କ ପାଇଁ ଏହା ଅତି ପ୍ରିୟ ପୁସ୍ତକ ଥିଲା। ସେଥିରୁ ପିଲା ନାନା ପ୍ରକାର ପ୍ରାର୍ଥନା ଗୀତ ଶିଖୁଥିଲେ। ଅନେକ ସାଧାରଣ ଜ୍ଞାନ ବି ହାସଲ କରୁଥିଲେ। ପ୍ରାଥମିକ ଶିକ୍ଷା ପରେ ଇଂରାଜୀ ଶିକ୍ଷାରେ ପାରଦର୍ଶିତା ଲାଭ ଲାଗି ଖୋଜା ପଡୁଥିଲା ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ଟ୍ରାନ୍ସଲେଶନ ପୁସ୍ତକ। ଏସବୁ ବହି ସମସ୍ତଙ୍କ ପ୍ରିୟ। ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଲାଗି ଏଇ ସୁବିଧା ପ୍ରାୟତଃ ଥିଲା। ଆଉ ଟିକିଏ ଉନ୍ନତ ଅଞ୍ଚଳରେ ଅଧିକ ବହିର ସୁବିଧା ସୁଯୋଗ ରହିଥିଲା। ସେତେବେଳେ ହେଉଥିଲା ଶ୍ରୀଫଳ ଉତ୍ସବ। ଗାଁ ଗାଁ ବୁଲି ଗୁରୁଙ୍କ ବନ୍ଦନା ଗାନ। ସରସ୍ୱତୀ ପୂଜା ବେଳକୁ ପାଠପଢ଼ାର ଶୁଭାରମ୍ଭ ହେଉଥିଲା ତିନୋଟି ଶୂନରୁ। ବିଦ୍ୟାଳୟରେ ନୂଆ ପିଲାଙ୍କ ଭିଡ଼। କପାଳରେ ଲେସି ଦିଆଯାଉଥିଲା ତିନୋଟି ଶୂନର ଯେତକ ଚକ୍‌ଖଡ଼ି ଗୁଣ୍ଡର ପ୍ରଲେପ। ତା'ପରଠାରୁ ପିଲାର ବିଦ୍ୟାରମ୍ଭ।

ମଧୁ ବର୍ଣ୍ଣବୋଧରେ ଥିବା ଅକ୍ଷର ଓ ଯୁକ୍ତାକ୍ଷର, ପଦ ଆଦି କ୍ରମଶଃ ଶିଖୁଥିଲା ପିଲା। ତେଣିକି ଶବ୍ଦ ଓ ବାକ୍ୟ। ହସ୍ତାକ୍ଷର ଲିଖନ ବାଧ୍ୟତାମୂଳକ ଥିଲା। ଏକଥା ହୁଏତ କୁହାଯାଇପାରେ ସେତେବେଳର ଶିକ୍ଷାଦାନ ନିରସ ଥିଲା। ଶିଖେଇବା ପ୍ରଣାଳୀ କଷ୍ଟକର ଥିଲା। ପିଲା ଶିକ୍ଷକଙ୍କ ମାଡ଼ ଡରରେ ପାଠ ପଢ଼ିବା ଛାଡ଼ି ଦେଉଥିଲେ ଇତ୍ୟାଦି ଇତ୍ୟାଦି ଅଭିଯୋଗ କରାଯାଇପାରେ। ଏହାକୁ ସ୍ୱୀକାର ବି କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ପିଲା ଯାହା ଶିଖୁଥିଲେ ତାହା ଫଳପ୍ରଦ ଥିଲା। ଏବେ ଅନେକଙ୍କ ଅଭିଯୋଗ ଯେ ଡିଗ୍ରୀ ପଢୁଥିବା ପିଲାଟି ଇଂଲିଶରେ ଦରଖାସ୍ତ ଲେଖିଲାବେଳେ ଅନେକ ଥର ଝୁଣ୍ଟୁଛି। ସେଥିରୁ ସିଂହଭାଗ ପିଲା ଲେଖି ବି ପାରନ୍ତିନାହିଁ। ସେମିତି ଅଷ୍ଟମ ଶ୍ରେଣୀର ପିଲାକୁ ବହି ପଢ଼ିବା ଆସୁନାହିଁ। ଶବ୍ଦ ଚିହ୍ନିପାରୁନାହିଁ। ଏଥିପାଇଁ ବେଧଡ଼କ ହୋଇ ଶିକ୍ଷକଙ୍କ ଉପରେ ଦୋଷ ଲଦିଦିଆଯାଉଛି। କିନ୍ତୁ ତା' ପଛର କରୁଣ ବାସ୍ତବତାକୁ ଜାଣିବା ବି ଆବଶ୍ୟକ। ଏଥିପାଇଁ କେବଳ ଶିକ୍ଷକଙ୍କୁ ଦାୟୀ କରାଯାଇପାରିବନାହିଁ। ସବୁଠାରୁ ବଡ଼ କଥା ହେଲା ଶିକ୍ଷକଙ୍କୁ ପାଠ ପଢ଼ାଇବାରେ ପୂର୍ବ ଭଳି ସ୍ୱାଧୀନତା ନାହିଁ। ସରକାରୀ ଓ ସରକାରୀ ପ୍ରୋତ୍ସାହନରେ ବେସରକାରୀ ସଙ୍ଗଠନଗୁଡ଼ିକ ଏତେ ପ୍ରକାର ତାଲିମ ଦେଉଛନ୍ତି ଯେ ଶିକ୍ଷକମାନେ ବାସ୍ତବରେ ସେସବୁକୁ ବୁଝି କାମ କରିବାକୁ ହାତରେ ସମୟ ନାହିଁ। ତାଲିମ ସାରି ବିଦ୍ୟାଳୟକୁ ଫେରିଲେ ତଥ୍ୟ ଫର୍ଦ୍ଦ ଦେବା ପାଇଁ ବିଡ଼ାଏ କାଗଜ ବିଦ୍ୟାଳୟରେ କିମ୍ବା ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଆସି ଯାଇଥିବ ମୋବାଇଲକୁ। ସେସବୁ ପୂରଣକରି ଦେଉ ଦେଉ ବିଦ୍ୟାଳୟ ଶିକ୍ଷାଦାନ ଠପ୍ ହୋଇଯାଇଥିବ। ଏମିତି ବି ଅଛି ବିଦ୍ୟାଳୟ ଥିବ ପିଲା ନ ଥିବେ। ପିଲା ହାଉଯାଉ ହେଉ ଥିବେ, ଶିକ୍ଷକଙ୍କ ଅଭାବ ଲାଗି ରହିଥିବ। ଶିକ୍ଷକଙ୍କ ଅଭାବ ଭିତରେ ଏତେ ସବୁ ବ୍ୟବସ୍ଥା ଶିକ୍ଷକଙ୍କ ମାନସିକତାକୁ ଦୋହଲାଇ ଦେଉଛି।

ଚାପଗ୍ରସ୍ତ ହୋଇ ଶିକ୍ଷକ ଚାକିରି ବଞ୍ଚାଇବା ଲାଗି ପ୍ରଥମେ ବରାଦ ହୋଇଥିବା ତଥ୍ୟ ଓ ତାଲିମ କାର୍ଯ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି। ଶ୍ରେଣୀ ଶିକ୍ଷାଦାନକୁ ପରବର୍ତ୍ତୀ ଗୁରୁତ୍ୱ ଦେବାକୁ ବାଧ୍ୟ ହେଉଛି। ତା' ସହ ବୃତ୍ତି ପଛରେ ଅନେକ କାର୍ଯ୍ୟଭାର ଲଦି ଦିଆଯାଉଛି। ସେସବୁ କାମ କଲାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ହୋଇପାରୁନାହିଁ। ଶ୍ରେଣୀ କକ୍ଷ ପଡ଼ିଆ ପଡୁଛି। ହୋହଲ୍ଲା ଭିତରେ ଦିନ ବିତାଉଛନ୍ତି ପିଲା। କିଛି ବର୍ଷ ଧରି ଯେଉଁଭଳି ଭାବେ ପିଲାଙ୍କୁ ଶିକ୍ଷା ଆରମ୍ଭ କରାଯିବା ଲାଗି ବିଧିବଦ୍ଧ ବ୍ୟବସ୍ଥା କରାଯାଇଛି ସେଥିନେଇ ବି ଶିକ୍ଷକ, ପିଲା ଓ ଶିକ୍ଷାବିତ୍‌ଙ୍କ ମନରେ ଅନେକ ଦ୍ୱନ୍ଦ୍ୱ। ସେ ଦ୍ୱନ୍ଦ୍ୱକୁ ଏଯାବତ ସଫଳ ସମାଧାନ କରାଯାଇ ନାହିଁ। ଅପରପକ୍ଷେ ଶିକ୍ଷକମାନଙ୍କ ମାନସିକତାକୁ ଅବଲୋକନ କରି ନିର୍ଦ୍ଦିଷ୍ଟ ଶଗଡ଼ଗୁଳା ଭିତରେ ଶିକ୍ଷାଦାନ ଲାଗି ଏକ ପ୍ରକାର ଧାରା ଲଦିଦେବାର ପ୍ରୟାସ କରାଯାଇଛି। ଯେଉଁଠି ଶିକ୍ଷକ ଏସବୁ ଧାରାରୁ ମୁକୁଳି ନିଜ ଶୈଳୀରେ ଶିକ୍ଷାଦାନ ଲାଗି ଆଗ୍ରହ ପ୍ରକଟ କରିଛନ୍ତି ସେଠି ଶିକ୍ଷା ସୁଦୂରପ୍ରସାରୀ ହୋଇଛି।

**ଇନ୍ଦିରାନଗର, ୪ର୍ଥ ଗଳି, ରାୟଗଡ଼ା,**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଜଳବାୟୁ ପରିବର୍ତ୍ତନର କାରଣ ପାଲଟିଥିବା ସବୁଜ ଗୃହ ବାଷ୍ପ ନିର୍ଗମନ କମାଇବା ଲାଗି ବିଶ୍ୱ ସ୍ତରରେ ବ୍ୟାପକ ପ୍ରୟାସ କରାଯାଉଥିବାବେଳେ ଏଥିରେ ଦୁଇ ଭାରତୀୟଙ୍କ ଯୋଗଦାନ ପ୍ରଶଂସନୀୟ। ଆଇଆଇଟି କାନପୁର ଡିଗ୍ରୀଧାରୀ ରବି ସରୋଜ ଏବଂ ଅଲ୍ ଇଣ୍ଡିଆ ରାଇସ୍ ଏକ୍ସପୋର୍ଟସ ଆସୋସିଏଶନ ବା ସର୍ବଭାରତୀୟ ଚାଉଳ ରପ୍ତାନି ସଂଘର ପୂର୍ବତନ ସଭାପତି ବିଜୟ ସେଟିଆ ଏକ ମେଶିନ ନିର୍ମାଣ କରିଛନ୍ତି, ଯାହା କାର୍ବନ ମନୋକ୍ସାଇଡ୍ ଏବଂ ସଲ୍‌ଫର ଡାଇଅକ୍ସାଇଡ୍ ଭଳି ମାରାତ୍ମକ ଗ୍ୟାସ୍ ନିର୍ଗମନ ରୋକିପାରୁଛି। ଏହା ଦୁଇଟି କାମ ଏକାବେଳକେ କରୁଛି। କାର୍ବନ ଡାଇଅକ୍ସାଇଡ୍‌କୁ ସମ୍ପୂର୍ଣ୍ଣ ଅବଶୋଷଣ କରିନେବା ସହ ଇନ୍ଧନ ଗ୍ୟାସ୍ ସଲ୍‌ଫର ଡାଇଅକ୍ସାଇଡ ଏବଂ ନାଇଟ୍ରୋଜେନ ଡାଇଅକ୍ସାଇଡ ଅଲଗା କରୁଛି। ଦହନ ପ୍ରକ୍ରିୟାକୁ ପୁନର୍ବାର ସଲ୍‌ଫର ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଯୋଗାଇ ଦେଉଛି। ଶତ ପ୍ରତିଶତ ସବୁଜ ଗୃହ ବାଷ୍ପ ନିର୍ଗମନ ବନ୍ଦ କରୁଥିବାରୁ ଏହା ଦିଲ୍ଲୀ ଏନ୍‌ସିଆର ଏବଂ ଅନ୍ୟ ସହରଗୁଡ଼ିକରେ ପ୍ରଦୂଷଣ ସୁଧାରିବାରେ ସହାୟକ ହେବ ବୋଲି କହିଛନ୍ତି ରବି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଏପ୍ରିଲ ୧୯୯୭**

- ଏୟାର ଟ୍ରାଫିକ ଗିଲ୍‌ଡ ଏବଂ ବିମାନ ବନ୍ଦର କର୍ତ୍ତୃପକ୍ଷମାନଙ୍କ ସହ ଆଲୋଚନା କରାଯିବା ପରେ ଦେଶବ୍ୟାପୀ ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କ ଦୁଇଦିନିଆ ଧର୍ମଘଟ ପ୍ରତ୍ୟାହୃତ।
- ମଣିପୁରର ରାଜଧାନୀ ଇମ୍ଫାଲଠାରେ ୭୨ ଜଣ ଚରମପନ୍ଥୀଙ୍କ ଆତ୍ମସମର୍ପଣ।
- ଆର୍ମି ଓ ସିଭିଲ ଅଥରିଟିଜ୍‌ର ମିଳିତ ଉଦ୍ୟମରେ ସ୍ଥାନୀୟ ଛତ୍ରପୁର ନିକଟସ୍ଥ ତୁମାରୀ ତାମ୍ପରା ହ୍ରଦଠାରେ ୱାଟର ସ୍ପୋର୍ଟସ୍ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | 3 | 7 | |
| | | 2 | | 4 | | 9 | | |
| | 5 | | | | | | | |
| 7 | | | | 6 | | | 3 | 1 |
| | | | 8 | | | | | 9 |
| | 9 | | | | | | | |
| | | | | 9 | 6 | | 4 | 8 |
| | | 6 | | | | 2 | | |
| | | 1 | | 2 | 5 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 6 | 3 | 8 | 5 | 1 | 9 | 4 |
| 9 | 1 | 8 | 6 | 2 | 4 | 3 | 7 | 5 |
| 4 | 3 | 5 | 7 | 1 | 9 | 2 | 8 | 6 |
| 5 | 9 | 7 | 4 | 6 | 1 | 8 | 2 | 3 |
| 6 | 2 | 3 | 8 | 9 | 7 | 4 | 5 | 1 |
| 8 | 4 | 1 | 2 | 5 | 3 | 9 | 6 | 7 |
| 3 | 8 | 9 | 1 | 7 | 6 | 5 | 4 | 2 |
| 7 | 5 | 4 | 9 | 3 | 2 | 6 | 1 | 8 |
| 1 | 6 | 2 | 5 | 4 | 8 | 7 | 3 | 9 |

ଗତକାଲିର ଉତ୍ତର

# ଗଣତନ୍ତ୍ର ଓ ନାଗରିକ



ଦୀପକ କୁମାର ନନ୍ଦ

ଓଡ଼ିଶାରେ ପଞ୍ଚାୟତିରାଜ ନିର୍ବାଚନ ଶେଷ ହୋଇ ସାରିଥିଲେ ବି ସେଥିରେ ଅନେକ ବିଷୟ ସାମ୍ନାକୁ ଆସିଛି। ତୃଣମୂଳ ସ୍ତରରେ ଗଣତନ୍ତ୍ର ପ୍ରତିଷ୍ଠା, ସ୍ଥାନୀୟ ବିକାଶମୂଳକ ଯୋଜନା ଏବଂ କାର୍ଯ୍ୟକରିବା ପାଇଁ ପଞ୍ଚାୟତିରାଜ ନିର୍ବାଚନ ଏବଂ ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ପରିପ୍ରେକ୍ଷୀରେ କେବଳ ଏକ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ନୁହେଁ ତା ସହିତ ଗଣ ବିତର୍କ, ଆଲୋଚନା ଏବଂ ସଚେତନ ନାଗରିକ ବିଷୟରେ ଆଲୋଚନା କରିବା ନିହାତି ଜରୁରୀ।

ଗତ ନିର୍ବାଚନ ସମୟରେ କିଛି ବିଚଳିତ ସହିତ କିଛି ଆଦର୍ଶ ଦୃଶ୍ୟ ଦେଖିବାକୁ ମିଳିଥିଲା। ସର୍ବସାଧାରଣରେ ଏକ ଦୃଶ୍ୟ ଆସିଥିଲା ବାଲାଙ୍ଗୀର ଜିଲାର ଏକ ଗାଁରେ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ପାର୍ଥୀଙ୍କୁ ନିଲାମ କରିଥିଲେ, କିନ୍ତୁ ପରେ ଜିଲା କଲେକ୍ଟର ଏଥିରେ ହସ୍ତକ୍ଷେପ କରି ନିର୍ବାଚନ କରାଇଥିଲେ। ଅନ୍ୟ ସ୍ଥାନମାନଙ୍କରେ ପ୍ରଚାର ସମୟରେ ଟଙ୍କା ବଣ୍ଟନ କରିଥିବା ଅଭିଯୋଗ ହୋଇଛି। ଏହା ଏକ ଖୋଲା ସତ୍ୟ ଯେ ଅର୍ଥ, ବାହୁବଳ ଏବଂ ମଦ୍ୟ ଗ୍ରାମାଞ୍ଚଳର ନିର୍ବାଚନକୁ ପ୍ରଭାବିତ କରିଥାଏ। ଅପରପକ୍ଷେ, ସୁନ୍ଦରଗଡ଼ ଜିଲାର ଏକ ଗାଁରେ ଏକ ଆଦର୍ଶ ଅଭ୍ୟାସ ଦେଖିବାକୁ ମିଳିଥିଲା, ଯହିଁରେ ପ୍ରାର୍ଥୀମାନଙ୍କୁ ସେମାନଙ୍କ ଉଦ୍ଦେଶ୍ୟର ବିବୃତି ପରୀକ୍ଷା ମାଧ୍ୟମରେ ଲେଖିବାକୁ କୁହାଯାଇଥିଲା। ପଞ୍ଚାୟତ ସ୍ତରୀୟ ନିର୍ବାଚନରେ ଏଭଳି ଘଟଣା ସାଧାରଣତଃ ଅବାସ୍ତବିକ, ଯାହା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନିର୍ବାଚନରେ ଏବଂ ଆମେରିକାରେ ରାଷ୍ଟ୍ରପତିଙ୍କ ନିର୍ବାଚନୀ ବିତର୍କରେ ଦେଖିବାକୁ ମିଳିଥାଏ। ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନଙ୍କ ଅନୁଯାୟୀ, 'ଗଣ ଆଲୋଚନା ଏବଂ ବିତର୍କ' ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତରେ ବହୁଳ ଜନସାଧାରଣଙ୍କ ଅଂଶଗ୍ରହଣ ସହିତ ସର୍ବସାଧାରଣ ଅବଗତ ହୋଇ ଆଲୋଚନା ହେବା ଆହୁରି ଆବଶ୍ୟକ।

ତେବେ ପ୍ରଶ୍ନ ହେଉଛି, ନାଗରିକମାନଙ୍କର ଗୋଟିଏ ଗୋଷ୍ଠୀ କାହିଁକି ଟଙ୍କା ଏବଂ ମଦ୍ୟକୁ ବାଛିଥିବାବେଳେ ଅନ୍ୟଟି ପ୍ରାର୍ଥୀ ଚୟନ କରିବା ପୂର୍ବରୁ କିଛି ବିତର୍କ ଏବଂ ଆଲୋଚନାକୁ ବାଛିଛନ୍ତି? ତାହାର ଉତ୍ତର ଅବଗତ ତଥା ସଚେତନ ନାଗରିକ ଏବଂ ରାଜନୈତିକ ଦଳର ପ୍ରକୃତି ମଧ୍ୟରେ ରହିଛି। ଆଜିକାଲି ନାଗରିକଙ୍କୁ ଏକ କାର୍ଯ୍ୟକର୍ତ୍ତାର ରୂପ ଦେବା ରାଜନୈତିକ ଦଳଗୁଡ଼ିକର ଏକ ଫ୍ୟାଶନ ପାଲଟି ଗଲାଣି। ସେମାନେ ନିଜ ପାଖରେ ଥିବା କାର୍ଯ୍ୟକର୍ତ୍ତାର ସଂଖ୍ୟା ବିଷୟରେ ମଧ ଗର୍ବ କରନ୍ତି ଏବଂ ତା ସହିତ ନାଗରିକ ମଧ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ସହିତ ସେମାନଙ୍କର ସଂପୃକ୍ତିକୁ ନେଇ ଆନନ୍ଦିତ। ସେମାନେ ସ୍ଥାନୀୟ ନେତାଙ୍କ ସହ ସଂଯୋଗ ରଖି ରାସ୍ତା ନିର୍ମାଣ ଏବଂ ଅନ୍ୟାନ୍ୟ ନାଗରିକ କାର୍ଯ୍ୟ କରି ଟଙ୍କା ରୋଜଗାର କରି ନିଜର ଆଧିପତ୍ୟ ଜାହିର କରନ୍ତି। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ନିର୍ଦ୍ଦିଷ୍ଟ ପଦବୀ ଏବଂ ଦାୟିତ୍ୱ ମଧ ଦିଆଯାଇ ଥାଏ ଯେପରି କି ମଣ୍ଡଳ, ବ୍ଲକ, ଜୋନାଲ ଏବଂ ପଞ୍ଚାୟତ ସଭାପତି ଇତ୍ୟାଦି। ଏହା ସହିତ ଗ୍ରାମାଞ୍ଚଳରେ ଅଧିକାଂଶ ନାଗରିକ ସେମାନଙ୍କ ଅଧିକାର ବିଷୟରେ ଅବଗତ ନୁହନ୍ତି। ସେମାନେ ଗଣତନ୍ତ୍ର ଏବଂ ସମ୍ବିଧାନ ଅପେକ୍ଷା ରାଜନୈତିକ ଦଳ ଏବଂ ସରକାରକୁ ଅଧିକ ଶ୍ରେୟ ମନେକରନ୍ତି। ଏହାର କାରଣ ହେଉଛି ରାଜନୈତିକ ଦଳମାନେ ସିଧାସଳଖ ଲୋକଙ୍କ ସହ ଯୋଡି ହୋଇ ପାର୍ଟି କର୍ମୀ ସୃଷ୍ଟି କରନ୍ତି, କିନ୍ତୁ ନାଗରିକମାନଙ୍କୁ ସାମ୍ବିଧାନିକ ଅଧିକାର ଅବଗତ କରାନ୍ତି ନାହିଁ। ଆଉ ସେହି ଲୋକମାନେ ରାଜନୀତିକୁ ଏକ ଲାଭଜନକ ବ୍ୟବସାୟ ଏବଂ ନିର୍ବାଚନ ଏକ ସମୟ ମନେ କରନ୍ତି; ତେଣୁ ସେମାନେ ପ୍ରଚାର ସମୟରେ ପ୍ରାର୍ଥୀଙ୍କଠାରୁ ଟଙ୍କା ମାଗନ୍ତି। ନିର୍ବାଚନ ସମୟରେ ପ୍ରାର୍ଥୀ ଭୋଟ ପାଇଁ ଗାଁକୁ ଆସନ୍ତି, କିନ୍ତୁ ଜିତିବା ପରେ ସେମାନଙ୍କର ଆଚରଣ ବଦଳିଯାଏ। ତେଣୁ କିଛି ନାଗରିକ ପ୍ରାର୍ଥୀଙ୍କଠାରୁ ଟଙ୍କା ବାହାର କରିବାର ଏକମାତ୍ର ପ୍ରଚାର ସମୟ ପାଇଥାନ୍ତି। ଅଧିକନ୍ତୁ, ଏହା ମଧ ସାକ୍ଷୀ ଯେ ଥରେ ଜଣେ ବ୍ୟକ୍ତି ନିର୍ବାଚିତ ହୋଇଗଲେ, କିଛି ବଡ଼ ଧରଣର ନ ହେଲେ ବି ଅନ୍ତତଃ ନିଜ ପାଇଁ ପ୍ରଧାନମନ୍ତ୍ରୀ ଆବାସିକ ବାସଗୃହ ଯୋଜନା ଅଧୀନରେ ଘରଖଣ୍ଡିଏ କରିନିଏ।

ଅନ୍ୟପକ୍ଷରେ ସଚେତନ ନାଗରିକ ମୂଳତଃ ଗଣତାନ୍ତ୍ରିକ ତଥା ସାମ୍ବିଧାନିକ ଅଧିକାରକୁ ଗୁରୁତ୍ୱ ଦିଏ ଏବଂ ରାଜନେତା ତଥା ଦଳଗୁଡ଼ିକରୁ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଦାବି କରେ। ଆଇନ ଏବଂ ଭାରତୀୟ ସମ୍ବିଧାନରେ ଲିଖିତ ଅଧିକାର ଏବଂ ବ୍ୟବସ୍ଥା ବିଷୟରେ ସେମାନେ ଅବଗତ। ସେମାନେ ଜାଣନ୍ତି ଯେ ଜଣେ ସଚେତନ ନାଗରିକ ରାଜନୈତିକ ଦଳଠାରୁ ଊର୍ଦ୍ଧ୍ୱରେ, ତେଣୁ କୌଣସି ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା ବୋଲି ନିଜକୁ ଯୋଡ଼ିବାକୁ ଉଚିତ ମନେକରନ୍ତି ନାହିଁ। ସେମାନେ ନିର୍ବାଚନ ସମୟରେ ପ୍ରାର୍ଥୀଙ୍କ ଦକ୍ଷତା ଦେଖନ୍ତି ଏବଂ ଭୋଟ ଦିଅନ୍ତି। ସୁନ୍ଦରଗଡ଼ରେ ଘଟିଥିବା ଘଟଣା ଯେଉଁଠାରେ ସରପଞ୍ଚ ପ୍ରାର୍ଥୀଙ୍କୁ ପରୀକ୍ଷା ଲେଖିବାକୁ କୁହାଯାଇଥିଲା ତାହା ସଚେତନ ନାଗରିକଙ୍କ ନିଷ୍ପତ୍ତି ଏବଂ ଚାପକୁ ସୂଚାଇଥାଏ। ଅନ୍ୟ ଅର୍ଥରେ, ଗଣତନ୍ତ୍ରରେ ଆଦର୍ଶ ଅଭ୍ୟାସ ସଚେତନ ନାଗରିକଙ୍କଠାରୁ ଆସିଥାଏ।

ତେଣୁ ଏହା ସିଦ୍ଧାନ୍ତ କରାଯାଇ ପାରେ ଯେ ନିର୍ବାଚନରେ ଏକ ଆଦର୍ଶ ଅଭ୍ୟାସ ସୂଚନାପ୍ରାପ୍ତ ସଚେତନ ନାଗରିକଙ୍କଠାରୁ ଆସିଥାଏ। ଖୁବ୍ କମ୍ ନାଗରିକ ସୂଚନାପ୍ରାପ୍ତ ସଚେତନ, କିନ୍ତୁ ଉତ୍ତମ ଶାସନ ପାଇଁ ଗଣତନ୍ତ୍ର ଅଧିକ ସୂଚନାପ୍ରାପ୍ତ ନାଗରିକ ଆବଶ୍ୟକ କରେ। ଯେଉଁ ମୁହୂର୍ତ୍ତରେ ଜଣେ ନାଗରିକ ଏକ ରାଜନୈତିକ ଦଳର କାର୍ଯ୍ୟକର୍ତ୍ତା ରୂପରେ ସୀମିତ ରୁହେ, ସମାଜ ଏକ ଅବଗତ ତଥା ସଚେତନ ନାଗରିକକୁ ହରାଇଥାଏ। କାରଣ ସେମାନଙ୍କୁ ରାଜନୈତିକ ଦଳକୁ ଅନୁସରଣ କରିବାକୁ ପଡ଼ିବ ଏବଂ ସିଧାସଳଖ ସମ୍ବିଧାନକୁ ନୁହେଁ । ଆମର ଅଧିକ ସକ୍ରିୟ ରାଜନୈତିକ ଦଳ ଅଛନ୍ତି, ଯେଉଁମାନେ ନାଗରିକଙ୍କୁ ସୂଚନା ଦିଅନ୍ତି ନାହିଁ କିନ୍ତୁ କାର୍ଯ୍ୟକର୍ତ୍ତା ତିଆରି କରନ୍ତି। ଅପରପକ୍ଷେ, କମ ସଂସ୍ଥା, ଅନୁଷ୍ଠାନ, ରାଜନୈତିକ ଦଳ ଅଛନ୍ତି ଯେଉଁମାନେ ସଚେତନ ନାଗରିକ ତିଆରି କରନ୍ତି। ଅନ୍ୟପକ୍ଷରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଅଧିକ ସଚେତନ ନାଗରିକର ଆବଶ୍ୟକତା ଅଛି।

**ପିଏଚଡି ସ୍କଲାର, ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ, ମୁମ୍ବାଇ**
nandadeepak3@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବାଉଁଶ ପ୍ରକ୍ରିୟାକରଣ ଶିଳ୍ପ ଆବଶ୍ୟକ

ମହାଶୟ,

ଅନ୍ତର୍ଜାତୀୟ ବଜାରରେ ବାଉଁଶରୁ ନିର୍ମିତ ସାଜସଜ୍ଜା ଓ ଆସବାବପତ୍ର ଆଦୃତ ହେଲାଣି। ଏପରିକି ସାଇକେଲ, ହେଲ୍‌ମେଟ, ଚଷମା ଫ୍ରେମ୍ ଓ ଘଣ୍ଟା ବ୍ୟାଣ୍ଡ୍ ପାଇଁ ବାଉଁଶକୁ କଞ୍ଚାମାଲ ଭାବେ ବ୍ୟବହାର କରାଗଲାଣି। ତେବେ ବିଶ୍ୱରେ ୧୨୫୦ ପ୍ରଜାତିର ବାଉଁଶ ଥିବାବେଳେ ଭାରତରେ ୧୨.୮ ପ୍ରତିଶତ ଭୌଗୋଳିକ ଅଞ୍ଚଳରେ ମାତ୍ର ୧୨୫ ପ୍ରଜାତିର ବାଉଁଶ ଗଛ ରହିଛି। ଏହା ଆମର ବ୍ୟବହୃତ ବାଉଁଶ ସାମଗ୍ରୀର ଚାହିଦା ପୂରଣ କରିପାରୁ ନାହିଁ। ବ୍ୟାପକ ଗବେଷଣା ଫଳରେ ଟିସୁ କଲ୍‌ଚର, ଜୀନୀୟ ପରିବର୍ତ୍ତନ ଦ୍ୱାରା ନୂତନ କିସମ, ଉନ୍ନତ ଗୁଣବତ୍ତା ବିଶିଷ୍ଟ ଏବଂ ଶୀଘ୍ର ବଢୁଥିବା ବାଉଁଶ ଚାରା ପ୍ରସ୍ତୁତ କରାଯାଇଛି। ଓଡ଼ିଶାରେ ଅନେକ ଲୋକ ବାଉଁଶ ଉପରେ ନିର୍ଭରଶୀଳ ଏବଂ ଏହା ସେମାନଙ୍କର ଗୁଜୁରାଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ସୂଚନା ଥାଉକି ବାଉଁଶ ପ୍ରକ୍ରିୟାକରଣ ଶିଳ୍ପ ଭାବେ ଉତ୍ତରପ୍ରଦେଶ, ଗୁଜରାଟ, ତ୍ରିପୁରା, ଆସାମ, କେରଳ ଓ ହିମାଚଳ ପ୍ରଦେଶ ପରି ରାଜ୍ୟରେ ଗ୍ରହଣ ହୋଇସାରିଛି। ୨୦୧୭ରେ ସୁପ୍ରିମକୋର୍ଟ ମଧ ଏକ ମଧ୍ୟବର୍ତ୍ତିକାଳୀନ ରାୟରେ ଏ ନେଇ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତ୍ରିପୁରାରେ ଏକ କାରଖାନାରେ ବାଉଁଶ ପ୍ରକ୍ରିୟାକରଣ ସହ ବହୁ ନୂଆ ଉତ୍ପାଦ ପ୍ରସ୍ତୁତ ହେଉଛି। ଓଡ଼ିଶାରେ ଏପରି ଏକ କାରଖାନା ସ୍ଥାପନ ପାଇଁ ସରକାରୀ ସୂତ୍ରରୁ ଉଦ୍ୟମ ହେବା ଦରକାର।

**-ଅଲେଖ ଚନ୍ଦ୍ର ସାମଲ, ବାଲିଚନ୍ଦ୍ରପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବହୁ ଦିବସର ବିସ୍ମୃତ ମୋର ବିବାହ ନବ ସ୍ୱପନ।
ପଉଷ ବାଆରେ ପଠାଇଛି ତା'ର ମଙ୍ଗଳ ନିମନ୍ତ୍ରଣ
ଦୂର ଦିଗନ୍ତୁ କାନ୍ଦେ ମହୁରୀ
ବାଜି ଉଠେ ଢକା ବାଜି ଉଠେ ତୂରୀ
ଶୁଭ୍ର ତୁଷାର ଶ୍ୟାମଳ ଧରାରେ କରେ ପଦ ଅରପଣ
ଆଣିଛି ସେ ମୋର ବିବାହର ନିମନ୍ତ୍ରଣ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଜୁକରବର୍ଗଙ୍କ ସୁରକ୍ଷା ଖର୍ଚ୍ଚ ୨୦୫ କୋଟି** | ମେଟା ସିଇଓ ମାର୍କ ଜୁକରବର୍ଗଙ୍କ ସୁରକ୍ଷା ପାଇଁ କମ୍ପାନୀର ଖର୍ଚ୍ଚ ବଢ଼ିବାରେ ଲାଗିଛି। ପୂର୍ବରୁ ଫେସବୁକ୍ ନାମରେ ଜଣାଥିବା ଏହି ସୋସିଆଲ ମିଡିଆ ଜିଆଣ୍ଟ ଜୁକରବର୍ଗଙ୍କ ସୁରକ୍ଷାରେ ୨୦୨୧ରେ ୨୭ ମିଲିୟନ ଡଲାର (ପ୍ରାୟ ୨୦୫ କୋଟି ଟଙ୍କା) ଖର୍ଚ୍ଚ କରିଛି। ଜୁକରବର୍ଗଙ୍କୁ ତାଙ୍କ ଘରେ ଏବଂ ବ୍ୟକ୍ତିଗତ ଯାତ୍ରା ସମୟରେ ମଧ କମ୍ପାନୀ ତାଙ୍କୁ ପ୍ରୋଟେକ୍ସନ୍ ଦେଇଛି। ଏହାବାଦ କମ୍ପାନୀ ତାଙ୍କ ପରିବାର ସଦସ୍ୟଙ୍କ ନିରାପତ୍ତା ପାଇଁ ୧୦ ମିଲିୟନ ଡଲାର ଖର୍ଚ୍ଚ କରିଛି। ୩୭ ବର୍ଷୀୟ ଜୁକରବର୍ଗଙ୍କ ସୁରକ୍ଷା ବାବଦରେ କମ୍ପାନୀର ଖର୍ଚ୍ଚ ୨୦୨୦ ତୁଳନାରେ ୬ % ବୃଦ୍ଧି ପାଇଛି।

# ଶ୍ରୀଲଙ୍କା ଦେବାଳିଆ

## ଶୁଝି ପାରିବନି ୫୧ ବିଲିୟନ ଡଲାର ଋଣ

**କଲମ୍ବୋ, ୧୨।୪**

ଶ୍ରୀଲଙ୍କାରେ ଲାଗି ରହିଥିବା ଆର୍ଥିକ ସଙ୍କଟ ଦିନକୁ ଦିନ ଅଧିକ ଗମ୍ଭୀର ହେବାରେ ଲାଗିଛି। ବିଦେଶ ଓ ବିଭିନ୍ନ ସୂତ୍ରରୁ ଆଣିଥିବା ୫୧ ବିଲିୟନ ଡଲାର ଋଣ ଶୁଝିବାରେ ଶ୍ରୀଲଙ୍କା ଅସମର୍ଥ ବୋଲି କହି ଅର୍ଥମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଦେଶକୁ ଦେବାଳିଆ ଘୋଷଣା କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଅନ୍ୟ ଦେଶର ସରକାରଙ୍କ ସମେତ ଇଣ୍ଟରନ୍ୟାଶନାଲ ମନିଟାରୀ ଫଣ୍ଡ ଏବଂ ଋଣଦାତାଙ୍କ କରଜ ଶୁଝିବା ପରିସ୍ଥିତିରେ ଶ୍ରୀଲଙ୍କା ନାହିଁ। ଗଚ୍ଛିତ ବିଦେଶୀ ମୁଦ୍ରା ପ୍ରାୟ ଶେଷ ହୋଇଯାଇଛି। ତେଣୁ ଋଣଦାତାମାନେ ସେମାନଙ୍କ ଅର୍ଥ ବାବଦରେ ସୁଧ ନେଇପାରିବେ କିମ୍ବା ବଦଳରେ ଶ୍ରୀଲଙ୍କା ମୁଦ୍ରା ଗ୍ରହଣ କରିବେ। ଶ୍ରୀଲଙ୍କା ଅର୍ଥନୀତି ଭୁଶୁଡ଼ି ଯାଇଥିବାର ଦେଶର ମୁଦ୍ରା ଦୁର୍ବଳ ହୋଇଯାଇଛି। ଫଳରେ ଋଣଦାତାମାନେ ଏହି ମୁଦ୍ରାରେ ମଧ ଋଣ ଅର୍ଥ ଫେରିପାଇବାକୁ ଆଗ୍ରହୀ ନାହାନ୍ତି। ଦେଶରେ ଖାଦ୍ୟ, ଇନ୍ଧନ ଆଦି ଆବଶ୍ୟକତା ପୂରଣ ନିମନ୍ତେ ବାହାରୁ ଅଧିକ ଋଣ ଉଠାଇବା ଉପରେ ଇଣ୍ଟରନ୍ୟାଶନାଲ ରେଟିଂ ଏଜନ୍ସିଗୁଡ଼ିକ ଶ୍ରୀଲଙ୍କା ଉପରେ କଟକଣା ଲଗାଇଥିଲେ। ଋଣ ଶୁଝିବା ନିମନ୍ତେ ଶ୍ରୀଲଙ୍କା ଚାଇନା ଏବଂ ଭାରତଠାରୁ ସହାୟତା ଆଶା କରିଥିଲା। କିନ୍ତୁ ଉଭୟ ଦେଶ ସେମାନଙ୍କଠାରୁ ସାମଗ୍ରୀ କ୍ରୟ କରିବା ନିମନ୍ତେ ଅଧିକ କ୍ରେଡିଟ୍ ଲାଇନ୍ ଅଫର କରିଥିଲେ। ଆକଳନ ଅନୁସାରେ ଗତ ମାର୍ଚ୍ଚ ଶେଷ ସୁଦ୍ଧା ଶ୍ରୀଲଙ୍କା ନିକଟରେ ମାତ୍ର ୧.୯ ବିଲିୟନ୍ ଡଲାର ଥିବାବେଳେ ଏହି ଦେଶକୁ ଚଳିତ ବର୍ଷ ପ୍ରାୟ ୭ ବିଲିୟନ୍ ଡଲାର ଶୁଝିବାକୁ ଥିଲା।

୧୯୪୮ରେ ସ୍ୱାଧୀନତା ପରଠାରୁ ଶ୍ରୀଲଙ୍କାରେ ସବୁଠାରୁ ବଡ଼ ଧରଣର ଆର୍ଥିକ ସଙ୍କଟ ଦେଖାଦେଇଛି। ଫଳରେ ଦେଶର ପ୍ରାୟ ୨.୨ କୋଟି ଜନସଂଖ୍ୟା ଏବେ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଦେଶୀ ମୁଦ୍ରା ଶେଷ ହୋଇଯାଇଥିବାରୁ ବାହାରୁ କୌଣସି ସାମଗ୍ରୀ ଆମଦାନୀ ହୋଇପାରୁନାହିଁ। ଫଳରେ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ମିଳୁନାହିଁ। ଖାଦ୍ୟ, ପାନୀୟ, ବିଦ୍ୟୁତ୍, ଔଷଧ ଆଦିର ଅଭାବ ଦେଖାଦେଇଥିବାରୁ ଦରଦାମ୍ ଆକାଶଛୁଆଁ ହୋଇଛି। ଗୋଟାବାୟା ରାଜପାକ୍ସେ ସରକାରଙ୍କ ବିରୋଧରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ରାଷ୍ଟ୍ରପତି ଗୋଟାବାୟାଙ୍କ ଇସ୍ତଫା ଦାବିରେ ତାଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ଜାରି ରହିଛି।


କଲମ୍ବୋସ୍ଥିତ ରାଷ୍ଟ୍ରପତି କାର୍ଯ୍ୟାଳୟ ବାହାରେ ବର୍ଷା ହେଉଥିବାବେଳେ ଶ୍ରୀଲଙ୍କାବାସୀଙ୍କ ବିକ୍ଷୋଭ।

## ସଂକ୍ଷେପରେ

### ଭାରତରେ ମାନବାଧିକାର ଉଲ୍ଲଂଘନ ବଢ଼ୁଛି: ବ୍ଲିଙ୍କେନ୍



**ୱାଶିଂଟନ୍, ୧୨।୪:** ଭାରତରେ ମାନବାଧିକାର ଉଲ୍ଲଂଘନ ବଢ଼ୁଛି ଏବଂ ଏହା ଉପରେ ନଜର ରଖାଯାଇଛି ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ଭାରତୀୟ ପାର୍ଟନରଙ୍କ ସହ ମାନବାଧିକାର ମୂଲ୍ୟବୋଧ ଉପରେ ଆମେରିକା ଆଲୋଚନା ଜାରି ରଖିଛି। ନିକଟରେ ଭାରତରେ ଘଟୁଥିବା ଘଟଣାବଳୀ ଉପରେ ନଜର ରହିଛି। କେତେକ ସରକାରୀ ଅଧିକାରୀ, ପୋଲିସ, ଜେଲ ଅଧିକାରୀଙ୍କ ଏଥିରେ ସମ୍ପୃକ୍ତି ରହୁଛି ବୋଲି ସୋମବାର ୨+୨ ବୈଠକ ପରେ ଆମେରିକା ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନ୍, ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀରେ ବ୍ଲିଙ୍କେନ୍ ପ୍ରକାଶ କରିଛନ୍ତି। ତେବେ ଏହା ଉପରେ ବ୍ଲିଙ୍କେନ୍ ଅଧିକ ବିବରଣୀ ଦେଇ ନ ଥିଲେ। ତାଙ୍କ ପରେ ଜୟଶଙ୍କର ଏବଂ ରାଜନାଥ ସିଂ ନିଜ ବିବୃତିରେ ଏହା ଉପରେ କୌଣସି ପ୍ରତିକ୍ରିୟା ରଖି ନ ଥିଲେ।

### କଟକଣା ସତ୍ତ୍ୱେ ୟୁରୋପ କିଣୁଛି ରୁଷିଆ ତେଲ

**ୱାଶିଂଟନ୍, ୧୨।୪:** ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆ ଉପରେ ଆମେରିକା ଓ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇବା ସତ୍ତ୍ୱେ ଭାରତ ମସ୍କୋରୁ ତୈଳ କିଣିବା ପ୍ରସଙ୍ଗରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଜବାବ ରଖିଛନ୍ତି।



କଟକଣା ସତ୍ତ୍ୱେ ୟୁରୋପ ଦିନକରେ ରୁଷିଆଠାରୁ କିଣୁଥିବା ତେଲର ପରିମାଣ ଭାରତର ଗୋଟିଏ ମାସର ଆମଦାନୀ ବୋଲି ଜୟଶଙ୍କର କହିଛନ୍ତି। ଭାରତ ରୁଷିଆରୁ ତେଲ କିଣି କଟକଣା ବିରୋଧରେ କାମ କରୁଥିବା ନେଇ ଜଣେ ଖବରଦାତା ଜୟଶଙ୍କରଙ୍କୁ ପ୍ରଶ୍ନ କରିଥିଲେ। ମସ୍କୋରୁ ତୈଳ ଆମଦାନୀ କଥା ଉଠିଲେ ୟୁରୋପକୁ ଦେଖ। କାରଣ ୟୁରୋପ ତୁଳନାରେ ଭାରତ ବହୁତ କମ୍ ପରିମାଣର ତେଲ ରୁଷିଆଠାରୁ କିଣିଥାଏ ବୋଲି ଜବାବରେ ଜୟଶଙ୍କର କହିଥିଲେ। ଜୟଶଙ୍କରଙ୍କ ଏହି ପ୍ରତିକ୍ରିୟାକୁ ଶିବସେନା ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ ପ୍ରଶଂସା କରିଛନ୍ତି।

## ଲକ୍‌ଡାଉନ୍ ପାର୍ଟି: ଜରିମାନା ଦେବେ ବୋରିସ



**ଲଣ୍ଡନ,୧୨।୪**

ବ୍ରିଟେନ୍‌ରେ ଗତବର୍ଷ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ପାର୍ଟି କରିବା ନେଇ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍ ଏବଂ ଚାନ୍‌ସେଲର ରିଶି ସୁନାକଙ୍କୁ ଜରିମାନା ନୋଟିସ୍ ଜାରି କରାଯାଇଛି। ଏ ନେଇ ମଙ୍ଗଳବାର ଡାଉନିଙ୍ଗ୍ ଷ୍ଟ୍ରିଟ୍ ମୁଖପାତ୍ର ସୂଚନା ଦେଇଛନ୍ତି। ଲଣ୍ଡନର ମେଟ୍ରୋପଲିଟାନ୍ ପୋଲିସ ଜରିମାନା ପୈଠ ନୋଟିସ୍ ଜାରି କରିଥିବା ସେ ପ୍ରକାଶ କରିଛନ୍ତି। ପାର୍ଟିରେ ସାମିଲ ହୋଇଥିବା ପ୍ରତ୍ୟେକଙ୍କୁ ଫାଇନ୍ ଭରିବାକୁ ପଡ଼ିବ। ଜନ୍‌ସନ୍‌ଙ୍କ ସ୍ତ୍ରୀଙ୍କ ନାଁରେ ମଧ ଏହି ନୋଟିସ୍ ଜାରି ହୋଇଛି। କରୋନା ଲକ୍‌ଡାଉନ୍ ସମୟରେ ପିଏମ୍ ଜନ୍‌ସନ୍‌ଙ୍କ ଡାଉନିଙ୍ଗ୍ ଷ୍ଟ୍ରିଟ୍ ଅଫିସ ଏବଂ କ୍ୟାବିନେଟ ଅଫିସରେ ୧୨ଟି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାବେଳେ ସେସବୁର ତଦନ୍ତ ପୋଲିସ ଜାରି ରଖିଛି। ଜନ୍‌ସନ୍ ଅଭିଯୋଗ ଖଣ୍ଡନ କରି କହିଥିଲେ ନିୟମ ବିରୋଧରେ କୌଣସି ପ୍ରକାର ପାର୍ଟି କରାଯାଇନାହିଁ। ପରବର୍ତ୍ତୀ ମୁହୂର୍ତ୍ତରେ କାର୍ଯ୍ୟ ସମ୍ବନ୍ଧୀୟ ଗୋଟିଏ ପାର୍ଟିରେ ଯୋଗ ଦେଇଥିବା କହି ଜନ୍‌ସନ୍ ପାର୍ଲାମେଣ୍ଟରେ ଭୁଲ୍ ମାଗିଥିଲେ।

# ହେଲିକପ୍ଟରରୁ ଖସି ମହିଳାଙ୍କ ମୃତ୍ୟୁ

### ତ୍ରିକୂଟ ରୋପ୍‌ୱେ ଦୁର୍ଘଟଣା

**ରାଞ୍ଚି, ୧୨।୪**

ଝାଡ଼ଖଣ୍ଡର ଦେଓଗଡ଼ ଜିଲା ତ୍ରିକୂଟ ପାହାଡ଼ରେ ଥିବା ଦେଶର ସର୍ବୋଚ୍ଚ ରୋପ୍‌ୱେ ଦୁର୍ଘଟଣାରେ ଦୀର୍ଘ ୪୦ ଘଣ୍ଟା ପରେ ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି। ମଙ୍ଗଳବାର ସେଠାରେ ଫସି ରହିଥିବା ୧୫ ଯାତ୍ରୀଙ୍କ ମଧ୍ୟରୁ ୧୪ ଜଣଙ୍କୁ ଉଦ୍ଧାର କରାଯାଇଛି। ରେସ୍କ୍ୟୁ ଅପରେଶନବେଳେ ଭାରତୀୟ ବାୟୁସେନା (ଆଇଏଏଫ୍) ହେଲିକପ୍ଟରରୁ ଜଣେ ୬୦ ବର୍ଷୀୟା ମହିଳା ଖସିପଡ଼ିଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ମିଶାଇ ରୋପ୍‌ୱେ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି ପାଇଛି। ଉଦ୍ଧାର ହୋଇଥିବା ସମସ୍ତ ଯାତ୍ରୀଙ୍କୁ ଡାକ୍ତରଖାନାକୁ ନିଆଯାଇଥିବା ଏଡିଜିପି ଆର୍. କେ. ମଲ୍ଲିକ କହିଛନ୍ତି।

ରବିବାର ସନ୍ଧ୍ୟାରେ ଦୁଇଟି କେବୁଲ୍-କାର୍ ପରସ୍ପର ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣା ଯୋଗୁ ରୋପ୍‌ୱେ ଅଚଳ ହେବା ହୋଇଯିବାରୁ ସେଠାରେ ୪୮ ଜଣ ଯାତ୍ରୀ ପ୍ରାୟ ୪୦୦ ମିଟର ଉଚ୍ଚରେ ଫସି ରହିଥିଲେ। ଏନ୍‌ଡିଆର୍‌ଏଫ୍, ଆଇଟିବିପି ଯବାନଙ୍କ ସମେତ ବାୟୁସେନାର ଏମ୍‌ଆଇ-୧୭, ଏମ୍‌ଆଇ-୧୭ ଭି୫ ହେଲିକପ୍ଟର ଉଦ୍ଧାର କାର୍ଯ୍ୟ କରିଥିଲେ। ସୋମବାର ଉଦ୍ଧାର କାର୍ଯ୍ୟବେଳେ ଜଣେ ବ୍ୟକ୍ତି ହେଲିକପ୍ଟରରୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଯାତ୍ରୀ ଜଣକ ଖସିବା ବେଳର ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ମଙ୍ଗଳବାର ମଧ ଉକ୍ତ ମହିଳାଙ୍କ କ୍ଷେତ୍ରରେ ସମାନ ଘଟଣା ଘଟିଥିଲା। ହେଲିକପ୍ଟରକୁ ଉଠି ନ ପାରି ମହିଳା ଜଣକ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରାୟ ୪୦ ଘଣ୍ଟାର ଅପରେଶନରେ ଅନ୍ୟ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୧୨ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ମୃତକଙ୍କ ପରିବାରକୁ ସମାବେଦନା ଜଣାଇବା ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି। ଏଥିସହ ଘଟଣା ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଝାଡ଼ଖଣ୍ଡ ପର୍ଯ୍ୟଟନ ବିଭାଗ ସୂଚନା ଅନୁସାରେ ତ୍ରିକୂଟ ରୋପ୍‌ୱେର ଦେଶର ଉଚ୍ଚତମ ରୋପ୍‌ୱେ, ଯାହାର ଲମ୍ବ ୭୬୬ ମିଟର।



# ବିଜୟ ଶପଥ ନେଲେ ପୁଟିନ୍



**ମସ୍କୋ, ୧୨।୪**

କିଛି ଦିନ ହେଲା ନୀରବ ରହିଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମଙ୍ଗଳବାର ୟୁକ୍ରେନ୍ ବିଜୟର ଶପଥ ନେଇଛନ୍ତି। ୟୁକ୍ରେନ୍‌ରେ ରୁଷିଆ ଯୁଦ୍ଧର ମହତ୍ ଉଦ୍ଦେଶ୍ୟ ହାସଲ କରିବ ବୋଲି ପୁଟିନ୍ କହିଛନ୍ତି। ବିଭିନ୍ନ କଟକଣା ଲଗାଇ ରୁଷିଆ ଅର୍ଥନୀତି ପ୍ରଭାବିତ କରିବାକୁ ପାଶ୍ଚାତ୍ୟ ଦେଶଗୁଡ଼ିକର ଉଦ୍ୟମ ବିଫଳ ହୋଇଥିବା ସେ ନିକଟରେ ଦୃଢ଼ୋକ୍ତି ବାଢ଼ିଥିଲେ।

ବେଲାରୁଷ୍ ପ୍ରତିପକ୍ଷ ଆଲେକଜାଣ୍ଡର ଲୁକାସେଙ୍କୋଙ୍କ ସହ ଆଲୋଚନାବେଳେ ପୁଟିନ୍ କହିଛନ୍ତି, ୟୁକ୍ରେନ୍ ସହ ଲଢ଼ିବା ଅପରିହାର୍ଯ୍ୟ ଥିଲା। ରୁଷିଆ ଭାଷାଭାଷୀ ଲୋକ ରହୁଥିବା ଡୋନବାସ ଅଞ୍ଚଳର ସୁରକ୍ଷା ପାଇଁ ତାଙ୍କ ନିକଟରେ କୌଣସି ବିକଳ୍ପ ନ ଥିଲା। ଏଥିସହ ମସ୍କୋର ଶତ୍ରୁମାନଙ୍କ ସହ ପୂର୍ବ ସୋଭିଏଟ ସଂଘର ଏହି ଦେଶକୁ ରୁଷିଆ ବିରୋଧୀ ହେବାକୁ ରୋକିବାକୁ ଆବଶ୍ୟକ ଥିଲା। ୟୁରି ଗାଗାରିନ୍ ପ୍ରଥମ ମାନବ ଭାବେ ମହାକାଶରେ ପାଦ ଥାପିବାର ୬୧ତମ ବର୍ଷପୂର୍ତ୍ତି ଅବସରରେ ପୁଟିନ୍‌ଙ୍କୁ ସରକାରୀ ଚ୍ୟାନେଲରେ ଦେଖିବାକୁ ମିଳିଥିଲା। ୟୁକ୍ରେନ୍‌ରେ ରୁଷିଆ ଏହାର ଲକ୍ଷ୍ୟ ହାସଲ କରିପାରିବ କି ବୋଲି ପ୍ରଶ୍ନରେ ପୁଟିନ୍ କହିଥିଲେ ଯେ, ରୁଷିଆର ଉଦ୍ଦେଶ୍ୟ ସ୍ପଷ୍ଟ। ବିଜୟ ସୁନିଶ୍ଚିତ, ଏଥିରେ କୌଣସି ସନ୍ଦେହ ନାହିଁ।

ଓଁ ମା' ତୁଝେ ସଲାମ୍ ଆଶୀର୍ବାଦ



ସତ୍ୟନାରାୟଣ ପରିଡ଼ା (ସିପୁନୁ)
ତା୧୩।୦୪।୨୦୨୨ ବୁଧବାର ଶ୍ରୀ ଶ୍ରୀ ସତ୍ୟପୀର ବାବା ସତ୍ୟନାରାୟଣ ପରିଡ଼ା (ସିପୁନୁ)ଙ୍କ ଆଶୀର୍ବାଦ କାମନା ଭିକ୍ଷା ମାଗୁଛି।
ବାପା- ସୁନୀଲ ପରିଡ଼ା, ମା'- ମନିସା ପରିଡ଼ା, ସାନବାପା- ସୁଶୀଲ କୁମାର ପରିଡ଼ା, ଜେଜେମା'- ସଚଲାମଣୀ ପରିଡ଼ା, ଜେଜେବାପା- ପ୍ରମୋଦ କୁମାର ପରିଡ଼ା, ସି.ଆର.ପି.ଏଫ୍., ଭୁବନେଶ୍ୱର।
ଆଶୀର୍ବାଦ କାମନା କରୁଛି।

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନଲେ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637, 9471160476
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମା' ହେବେ ବ୍ରିଟନି ସ୍ପିୟର୍ସ

**ଲସ୍ ଏଞ୍ଜେଲ୍ସ, ୧୨।୪**

ଜଣାଶୁଣା ଆମେରିକୀୟ ପପ୍ ସିଙ୍ଗର ବ୍ରିଟନି ସ୍ପିୟର୍ସ (୪୦) କିଛି ଦିନ ପୂର୍ବରୁ ଅଭିନେତା ସାମ୍ ଆସ୍‌ଗରିଙ୍କୁ ଗୋପନରେ ବିବାହ କଥା ଘୋଷଣା କରିବା ପରେ ପୁଣି ପ୍ରଶଂସକଙ୍କୁ ଚକିତ କରିଛନ୍ତି। ସେ ଗର୍ଭବତୀ ଥିବା ନେଇ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସୋମବାର ଏକ ପୋଷ୍ଟ କରିଛନ୍ତି। ବିବାଦୀୟ କଞ୍ଜରଭେଟରଶିପ୍‌କୁ ନେଇ ବ୍ରିଟନି ଚର୍ଚ୍ଚାରେ ଥିଲେ। କଞ୍ଜରଭେଟରଶିପ୍ ନିୟମ ଅଧୀନରେ ୨୦୦୮ରୁ ସେ ତାଙ୍କ ବାପା ଜେମି ସ୍ପିୟର୍ସଙ୍କ ନିୟନ୍ତ୍ରଣରେ ଥିଲେ। ଜେମି ସ୍ପିୟର୍ସ ଯତ୍ନ ନେବା ବାହାନାରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନିୟନ୍ତ୍ରଣ କରୁଥିବା ଅଭିଯୋଗ କରି ବ୍ରିଟନି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୧୩ ବର୍ଷ ଧରି ଜେମିଙ୍କ ଅଧୀନରେ ରହିବା ପରେ ୨୦୨୧ ନଭେମ୍ବରରେ ବ୍ରିଟନି ବାପାଙ୍କ ନିୟନ୍ତ୍ରଣରୁ ମୁକ୍ତ ହୋଇଥିଲେ।



# ଅନ୍ଧାରରେ ମହାରାଷ୍ଟ୍ରର ୧୫୦୦ ସ୍କୁଲ

**ମୁମ୍ବାଇ, ୧୨।୪:** ମହାରାଷ୍ଟ୍ରର ୧୫ ଶହରୁ ଊର୍ଦ୍ଧ୍ୱ ସ୍କୁଲରେ ବିଦ୍ୟୁତ ସରବରାହ ବନ୍ଦ କରାଯାଇଛି। ମଙ୍ଗଳବାର ଏ ନେଇ ମହାରାଷ୍ଟ୍ର ରାଜ୍ୟ ଇଲେକ୍ଟ୍ରିସିଟି ବୋର୍ଡ (ଏମ୍‌ଏସ୍‌ଇବି) ଏହି ସୂଚନା ଦେଇଛି। ବିଲ୍ ପୈଠ ନ କରିବାରୁ ରାଜଗଡ଼ ଜିଲା ପରିଷଦରେ ଥିବା ମୋଟ ୧୫୪୯ ସ୍କୁଲରେ ଇଲେକ୍ଟ୍ରି ସେବା ରାଜ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ ବନ୍ଦ କରାଯାଇଛି। ୪୯.୭୪ ଲକ୍ଷ ଟଙ୍କା ସ୍କୁଲଗୁଡ଼ିକରେ ବାକି ପଡ଼ିରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ମହାରାଷ୍ଟ୍ରର ପେନ୍‌ର ୧୧୮ଟି ସ୍କୁଲରେ ବିଦ୍ୟୁତ୍ ସେବା ବନ୍ଦ କରାଯାଇଥିବାବେଳେ ପାଲି ସୁଧାଗଡ଼ର ୯୧, ମହାଦରେ ୭୪, ପୋଲାଡପୁରରେ ୫୭, କରଜାତରେ ୫୧, ପାନଭେଲରେ ୪୫, ରୋହାରେ ୩୨ଟି ସ୍କୁଲରୁ ସମ୍ପୂର୍ଣ୍ଣ ଭାବେ ବିଦ୍ୟୁତ କଟାଯାଇଥିବା ଏମ୍‌ଏସ୍‌ଇବି କହିଛି।

# ମୋଦିଙ୍କୁ ଧନ୍ୟବାଦ ଦେଲେ ଶେହବାଜ୍

### ଭାରତ ସହ ଶାନ୍ତିପୂର୍ଣ୍ଣ ସମ୍ପର୍କ ଚାହୁଁ

**ଇସ୍‌ଲାମାବାଦ,୧୨।୪:** ପାକିସ୍ତାନର ନବନିଯୁକ୍ତ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ ମଙ୍ଗଳବାର ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଲାଗି ଧନ୍ୟବାଦ ଜଣାଇଛନ୍ତି। ଭାରତ ସହ ପାକିସ୍ତାନ ଶାନ୍ତିପୂର୍ଣ୍ଣ ଓ ସହଯୋଗିତାପୂର୍ଣ୍ଣ ସମ୍ପର୍କ ଚାହେଁ ବୋଲି ସେ କହିଛନ୍ତି। ତେବେ ଜମ୍ମୁ-କଶ୍ମୀର ସମେତ ଅନ୍ୟ ପ୍ରସଙ୍ଗଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ମଧ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରକାଶ ଯେ, ସୋମବାର ପ୍ରଧାନମନ୍ତ୍ରୀ ମୋଦି ୭୦ ବର୍ଷୀୟ ଶେହବାଜ୍‌ଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ଟୁଇଟ୍ କରି ଶୁଭେଚ୍ଛା ଜଣାଇଥିଲେ। ସମ୍ପୃକ୍ତ କ୍ଷେତ୍ରକୁ ଆତଙ୍କବାଦରୁ ମୁକ୍ତ କରି ଶାନ୍ତି ଓ ସ୍ଥିରତା ବଜାୟ ରଖିବାକୁ ଭାରତ ଆଗ୍ରହୀ ଥିବା ମୋଦି କହିଥିଲେ।

# ଡବ୍ଲ୍ୟୁଟିଓ ଅନୁମତି ଦେଲେ ବିଶ୍ୱକୁ ଖାଦ୍ୟ ଯୋଗାଇବ ଭାରତ: ମୋଦି

**ନୂଆଦିଲ୍ଲୀ,୧୨।୪**

ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ଅନୁମତି ଦେଲେ ବିଶ୍ୱକୁ ଭାରତ ଖାଦ୍ୟ ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଆଲୋଚନା ବେଳେ କହିଥିବା ମଙ୍ଗଳବାର ସୂଚନା ଦେଇଛନ୍ତି।

ଗୁଜରାଟର ଅହମଦାବାଦ ନିକଟସ୍ଥ ଶ୍ରୀ ଅନ୍ନପୂର୍ଣ୍ଣା ଧାମ ଟ୍ରଷ୍ଟର ଏକ ହଷ୍ଟେଲ ଏବଂ ଏଜୁକେଶନ୍ କମ୍ପ୍ଲେକ୍ସକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ମୋଦି ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧ ଯୋଗୁ ବିଶ୍ୱର ବିଭିନ୍ନ ଭାଗରେ ମହଜୁଦ ଥିବା ଖାଦ୍ୟ କମିବାରେ ଲାଗିଛି। କୋଭିଡ୍-୧୯ ସଂକ୍ରମଣ ପରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭାରତ ନିଜ ୮୦ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟ ଯୋଗାଉଥିବା ଦେଖି ବିଶ୍ୱ ବିସ୍ମିତ ହୋଇଯାଇଛି। କୋଟି କୋଟି ଲୋକଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଖାଦ୍ୟଶସ୍ୟ ଯୋଗାଇ ଦିଆଯିବା ବଡ଼ କଥା। ଏଭଳି ସମୟରେ ଚାହୁଁ ଥିବା ସାମଗ୍ରୀ ପାଉ ନ ଥିବାରୁ ସାରା ବିଶ୍ୱ ଅନିଶ୍ଚିତତା ଦେଇ ଗତି କରୁଛି। ସବୁ ଦ୍ୱାର ବନ୍ଦ ହେବାରେ ଲାଗିଥିବାରୁ ପେଟ୍ରୋଲ, ତେଲ ଓ ସାର କିଣିବା କଷ୍ଟକର ହୋଇପଡ଼ିଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବା ପରଠାରୁ ସମସ୍ତେ ନିଜ ଷ୍ଟକ୍ ସୁନିଶ୍ଚିତ କରିବାକୁ ଚାହୁଁଛନ୍ତି। ବିଶ୍ୱ ଏକ ନୂଆ ସମସ୍ୟାକୁ ସାମ୍ନା କରୁଛି। ବିଶ୍ୱର ଖାଦ୍ୟ ଷ୍ଟକ୍ ଖାଲି ହେବାରେ ଲାଗିଛି। ହେଲେ ଆମ ପାଖରେ ଦେଶବାସୀଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ମହଜୁଦ ରହିଛି। କିନ୍ତୁ ଆମ ଚାଷୀମାନେ ସାରା ବିଶ୍ୱ ମୁହଁରେ ଆହାର ଦେବା ଲାଗି ବ୍ୟବସ୍ଥା କରିଛନ୍ତି। ଯଦି ଡବ୍ଲ୍ୟୁଟିଓ ଅନୁମତି ଦିଏ ତେବେ ଭାରତ ଆସନ୍ତା କାଲିଠୁ ବିଶ୍ୱକୁ ଖାଦ୍ୟ ଯୋଗାଇବାକୁ ପ୍ରସ୍ତୁତ ଥିବା ମୋଦି ସୋମବାର ବାଇଡେନ୍‌ଙ୍କ ସହ ଆଲୋଚନା ବେଳେ ତାଙ୍କୁ ଅବଗତ କରାଇଥିବା କହିଛନ୍ତି। ଏହି ଅବସରରେ ମୋଦି ଅଭାବୀଙ୍କୁ ସହଯୋଗର ହାତ ବଢ଼ାଉଥିବା ପାଟିଦାର ସମୁଦାୟକୁ ପ୍ରଶଂସା କରିଛନ୍ତି।






ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁଶ୍ରୀଯୁକ୍ତ ମୁରଲୀଧର ନାୟକ
ତିରୋଧାନ: ତା.୨୩।୦୪।୨୦୨୧
(ଶୁକ୍ରବାର କାମଦା ଏକାଦଶୀ)
ବାପା, ଆଶୀର୍ବାଦ କରନ୍ତୁ,
ବାପା ତୁମେ ଥିଲ ମୁରବି ଆମର
ଆମ ପାଇଁ ତୁମେ ଅତି ଆପଣାର,
ତୁମ ପରି କିଏ ବାପା ହେବ
ନୀତିକୁ କେବଳ ଆଦର୍ଶ କରି
ଦୁନିଆ ଆଗରେ ଠିଆ ହେବ।
ଗୋଟି ଗୋଟି କରି ଏଇ ବରଷ
କଟିଲାଣି ତୁମ ବିନା
କେତେ ଝଡ଼ ଝଞ୍ଜା ସହିଲୁଣି ଆମେ
ହୋଇନାହୁଁ ପଥ ବଣା।
ଅଫେରା ରାଇଜେ ତୁମେ ଚାଲିଗଲ
ଛାଡ଼ିଦେଇ ଗଲ ସ୍ମୃତି
ଝୁରୁଛୁ, ଝୁରିବୁ ସବୁଦିନ ଆମେ
କେବେ ନହେବ ତା ଇତି
ହତଭାଗା ପରିବାର।
D-128

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁଶ୍ରୀଯୁକ୍ତ ପ୍ରଭାକର ମହାରଣା
(ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ଅଧିକାରୀ)
ଆବିର୍ଭାବ: ୦୭।୦୧।୧୯୩୩
ତିରୋଧାନ: ୨୪।୦୪।୨୦୨୧
ଁଶ୍ରୀମତୀ ତୁଳସୀ ମହାରଣା
ଆବିର୍ଭାବ: ୩୧।୦୮।୧୯୪୧
ତିରୋଧାନ: ୨୩।୦୪।୨୦୨୧
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ କରୁଅଛୁ।
ଶୋକସନ୍ତପ୍ତ ଲିତା, ଇନା, ବୁନା, ଟିକି, ରିଙ୍କୁ, ଚନ୍ଦନ, ସାନୁ, ଚନ୍ଦନା, ଟିନୁ।
ଧ-୧୨୦

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ



ଁ ସ୍ନେହଲତା ଷଡ଼ଙ୍ଗୀ
୧୦୪, ରତ୍ନାକରବାଗ-୧, ଭୁବନେଶ୍ୱର
ତିରୋଧାନ- ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ା ଯାତ୍ରା)
ଆଜି ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମେ ଆମ ପରିବାରର ଗର୍ବ ଓ ଗୌରବ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ସ୍ୱାମୀ- କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଓ ପରିବାରବର୍ଗ
ଧ-୧୧୭

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ଶରତ ମଞ୍ଜରୀ ରଥ
ଚାହୁଁଚାହୁଁ ଅଠର ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର। ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ। ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ। ଅଷ୍ଟାଦଶ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ଗିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ
D-71628

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ବୁଧବାର, ଏପ୍ରିଲ ୧୩/୨୦୨୨ Balasore, Wednesday, April 13/ 2022

**ସଂକ୍ଷେପରେ**

## ମେଗା ଶିଳ୍ପାୟନ ବିକାଶ ଲାଗି ଖୋର୍ଦ୍ଧାରେ ୫ ଏକର ଜମି ଚିହ୍ନଟ

**ଭୁବନେଶ୍ୱର,୧୨।୪(ବ୍ୟୁରୋ):** ଶିଳ୍ପାୟନର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ମଙ୍ଗଳବାର ଖାରବେଳ ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟୋଗ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଯୁବବର୍ଗଙ୍କ ପାଇଁ କର୍ମନିଯୁକ୍ତି ଉପରେ ଓଡ଼ିଶା ସରକାର ପ୍ରାଧାନ୍ୟ ଦେଉଛନ୍ତି। ଏ ଦିଗରେ ଶିଳ୍ପାୟନ ହିଁ ସର୍ବଶ୍ରେଷ୍ଠ ମାର୍ଗ। ଶିଳ୍ପ ତଥା ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଭିତ୍ତିଭୂମିକୁ ସୁଦୃଢ଼ କରାଗଲେ ପୁଞ୍ଜିନିବେଶକମାନେ ଓଡ଼ିଶାକୁ ଆକର୍ଷିତ ହେବେ। ଜମି ଅଧିଗ୍ରହଣ ନିମନ୍ତେ ଖୋର୍ଦ୍ଧା ଏବଂ କଟକ ଜିଲାକୁ ପ୍ରାଥମିକତା ଦିଆଯାଇ ଯୋଜନା ପ୍ରସ୍ତୁତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଶିଳ୍ପ ବିଭାଗ, ଇଡ୍‌କୋ ଏବଂ ଜିଲା ପ୍ରଶାସନ ମିଳିତ ଭାବେ ଏକ ଟାସ୍କଫୋର୍ସ ଗଠନ କରି ଏ କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଯୋଜନା ପ୍ରସ୍ତୁତ କରାଯିବ। ମେଗା ଶିଳ୍ପାୟନ ବିକାଶ ପାଇଁ ଖୋର୍ଦ୍ଧାଠାରେ ପ୍ରାୟ ୫ ହଜାର ଏକର ଜମି ଚିହ୍ନଟ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ କ୍ଷେତ୍ର ଅଧିକାରୀମାନଙ୍କ ଶିଳ୍ପାୟନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ନିମନ୍ତେ ଶିଳ୍ପ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ। ଏସବୁ କାର୍ଯ୍ୟର ଅଗ୍ରଗତିର ତଦାରଖ ପାଇଁ ସମ୍ପୃକ୍ତ ଜିଲାପାଳମାନଙ୍କ ତତ୍ତ୍ୱାବଧାନରେ ଅଂଶୀଦାରମାନଙ୍କ ସହଯୋଗରେ ପ୍ରତି ୧୫ ଦିନରେ ବୈଠକ ଅନୁଷ୍ଠିତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସମ୍ପୂର୍ଣ୍ଣା




**ବନ୍ତ,୧୨।୪(ଡି.ଏନ୍.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ଗ୍ରାମର ସମ୍ପୂର୍ଣ୍ଣା ପଣ୍ଡା ନିଜର ସ୍ମରଣଶକ୍ତି ପାଇଁ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଇଂ.ବିଜୟ କୁମାର ପଣ୍ଡା ଓ ଇଂ.ଜ୍ୟୋତିର୍ମୟୀ ପଣ୍ଡାଙ୍କ ୨ ବର୍ଷ ୮ ମାସର ଝିଅ ସମ୍ପୂର୍ଣ୍ଣା ଅନ୍‌ଲାଇନ୍ ମାଧମରେ ଆବେଦନ କରିବା ପରେ ସ୍ମରଣଶକ୍ତି ସମ୍ପର୍କୀତ ଭିଡିଓ କ୍ଲିପ୍ ଗୁଡିକୁ ସେ ଦିଲ୍ଲୀ କାର୍ଯ୍ୟାଳୟକୁ ପଠାଇଥିଲେ। ଏହି ପ୍ରତିଯୋଗିତାରେ ହଜାର ହଜାର ପିଲା ଭାଗ ନେଇଥିବା ବେଳେ ସେମାନଙ୍କ ମଧରୁ ସେ ଉର୍ତ୍ତୀର୍ଣ୍ଣ ହୋଇଥିଲେ। ମାର୍ଚ୍ଚ ୨୨ରେ ତାଙ୍କୁ ପ୍ରମାଣ ପତ୍ର ଇସ୍ୟୁ କରାଯାଇଥିଲା। ଗତ ୩ ଦିନ ତଳେ ସେ ପ୍ରମାଣ ପତ୍ର, ମେଡାଲ, ବହି, ଲୋଗୋ, ବ୍ୟାଚ୍ ଓ ପେନ୍ ଆଦି କୋରିୟର ମାଧମରେ ପାଇଥିବା ସୂଚନା ମିଳିଛି। ସେ ୭ ମହାଦେଶ, ୫ ମହାସାଗର, ୧୨ ମାସ, ୭ ଦିନର ନାମ, ଓଡ଼ିଆରେ ୧ରୁ ୨୦ ମଧରେ ସଂଖ୍ୟା, ଇଂରାଜୀରେ ୧ରୁ ୫୦ ମଧରେ ସଂଖ୍ୟା, ଇଂରାଜୀ ବର୍ଣ୍ଣମାଳାରେ ଶବ୍ଦ, ୨୭ ଜାତୀୟ ସଙ୍କେତ, ଶରୀରର ୨୭ ଅଙ୍ଗପ୍ରତ୍ୟେଙ୍ଗ, ୮ ରଙ୍ଗ, ୧୨ ପକ୍ଷୀ, ୨୨ ପ୍ରାଣୀ, ୧୫ ଯାନବାହାନ, ୧୧ ଫୁଲ, ୧୬ ଫଳ, ୨୦ ସାଧାରଣ ସାମଗ୍ରୀ ଏବଂ ୭ ସାଧାରଣଜ୍ଞାନ ପ୍ରଶ୍ନର ଉତ୍ତର ଆଦି କହି ପାରିଥିବା ଯୋଗୁ ତାଙ୍କୁ ଏହି ସମ୍ମାନ ମିଳିଥିବା ଜଣାଯାଇଛି। ସମ୍ପୂର୍ଣ୍ଣାଙ୍କ ମାଆଙ୍କ କହିବା ଅନୁଯାୟୀ ସେ ଯେକୌଣସି ପାଠକୁ ଥରେ କିମ୍ବା ୨ ଥରରେ ସଙ୍ଗେ ସଙ୍ଗେ ମନେ ରଖି ଦିଅନ୍ତି।

# ଭାଇ ପରିବାର ପୋଛିଦେଲା ଭାଇ

## କୁସୁପୁରରେ ୫ଜଣଙ୍କୁ ହତ୍ୟା ଘଟଣା

**ଚଣ୍ଡିଖୋଲ/ମାହାଙ୍ଗା, ୧୨।୪(ଡି.ଏନ୍.ଏ.)**



କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁସୁପୁରଠାରେ ସୋମବାର ରାତିରେ ଗୋଟିଏ ପରିବାରର ୫ଜଣଙ୍କୁ ହତ୍ୟା କରାଯାଇଛି। ହତ୍ୟାକାରୀ ଆଉ କେହି ନୁହନ୍ତି, ବରଂ ନିଜ ରକ୍ତର ଭାଇ। ସମ୍ପତ୍ତି ବିବାଦକୁ ନେଇ ସାନ ଭାଇ ଶିବ ପ୍ରସାଦ ସାହୁ ତାଙ୍କ ବଡ଼ଭାଇଙ୍କ ସମେତ ଭାଉଜ, ଝିଆରୀ ଏବଂ ୨ପୁତୁରାଙ୍କୁ ହତ୍ୟା କରିବାକୁ ପଛାଇ ନାହାନ୍ତି। ଗୋଟେ ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି। ପୋଲିସ ଘରର ତାଲା ଭାଙ୍ଗି ୫ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସମସ୍ତଙ୍କୁ ଚକିତ କରିଥିବାବେଳେ ଅଭିଯୁକ୍ତ ଏକ ଭିଡିଓରେ ନିଜର ଦୋଷ ସ୍ୱୀକାର କରି ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏହା ସତ୍ତ୍ୱେ ପୋଲିସ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ଏଥିରେ ଅନ୍ୟ କାହାରି ସମ୍ପୃକ୍ତ ଅଛି କି ନାହିଁ ସେନେଇ ତଦନ୍ତ କରୁଛି ବୋଲି କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ କହିଛନ୍ତି।

## ଭିଡିଓ ଜାରି କରି ଦୋଷ ସ୍ୱୀକାର



ଅଭିଯୁକ୍ତ ଶିବ ବଡ଼ ଭାଇଙ୍କ ସମେତ ଭାଉଜ, ଝିଆରୀ ଓ ୨ପୁତୁରାଙ୍କୁ ହତ୍ୟା କରିବା ପରେ ପୋଲିସରେ ଆତ୍ମସମର୍ପଣ କରିଛନ୍ତି। ହେଲେ ପୋଲିସ ନିକଟକୁ ଯିବା ପୂର୍ବରୁ ଏକ ଭିଡିଓକୁ ସୋସିଆଲ୍ ମିଡିଆରେ ଛାଡ଼ିଥିଲେ। ସେଥିରେ ସେ ସ୍ପଷ୍ଟ ଭାବରେ ୨ଭାଇଙ୍କ ମଧରେ ସମ୍ପତ୍ତି ନେଇ ବିବାଦ ସମ୍ପର୍କରେ କହୁଥିବା ଦେଖିବାକୁ ମିଳୁଛି। ବଡ଼ ଭାଇ ଓ ତାଙ୍କ ସ୍ତ୍ରୀ ପିଲାମାନେ ସୋମବାର ରାତିରେ ତାଙ୍କୁ ମାଡ଼ ମାରିବାରୁ ଏଥିରେ ନିୟନ୍ତ୍ରଣ ହରାଇ ସମସ୍ତଙ୍କୁ ହତ୍ୟା କରିଥିବା ସେ କହିଛନ୍ତି। ଏପରି କି ଆଇନ ଯାହା ଦଣ୍ଡ ଦେବ ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ବୋଲି କହୁଥିବା ଦେଖିବାକୁ ମିଳିଛି।



ଘଟଣାସ୍ଥଳରେ ଲୋକଙ୍କ ଗହଳି

## ହତ୍ୟାକାରୀ ଶିବଙ୍କୁ ଫାଶୀ ମିଳୁ



ଅଲେଖ ଚନ୍ଦ୍ର ସାହୁ ନିଜ ଗ୍ରାମ କୁସୁପୁରରେ ବିବାହ କରିଥିଲେ। ତାଙ୍କ ଶାଶୁ ରୀନା ପୃଷ୍ଟିଙ୍କ କହିବାହେଲା ମଙ୍ଗଳବାର ସକାଳେ ଜ୍ୱାଇଁଙ୍କ ଦୋକାନ ବନ୍ଦଥିବାରୁ ଆମେ ସନ୍ଦେହ କରିଥିଲୁ। ଏହାପରେ ଜ୍ୱାଇଁଙ୍କ ସାନଭାଇ ଶିବଙ୍କୁ ସନ୍ଦେହ କରି ପଚରାଉଚୁରା କରିବାରୁ ସେ ସୋମବାର ରାତିରେ ଗଣ୍ଡଗୋଳ ହୋଇଥିବା କହି ଖସି ପଳାଇଥିଲେ। ଏହାପରେ ସେ ଏକ ଭିଡିଓରେ ହତ୍ୟା କରିଥିବା ସମ୍ପର୍କରେ ନିଜ ଦୋଷ ସ୍ୱୀକାର କରି ସାମାଜିକ ଗଣମାଧମରେ ଛାଡ଼ିବା ପରେ ଆମେ ଜାଣିଥିଲୁ। ମୋ ଝିଅ ପରିବାରକୁ ଶିବ ହତ୍ୟା କରିଥିବାରୁ ତାଙ୍କୁ ଫାଶୀ ମିଳୁ। ଏହି ହତ୍ୟାକାଣ୍ଡରେ ଶିବଙ୍କ ସ୍ତ୍ରୀ ସାମିଲ ଥିବା ରୀନା ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସେଠାରେ ରହୁଥିବା ଶିବଙ୍କ ସ୍ତ୍ରୀ ଫେରାର ହୋଇଯାଇଥିବାବେଳେ ତାଙ୍କ ଛୋଟିଆ ଝିଅ ମାମୁ ଘରେ ରହିଛନ୍ତି।



କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଘଟଣାସ୍ଥଳକୁ ଯାଉଛନ୍ତି

## 'ସ୍ମୃତି'କୁ ନେଇ ଚର୍ଚ୍ଚା

ସମ୍ପତ୍ତି ପାଇଁ ରକ୍ତମୁଖା ସାନ ଭାଇ ଶିବଙ୍କ ପାଇଁ ମୂଳପୋଛ ହୋଇଯାଇଛି ବଡ଼ଭାଇ ଅଲେଖଙ୍କ ପରିବାର। ଏଭଳି ନିର୍ମମ ହତ୍ୟାକାଣ୍ଡ ପରେ ହତ୍ୟାର ଶିକାର ହୋଇଥିବା ୩ ପିଲାଙ୍କ ନାମକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା। ବାପା ଅଲେଖ ଅତି ଶ୍ରଦ୍ଧାରେ ୩ ସନ୍ତାନଙ୍କ ନାମକରଣ କରିଥିଲେ। ବଡ଼ଝିଅଙ୍କ ନାମ ସ୍ମୃତିସନ୍ଧ୍ୟା ଦେଇଥିବାବେଳେ ଦୁଇପୁଅଙ୍କ ନାମ ଦେଇଥିଲେ ସ୍ମୃତିସ୍ୱରୂପ ଏବଂ ସ୍ମୃତିସାଇ। ସମସ୍ତଙ୍କ ନାମ ଆଗରେ 'ସ୍ମୃତି' ରହିଛି। ହତ୍ୟାର ଶିକାର ହେବା ପରେ ସମ୍ପୃକ୍ତ ୩ଜଣ ସ୍ମୃତି ହୋଇ ରହିଗଲେ ବୋଲି ସାଙ୍ଗସାଥୀ, ସମ୍ପର୍କୀୟ ଲୁହ ଛଳଛଳ ଆଖିରେ କହିଛନ୍ତି।

## ବାଲିଚନ୍ଦ୍ରପୁର ଥାନାରେ ଆତ୍ମସମର୍ପଣ

ଅଭିଯୁକ୍ତ ଶିବ ୫ଜଣଙ୍କୁ ହତ୍ୟା କରିବା ପରେ ଆତ୍ମସମର୍ପଣ କରିବାକୁ ଚାହିଁଥିଲେ। ତାଙ୍କ ଘର ମାହାଙ୍ଗା ଥାନା ଅଞ୍ଚଳରେ ହୋଇଥିବାବେଳେ ସେଠାରୁ ଥାନା ୧୫ କି.ମି. ଦୂର। ଅପରପକ୍ଷରେ ବାଲିଚନ୍ଦ୍ରପୁର ଥାନାର ଦୂର ମାତ୍ର ୨ କିଲୋମିଟର ହୋଇଥିବାରୁ ସେଠାକୁ ସାଇକେଲରେ ଯାଇ ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ।

## କାଳ ହେଲା ଜମିବାଡ଼ି ବିବାଦ

ଦୀର୍ଘ ୧୫ବର୍ଷ ହେଲା ୨ଭାଇଙ୍କ ମଧରେ ଜମିବାଡ଼ିକୁ ନେଇ ବିବାଦ ରହିଥିଲା। ତେବେ ସେଭଳି କୌଣସି ବଡ଼ ଧରଣର ଗଣ୍ଡଗୋଳ ଉଭୟଙ୍କ ମଧରେ ହୋଇ ନ ଥିଲା। କେବଳ ପାଟିତୁଣ୍ଡରେ ସୀମିତ ଥାଏ। ମଙ୍ଗଳବାର ସକାଳ ୧୦ଟାରେ ଶିବ ସ୍ଥାନୀୟ ସମିତିସଭ୍ୟାଙ୍କ ସ୍ୱାମୀ ହେମନ୍ତ ଦାସଙ୍କୁ ଫୋନ କରି ଅଲେଖଙ୍କ ପରିବାର ଲୋକଙ୍କୁ ସେ ମାଡ଼ମାରିବାରୁ ସେମାନେ ଘର ଛାଡ଼ି ପଳାଇଥିବା କହିଥିଲେ। ଏହା ଶୁଣିବାପରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଶିବ ପ୍ରସାଦ ସାହୁ, ପୂର୍ବତନ ସମିତି ସଭ୍ୟ ପ୍ରଶାନ୍ତ ରାଉତରାୟ ଓ ହେମନ୍ତ ଦାସ ପ୍ରମୁଖ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ସେମାନଙ୍କ କହିବା କଥା ଜମିବାଡ଼ି ବିବାଦରୁ ଏଭଳି ଘଟଣା ଘଟିଛି। ସୋମବାର ରାତିରେ ଅଲେଖ ଏବଂ ତାଙ୍କ ସ୍ତ୍ରୀପିଲା ଶୋଇଲା ପରେ ଶିବ ଘରେ ପଶି ସେମାନଙ୍କୁ କଟୁରିରେ ହାଣି ହତ୍ୟା କରିଛନ୍ତି।

## ହତ୍ୟାକାଣ୍ଡ ପରେ ଶିବଙ୍କ ସ୍ତ୍ରୀ ଫେରାର

ବଡ଼ଭାଇ ସମେତ ତାଙ୍କ ପରିବାରର ୫ଜଣଙ୍କୁ ହତ୍ୟା କରିଥିବା ଶିବ ଜଣେ ଡ୍ରାଇଭର ଭାବେ ଜଣାଶୁଣା। ସେ ଅନ୍ୟ ର ଗାଡ଼ି ଚଳାଇ ପରିବାର ପ୍ରତିପୋଷଣ କରିଥାଏ। ତାଙ୍କର ସ୍ତ୍ରୀ ଓ ଗୋଟିଏ ୯ବର୍ଷର ଝିଅ ଅଛନ୍ତି। ସେ ନିଜର ପୈତୃକ ଘରଠାରୁ ୫୦୦ମିଟର ଦୂରରେ ଜଣଙ୍କ ଘର ଭଡ଼ା ନେଇ ପୂର୍ବରୁ ରହୁଥିବାବେଳେ ୩/୪ମାସ ହେବ ରାତିରେ ଆସି ନିଜ ଘରେ ଶୋଉଥିଲେ। ସୋମବାର ରାତିରେ ସେ ସେଠାରେ ଶୋଇଥିଲା। ରାତିରେ ହତ୍ୟାକାଣ୍ଡ ଘଟାଇବାପରେ ଭୋର ସମୟରୁ ଆସି ଗ୍ରାମରେ ଥିବା ଚାହା ଦୋକାନରେ ଚା' ପିଇଥିଲେ। ଏପରି କି ହତ୍ୟା ସମ୍ପର୍କରେ ଯେପରି କେହି ଜାଣି ନ ପାରିବେ ଖୁସି ମନରେ ଜଳଖିଆ ଖାଇଥିଲେ। ତେବେ ସକାଳ ୯ଟା ପରେ ଅଲେଖଙ୍କ ପରିବାର ଲୋକ ଘର ବାହାରକୁ ନ ବାହାରିବାରୁ ଗ୍ରାମବାସୀ ସନ୍ଦେହ କରି ଶିବଙ୍କୁ ପଚରାଉଚରା କରିଥିଲେ। ହେଲେ ସେ କିଛି ନ କହି ପଳାଇ ଯାଇଥିଲେ। ଶିବଙ୍କ ସ୍ତ୍ରୀ ମଧ ସକାଳୁ କୁଆଡ଼େ ଚାଲିଯାଇଥିବାରୁ ତାଙ୍କର କୌଣସି ପତ୍ତା ମିଳୁ ନାହିଁ। ଅପରପକ୍ଷରେ ତାଙ୍କର ଏକାମାତ୍ର ୯ବର୍ଷର ଝିଅ ମାମୁ ଘରେ ଥିବା ଜଣାପଡ଼ିଛି।



ଶୋକାକୁଳ ପରିବେଶ

# ଆସନ୍ତା ୧ରୁ ୧୭ ଜିଲାରେ ରବି ଧାନ ସଂଗ୍ରହ ଆରମ୍ଭ ହେବ

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ରାଜ୍ୟର ୧୭ ଜିଲାରେ ରବିଧାନ ସଂଗ୍ରହ କାର୍ଯ୍ୟ ଆସନ୍ତା ୧ ତାରିଖରୁ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ପଡ଼ୋଶୀ ରାଜ୍ୟର ଅନଧିକୃତ ଧାନ ଯେପରି ମଣ୍ଡିରେ ପ୍ରବେଶ କରି ନ ପାରିବ ସେଥିପ୍ରତି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏସବୁ ଜିଲାର ସ୍ଥିରୀକୃତ ମଣ୍ଡିରେ ପଞ୍ଜୀକୃତ ଓ ଯାଞ୍ଚ ହୋଇଥିବା ପ୍ରକୃତ ଚାଷୀ ଯେପରି ରବିଧାନ ବିକ୍ରି କରି ସର୍ବନିମ୍ନ ସହାୟକ ମୂଲ୍ୟର ଲାଭ ପାଇପାରିବେ, ସେଥି ନିମନ୍ତେ କ୍ଷେତ୍ର ଅଧିକାରୀମାନେ ସତର୍କ ଦୃଷ୍ଟି ରଖିବା ସହିତ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲା ଓ ସବ୍‌ଡିଭିଜନ୍ ସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ନିୟମିତ ଯାଞ୍ଚ କରିବା ପାଇଁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମର୍ମରେ ବିଭାଗ ପକ୍ଷରୁ ରବିଧାନ ସଂଗ୍ରହ ହେଉଥିବା ଜିଲାଗୁଡ଼ିକର ଜିଲାପାଳ ଏବଂ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖାଯାଇ ଅନଧିକୃତ ଧାନ ଚାଲାଣକୁ ରୋକିବାକୁ ସମସ୍ତ ପ୍ରକାର ପଦକ୍ଷେପ କଡ଼ାକଡ଼ି ଭାବେ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି। ଚଳିତ ରବିଧାନ କେବଳ ୧୭ ଜିଲାର ପଞ୍ଜୀକୃତ ଓ ଯାଞ୍ଚ ହୋଇଥିବା ଚାଷୀଙ୍କଠାରୁ ପି- ପାସ୍ ଓ ଆଗୁଆ ଟୋକନ୍ ପ୍ରଦାନ ମାଧମରେ ସଂଗ୍ରହ କରାଯିବ। ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲାରୁ ରବିଧାନ ସର୍ବନିମ୍ନ ସହାୟକ ମୂଲ୍ୟରେ ସ୍ଥିରୀକୃତ ମଣ୍ଡିରେ ସଂଗ୍ରହ କରାଯିବ। ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଏବଂ ସୀମାନ୍ତବର୍ତ୍ତୀ ଅଞ୍ଚଳର ଅସାଧୁ ବ୍ୟବସାୟୀ କିମ୍ବା ଲୋକଙ୍କ ଦ୍ୱାରା ଅନଧିକୃତ ଧାନ ମଣ୍ଡିରେ ବିକ୍ରି ହେବାର ସମ୍ଭବନା ରହିଛି। ଏହାଦ୍ୱାରା ଉକ୍ତ ଜିଲାର ଚାଷୀମାନେ ସର୍ବନିମ୍ନ ସହାୟକ ମୂଲ୍ୟରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇପାରନ୍ତି। ଏହି ପରିପ୍ରେକ୍ଷୀରେ ସୀମାନ୍ତରେ ଅବସ୍ଥିତ ଜିଲା ପ୍ରଶାସନ ଦ୍ୱାରା ନିୟମିତ ଓ କଡ଼ାକଡ଼ି ଯାଞ୍ଚ କରି ଅନଧିକୃତ ଧାନ ପ୍ରବେଶକୁ ରୋକିବା ପାଇଁ କୁହାଯାଇଛି। ବେଆଇନ ଧାନ କାରବାରରେ ଲିପ୍ତ ଅସାଧୁ ବ୍ୟବସାୟୀ, ମିଲର ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ କୌଣସି ଗାଡ଼ି ଅନଧିକୃତ ଧାନ ପରିବହନରେ ବ୍ୟବହୃତ ହେଉଥିବାର ଧରାପଡ଼ିଲେ ସେହି ଗାଡ଼ିକୁ ଆବଶ୍ୟକ ସ୍ଥଳେ ରବିଧାନ ସଂଗ୍ରହ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ନ ଛାଡ଼ିବା ପାଇଁ ପରାମର୍ଶ ଦିଆଯାଇଛି।

# ପାଇଥିବା ଟଙ୍କା ବ୍ୟାଗ୍ ଫେରାଇଲେ

## ଯୁବକଙ୍କ ମାନବିକତା

**ଭଦ୍ରକ ଅଫିସ, ୧୨।୪**

ଭଦ୍ରକ ଚରମ୍ପା ପଥରଆଡ଼ି ଅଞ୍ଚଳର ଚନ୍ଦ୍ରଶେଖର ବିଶ୍ୱାଳ ଏକ ଟଙ୍କା ଭର୍ତ୍ତି ବ୍ୟାଗ ପାଇବା ପରେ ବ୍ୟାଗ୍ ହଜିଥିବା ଲୋକଙ୍କୁ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି। ଉକ୍ତ ବ୍ୟାଗ୍‌ରେ ୧ ଲକ୍ଷ ୪୬ ହଜାର ଟଙ୍କା ରହିଥିଲା। ଗତ ଶନିବାର ସନ୍ଧ୍ୟାରେ ଚରମ୍ପା ବାଇପାସ ନିକଟ ତାରିଣୀ ହୋମିଓ କ୍ଲିନିକ ସମ୍ମୁଖ ରାସ୍ତାରେ ଚନ୍ଦ୍ରଶେଖରଙ୍କୁ ଏକ ଟଙ୍କା ଭର୍ତ୍ତି ବ୍ୟାଗ ମିଳିଥିଲା। ଏନେଇ ସେ ସାମାଜିକ ଗଣମାଧମରେ ପୋଷ୍ଟ କରିବା ପରେ ଟଙ୍କା ବ୍ୟାଗ ହଜାଇଥିବା କଟକ ଜିଲା ଜଗତପୁର ଅଞ୍ଚଳ ପୂର୍ବକଚ୍ଛ ଗ୍ରାମର ବସନ୍ତ ବେହେରା ତାଙ୍କୁ ଯୋଗାଯୋଗ କରିଥିଲେ। ଶନିବାର ବସନ୍ତ କଟକରୁ ଟଙ୍କା ଧରି ନିଜ ସ୍ତ୍ରୀ ଚାକିରି କରୁଥିବା ଭଦ୍ରକ ବାସୁଦେବପୁର ଅଞ୍ଚଳ ବିଦେଇପୁରକୁ ଆସୁଥିଲେ। ସେ ବାଇପାସଠାରେ ମେଡିସିନ କିଣି ଫେରୁଥିବାବେଳେ ସେହିଠାରେ ଟଙ୍କା ବ୍ୟାଗ ଖସି ପଡ଼ିଥିଲା। ଚନ୍ଦ୍ରଶେଖରଙ୍କ ଏଭଳି କାର୍ଯ୍ୟ ସମାଜ ପାଇଁ ଏକ ଉଦାହରଣ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଶଂସା କରିଛନ୍ତି।



ଚନ୍ଦ୍ରଶେଖର ବସନ୍ତଙ୍କୁ ଟଙ୍କା ଫେରାଉଛନ୍ତି।

# ବାଦପୁରରେ ବ୍ୟାପିଲା ଝାଡ଼ାବାନ୍ତି, ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଧରାକୋଟ/ସୋରଡ଼ା, ୧୨।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅନ୍ତର୍ଗତ ମାଣିକପୁର ପଞ୍ଚାୟତର ବାଦପୁର ଗ୍ରାମରେ ଝାଡ଼ାବାନ୍ତିରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ଉକ୍ତ ଗ୍ରାମରେ ଦଣ୍ଡଯାତ୍ରା ଚାଲିଛି। ଏହି ଯାତ୍ରାରେ ଦୂଷିତ ନଦୀ ପାଣିରେ ତିଆରି ହୋଇଥିବା ପଣା ପିଇ ସୋମବାର ସୁଦ୍ଧା ୧୫ଜଣ ପୁରୁଷ ଓ ଶିଶୁ ଆକ୍ରାନ୍ତ ହୋଇଥିବା ବେଳେ ମଙ୍ଗଳବାର ଆକ୍ରାନ୍ତଙ୍କ ସଂଖ୍ୟା ୨୦ ଟପିଛି। ସେମାନଙ୍କ ମଧରୁ ଗୁରୁତରଙ୍କୁ ଶେରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର ଓ ମାଣିକପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ଝରପାରି ପଞ୍ଚାୟତ ଅନ୍ତର୍ଗତ ବାଡୁଲା ଗ୍ରାମରେ ଝାଡ଼ାବାନ୍ତିରେ ୧୫ ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କୁ ଆସିକା, ବ୍ରହ୍ମପୁର ମେଡିକାଲ ପଠାଯାଇଛି। ଧରାକୋଟ ଭାରପ୍ରାପ୍ତ ଡ. ଏମ୍‌ଭିକେ ଅଶୋକ ଓ ଡ. ସୁକାନ୍ତ ପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଡାକ୍ତରଙ୍କ ଠାରୁ ପ୍ରକାଶ। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ବାଦପୁର ଗ୍ରାମ ପରିଦର୍ଶନ କରି ମେଡିକାଲ ଟିମ୍‌ଙ୍କ ସହ ଆଲୋଚନା କରିବା ସହିତ ମାଣିକପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବାଦପୁର ଗାଁ ଦୁର୍ଗମ ଅଞ୍ଚଳର ହୋଇଥିବାରୁ ସେଠାକାର ଲୋକ ପ୍ରତିନିଧି ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ସମିତିସଭ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ଆକ୍ରାନ୍ତମାନଙ୍କୁ ଯଥା ସମ୍ଭବ ସହାୟତା ଯୋଗାଇଛନ୍ତି।



ଜିଲା ପରିଷଦ ଅଧକ୍ଷା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝୁଛନ୍ତି।

# ଏସ୍‌ଓପି, କଣ୍ଟିଜେନ୍ସି ପ୍ଲାନ କାର୍ଯ୍ୟକାରୀ କର

## ଝାଡ଼ଖଣ୍ଡ ରୋପ୍‌ୱେ ଦୁର୍ଘଟଣା: ରାଜ୍ୟକୁ କେନ୍ଦ୍ରର ପରାମର୍ଶ

**ଭୁବନେଶ୍ୱର,୧୨।୪(ବ୍ୟୁରୋ)**

ଝାଡ଼ଖଣ୍ଡ ଦେଓଘର ତ୍ରିକୂଟ ରୋପ୍‌ୱେ ଦୁର୍ଘଟଣାରେ ୩ ଜଣଙ୍କର ଜୀବନ ଯାଇଛି। ଏଭଳି ଦୁର୍ଘଟଣାକୁ ଏଡ଼ାଇବା ପାଇଁ କେନ୍ଦ୍ର ସରକାର ରୋପ୍‌ୱେ ପ୍ରକଳ୍ପ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର(ଏସ୍‌ଓପି) ଏବଂ ଏକ କଣ୍ଟିଜେନ୍ସି ପ୍ଲାନ (ଜରୁରିକାଳୀନ ଯୋଜନା) ପ୍ରସ୍ତୁତ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଏଭଳି ଦୁର୍ଘଟଣାକୁ ଏଡ଼ାଯାଇ ପାରିବ। ଏ ନେଇ ମଙ୍ଗଳବାର ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ରୋପ୍‌ୱେ ପ୍ରକଳ୍ପ ଚଳାଇବା ଓ ରକ୍ଷଣାବେକ୍ଷଣ ପାଇଁ ବିଆଇଏସ୍ ଷ୍ଟାଣ୍ଡାର୍ଡକୁ ଅନୁସରଣ କରିବାକୁ କୁହାଯାଇଛି। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ସଡ଼କ, ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ଅଧୀନରେ ଥିବା ନୋଡାଲ ସଂସ୍ଥା ଜାତୀୟ ରାଜପଥ ଏବଂ ଭିତ୍ତିଭୂମି ଉନ୍ନୟନ ନିଗମ ( ଏନ୍‌ଏଚଆଇଡିସିଏଲ୍) ତତ୍ତ୍ୱାବଧାନରେ ପ୍ରକଳ୍ପ ନିର୍ମାଣ ହେବା ଦରକାର। ପ୍ରତ୍ୟେକ ରୋପ୍‌ୱେ ପ୍ରକଳ୍ପ ପାଇଁ ଅଭିଜ୍ଞ ସଂସ୍ଥାକୁ ଦେବା ଦରକାର। ଏଥିସହିତ ରାଜ୍ୟରେ ଥିବା ସମସ୍ତ ରୋପ୍‌ୱେ ପ୍ରକଳ୍ପର ସୁରକ୍ଷା ଅଡିଟକୁ ନିଶ୍ଚିତ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ରୋପ୍‌ୱେ ପରିଚାଳନା କରୁଥିବା ସଂସ୍ଥା ପାଇଁ ଏହା ବାଧତାମୂଳକ କରିବାକୁ କୁହାଯାଇଛି। ରାଜ୍ୟରେ ଥିବା ସମସ୍ତ ରୋପ୍‌ୱେ ପ୍ରକଳ୍ପର ସମୀକ୍ଷା କରିବା ସହ ଏସ୍‌ଓପି ଏବଂ କଣ୍ଟିଜେନ୍ସି ପ୍ଲାନ କାର୍ଯ୍ୟକାରୀ କରାଯାଉଛି କି ନାହିଁ ତାହା ନିଶ୍ଚିତ କରିବା ଦରକାର। ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ନିୟମିତ ମକ୍‌ଡ୍ରିଲ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ଏସ୍‌ଓପି ଏବଂ କଣ୍ଟିଜେନ୍ସି ପ୍ଲାନ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ତଦାରଖ କରିବାକୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



## ‘ଚାମ୍ପିୟନ୍ସ ଅଫ୍ ଦ ଚେଞ୍ଜ’ ଦିବ୍ୟଙ୍କା

ଟେଲି ସିରିଏଲ୍ ଅଭିନେତ୍ରୀ ଦିବ୍ୟଙ୍କା ତ୍ରିପାଠୀଙ୍କୁ ମଧ୍ୟ ପ୍ରଦେଶ ସିଏମ୍ ‘ଚାମ୍ପିୟନ୍ସ ଅଫ୍ ଦ ଚେଞ୍ଜ’ ସମ୍ମାନ ପ୍ରଦାନ କରିଛନ୍ତି।

୦୨

୦୮

## ଦୁବେଙ୍କ ଶ୍ରେଷ୍ଠ ଇନିଂସ

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ୯୫ ରନ ସ୍କୋର କରିଛନ୍ତି ଚେନ୍ନାଇ ସୁପରକିଙ୍ଗ୍ସର ଶିବମ ଦୁବେ।



# ଆଦି ଓ ଆର୍ଯ୍ୟ

ତଥାଗତ ସତପଥୀ

ଜଗନ୍ନାଥ ସଂସ୍କୃତିରେ ଓଡ଼ିଆ ଜାତି ପରିଚାଳିତ। ପଶ୍ଚିମ ଓଡ଼ିଶାରେ ମା’ ସମଲେଶ୍ୱରୀ ଆରାଧ୍ୟା ଦେବୀ। ଆଜିର ପରିସ୍ଥିତିରେ ରାଜନୈତିକ ପରିବେଶ ସହିତ ଉତ୍ତର ଭାରତର ପ୍ରଭାବ ଯୋଗୁ ଓଡ଼ିଶାରେ ଲୋକେ ରାମନବମୀ ବଡ଼ଧରଣରେ ପାଳନ କରୁଛନ୍ତି। ଏଠି ହିନ୍ଦୁ ଧର୍ମରେ ବିଶ୍ୱାସ କରୁଥିବା ଲୋକ ସବୁ ଠାକୁରାଣୀଠାକୁରଙ୍କୁ ସ୍ୱୀକାର କରନ୍ତି। ଜଗନ୍ନାଥପ୍ରେମୀ ମା’ ସମଲେଶ୍ୱରୀଙ୍କୁ ମୁଣ୍ଡିଆ ମାରିବା ସହ ରାମଙ୍କୁ ହାତ ଯୋଡ଼ିପାରନ୍ତି। ସେହିଭଳି ସମଲେଶ୍ୱରୀଙ୍କ ଭକ୍ତ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିବା ସହ ରାମଙ୍କୁ ଜୁହାର କରିପାରନ୍ତି। ଓଡ଼ିଶାରେ ଧାର୍ମିକ ତିକ୍ତତାର ପ୍ରଭାବ ପୂର୍ବରୁ ନ ଥିଲା। କାରଣ ମୁଣ୍ଡରେ ଫିତା ବାନ୍ଧି, ହାତରେ ପତାକା ଧରି ମୋଟରସାଇକେଲ ଆରୋହୀ କେବେହେଲେ ଜୟ ଜଗନ୍ନାଥ ଚିତ୍କାର କରୁଥିବାର କେହି ଦେଖି ନ ଥିବେ। ଏହି ରାଜ୍ୟରେ ଜଗନ୍ନାଥ ହୁଅନ୍ତୁ ବା ମା’ଙ୍କ ସମ୍ମୁଖରେ ଦୁଇ ହାତ ଟେକି ଆତ୍ମସମର୍ପଣ କରିବା ହେଉଛି ଆମ ଜାତିର ବିଶେଷତା। ପ୍ରବଳ ଭିଡ଼ ସମୟରେ ଯେଉଁମାନେ ଜଗନ୍ନାଥ ମନ୍ଦିରକୁ ପ୍ରବେଶ କରିଥିବେ ସେଠାରେ କେବେହେଲେ ଅଶାନ୍ତ ପରିସ୍ଥିତି ବା ଚିତ୍କାର ଶୁଣି ନ ଥିବେ। ଏପରିକି ଠେଲାପେଲା ମଧ୍ୟ ମନେହୁଏ ଯେପରି ପରିବାରବର୍ଗ କରନ୍ତି। ଉତ୍ତର ଭାରତର ପୁରାଣ କାହାଣୀରେ ଠାକୁରମାନେ ଅସ୍ତ୍ର ଧରି ଯୁଦ୍ଧ କରିଥିଲେ। ଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁ କେବେହେଲେ ନିଜେ ଯୁଦ୍ଧ କରିନାହାନ୍ତି। ଜଗନ୍ନାଥ ହେଲେ ଅବତାରୀ, ଅନ୍ୟ ସମସ୍ତେ ଅବତାର। ସେଥିପାଇଁ କୁହାଯାଏ ଦଶାବତାରରେ ଜଗନ୍ନାଥ ନାହାନ୍ତି। ଆମ ପ୍ରଭୁ ହେଲେ ଆଦି ଏବଂ ଅନ୍ୟସବୁ ଅବତାର ହେଲେ ଆର୍ଯ୍ୟ। ଅର୍ଥାତ୍ ଅନ୍ୟସବୁ ହେଲେ ପାର୍ଶ୍ୱ ଠାକୁର ଓ ସେଥିପାଇଁ ହିଂସା ରଚାଇବାକୁ କୌଣସି ଭାବେ ଓଡ଼ିଆ ଲୋକଙ୍କ ପାଇଁ ଗ୍ରହଣୀୟ ହେବାକଥା ନୁହେଁ। ଆଜି ଯଦି ଆମେ ଗୋଟିଏ ପଟରେ ହିଂସାକୁ ସହିବା ତେବେ ଅନ୍ୟପଟରେ ହିଂସାକୁ ଖଣ୍ଡନ କରିହେବ ନାହିଁ।

ଉଦାହରଣ ସ୍ୱରୂପ ମିଳିଥିବା ଖବର ଅନୁଯାୟୀ କେନ୍ଦୁଝର ଜିଲା ଯୋଡ଼ାରେ ଘଟିଥିବା ହିଂସା ପଛରେ କେତେକ ସଂଖ୍ୟାଲଘୁଙ୍କର ସମ୍ପୃକ୍ତି ଥାଇପାରେ। କୁହାଯାଉଛି ରାମନବମୀ ପତାକାକୁ ସଂଖ୍ୟାଲଘୁ ଅଞ୍ଚଳ ଦେଇ ନେବାକୁ ବିରୋଧ କରାଯିବା ଫଳରେ ସମସ୍ୟା ସୃଷ୍ଟି ହୋଇଥିଲା। ଯଦି ବାସ୍ତବରେ ସେଭଳି ବିରୋଧ ହୋଇଥାଏ ତାହା ବେଆଇନ ଓ ନିନ୍ଦନୀୟ। ଏକ ଗଣତାନ୍ତ୍ରିକ ଦେଶରେ ପ୍ରତ୍ୟେକ ସ୍ୱାଧୀନ ନାଗରିକଙ୍କର ସରକାରୀ ରାସ୍ତା ଉପରେ ଯାତାୟାତ କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି। ସେହି ଅଧିକାରକୁ ଯଦି କେହି ବାଧା ଦିଏ କଠୋର ବିରୋଧ ହେବା ସ୍ୱାଭାବିକ।

ସେହିଭଳି ମଧ୍ୟପ୍ରଦେଶର ଖାର୍ଗୋନ ଅଞ୍ଚଳରେ ଥିବା ଏକ ମସ୍‌ଜିଦ ଦେଇ ଶ୍ରୀରାମ ନବମୀ ଶୋଭାଯାତ୍ରା ଯାଉଥିଲା। କୁହାଯାଉଛି ହଠାତ୍ ଶୋଭାଯାତ୍ରା ଉପରକୁ ଟେକା ମାଡ଼ କରାଯାଇଥିଲା। କୋଭିଡ୍ ଯୋଗୁ ଦୀର୍ଘ ଦୁଇବର୍ଷ ପରେ ପର୍ବ ପାଳନ ହେଉଥିଲା। ତେବେ ଏଭଳି ହିଂସା ଘଟିବା ପରେ ସ୍ଥାନୀୟ ପ୍ରଶାସନ ମସ୍‌ଜିଦ ଅଞ୍ଚଳରେ ଥିବା ୪୫ଟି ଘରକୁ ଭାଙ୍ଗି ଦେଇଛନ୍ତି। କୁହାଯାଉଛି ଯେ, ସେହି ଘରଗୁଡ଼ିକର ରେକର୍ଡପତ୍ର ଠିକ୍ ନ ଥିଲା ଓ ସରକାରୀ ଜମି ଉପରେ ଗଢ଼ାଯାଇଥିଲା। ଏଠାରେ କୁହାଯାଇପାରେ, ଯଦି ସଂଖ୍ୟାଲଘୁଙ୍କ ଘର ଭଙ୍ଗାଗଲା ତାହା ପ୍ରଶାସନ ପାଇଁ ସମ୍ଭବ ହେଲା, କାରଣ ସେମାନେ ବେଆଇନ ଭାବେ ଗୃହ ନିର୍ମାଣ କରିଥିଲେ।

ମଧ୍ୟପ୍ରଦେଶ କଥା ଯାହା ହେଉଛି ହେଉ, ଓଡ଼ିଶାରେ ଜଗନ୍ନାଥଙ୍କ କୃପାରେ ବଞ୍ଚିଥିବା ସବୁ ଓଡ଼ିଆ ସୁରକ୍ଷିତ ରହିପାରିବେ ଯଦି ଉତ୍ତର ଭାରତର ପାଗଳାମି ଆମ ସଂସ୍କୃତିକୁ ଗ୍ରାସ କରିବାକୁ ଆମେ ଦେବୁନାହିଁ।

> **ମୁଣ୍ଡରେ ଫିତା ବାନ୍ଧି, ହାତରେ ପତାକା ଧରି ମୋଟରସାଇକେଲ ଆରୋହୀ କେବେହେଲେ ଜୟ ଜଗନ୍ନାଥ ଚିତ୍କାର କରୁଥିବାର କେହି ଦେଖି ନ ଥିବେ।**

# ଛୁଟିରେ ପଢ଼ିବେ ପିଲା

**■ କୋଭିଡ୍ ସମୟର ପାଠପଢ଼ା ପୂରଣ ହେବ**

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ପିଲାମାନଙ୍କ ପାଠପଢା ଓ ପରୀକ୍ଷା ଆଦି ବିଷୟ ଉପରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ସମୀକ୍ଷା କରିଛନ୍ତି। ଏଥିରେ ବିଭାଗର ସମସ୍ତ ନିର୍ଦ୍ଦେଶକ, ସଚିବଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମୁଖ୍ୟତଃ ୧୧ଟି ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ମାଟ୍ରିକ ପରୀକ୍ଷା, ଯୁକ୍ତ ୨ ପରୀକ୍ଷା, ପ୍ରଶ୍ନପତ୍ର ଠିକ୍‌ଭାବେ ପ୍ରସ୍ତୁତ କରିବା ଏବଂ ଏଥିରେ ଯେପରି ବିଭ୍ରାଟ ନ ହୁଏ ସେଥିପ୍ରତି ଧ୍ୟାନ ଦେବା ଉପରେ ଆଲୋଚନା ହୋଇଛି। ସେହିପରି ସ୍କୁଲ ଓ କଲେଜ ପାଇଁ ଖରା ଛୁଟି ତାରିଖ ଚୁଡାନ୍ତ ହୋଇ ଉକ୍ତ ଫାଇଲ ଉନ୍ନୟନ କମିଶନରଙ୍କ ନିକଟକୁ ପଠାଯାଇଛି। ସେଠାରୁ ଫାଇଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ଘୋଷଣା କରାଯିବ। ତେବେ ଆସନ୍ତା ମାସରେ ଖରାଛୁଟି ହେବାକୁ ଥିବାବେଳେ ଏଥର ଦୁଇ ବର୍ଷ କୋଭିଡ ପାଇଁ ଯେଉଁ ପାଠପଢା ପିଲାଙ୍କ ନଷ୍ଟ ହୋଇଛି ତାକୁ ନେଇ ନୂଆ ଚିନ୍ତା କରାଯାଇଛି। ଖରାଛୁଟି ଲର୍ଣ୍ଣିଂ ରିକୋଭରି ପ୍ଲାନ ନେଇ ଚିନ୍ତା କରାଯାଇଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅର୍ଥାତ୍ ଏଥର ପିଲାଙ୍କୁ ଖରା ଛୁଟିରେ ପାଠ ପଢାଇ ଯେପରି ୨ ବର୍ଷର କ୍ଷତିପୂରଣ କରି ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ସେହିପରି ୯୦୦ରୁ ଉର୍ଦ୍ଧ୍ୱ ସ୍କୁଲରେ ଜୁନିୟର ପ୍ରଧାନଶିକ୍ଷକଙ୍କୁ ସିନିୟର ପଦବୀକୁ ନେବା ଲାଗି ଆଲୋଚନା ହୋଇଛି। ଶିକ୍ଷକମାନଙ୍କ ବଦଳି ସମ୍ପର୍କିତ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଛି। ସେହିପରି ଗଣଶିକ୍ଷକମାନଙ୍କୁ ରେଗୁଲାର କରିବା ଉପରେ ଆଲୋଚନା ହୋଇଛି। ସେହିପରି ନିକଟରେ ନୂତନ ଭାବେ ନିଯୁକ୍ତି ପାଇଥିବା ୧୧ ହଜାର ଶିକ୍ଷୟତ୍ରୀ, ଶିକ୍ଷକମାନଙ୍କ ଟ୍ରେନିଂ ବାବଦ ଆଲୋଚନା ମଧ୍ୟ କରାଯାଇଛି। ସେହିପରି ଦଶମ ପିଲାଙ୍କ ପରୀକ୍ଷା ଫଳାଫଳ ସମୟ ଭିତରେ ପ୍ରକାଶ କରାଯିବା ଏବଂ ପରୀକ୍ଷା ସେଣ୍ଟର ଚୟନରେ ଯେପରି ସମସ୍ୟା ନ ଉପୁଜେ ସେଥିନେଇ ଆଲୋଚନା କରାଯାଇଛି।

# ମୋ ମୃତ୍ୟୁ ପାଇଁ ମନ୍ତ୍ରୀ ଦାୟୀ

## କର୍ଣ୍ଣାଟକରେ ୪ କୋଟିର କାମ ପାଇଁ ୪୦% କମିଶନ

**■ ସୁଇସାଇଡ୍ ନୋଟ୍‌ରେ ପରିବାର ସମ୍ଭାଳିବା ପାଇଁ ମୋଦି, ବୋମାଇଙ୍କୁ ଅନୁରୋଧ କଲେ ଠିକାଦାର**

ବେଙ୍ଗାଲୁରୁ,୧୨।୪

କର୍ଣ୍ଣାଟକର ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ କେ.ଏସ୍. ଈଶ୍ୱରପ୍ପାଙ୍କ ବିରୋଧରେ ଏକ ଠିକାକାମ ପାଇଁ ୪୦% କମିଶନ ଦାବି ଅଭିଯୋଗ ଆଣିଥିବା ଜଣେ ଠିକାଦାରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଉଡୁପିସ୍ଥିତ ଏକ ଲଜ୍‌ରୁ ମଙ୍ଗଳବାର ସକାଳେ ତାଙ୍କ ମୃତଦେହ ମିଳିଛି। ତାଙ୍କ ନାମ ସନ୍ତୋଷ ପାଟିଲ। ସନ୍ତୋଷ ମୃତ୍ୟୁ ପୂର୍ବରୁ ଭୋର ସମୟରେ ଗଣମାଧ୍ୟମ ଓ ନିଜ ବନ୍ଧୁମାନଙ୍କୁ ଶେଷ ମେସେଜ୍ ପଠାଇଥିଲେ। ସେଥିରେ ସେ ମୃତ୍ୟୁ ପାଇଁ ଈଶ୍ୱରପ୍ପାଙ୍କୁ ଦାୟୀ କରିଥିଲେ। ମନ୍ତ୍ରୀଙ୍କ ଯୋଗୁ ସେ ଆତ୍ମହତ୍ୟା କରିବାକୁ ଯାଉଥିବା ଦର୍ଶାଇଥିଲେ। ଠିକାଦାର ସନ୍ତୋଷଙ୍କ ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ ମିଳିଛି। ସେଥିରେ ସେ ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ପିଲାମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଓ ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କୁ ଅନୁରୋଧ କରିଛନ୍ତି।

ଆର୍‌ଡିପିଆର୍ ମନ୍ତ୍ରୀ କେ.ଏସ୍. ଈଶ୍ୱରପ୍ପା ହିଁ ମୋ ମୃତ୍ୟୁ ପାଇଁ ଦାୟୀ। ମୁଁ ମୋର ସବୁ ଆଶା ଆକାଂକ୍ଷାକୁ ଏଡ଼ାଇଦେଇ ଏହି ଚରମ ନିଷ୍ପତ୍ତି ନେଉଛି। ମୋ ସ୍ତ୍ରୀ ଓ ପିଲାଛୁଆଙ୍କୁ ସାହାଯ୍ୟ କରିବା ପାଇଁ ଆମ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ପ୍ରିୟ ଲିଙ୍ଗାୟତ ନେତା ବିଏସ୍‌ୱାଇଙ୍କୁ ହାତ ଯୋଡ଼ି ଅନୁରୋଧ କରୁଛି ବୋଲି ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରାଯାଇଛି। ପୋଲିସ କହିଛି, ସନ୍ତୋଷ ରହୁଥିବା ରୁମ୍ ପାଖରେ ତାଙ୍କ ବନ୍ଧୁମାନେ ରହୁଥିଲେ। ମାମଲାର ତଦନ୍ତ କରାଯାଉଛି। ସନ୍ତୋଷଙ୍କ ମୃତ୍ୟୁକୁ ନେଇ ଈଶ୍ୱରପ୍ପା ନିଜ ପ୍ରତିକ୍ରିୟାରେ କହିଛନ୍ତି, ସେ ଗଣମାଧ୍ୟମରୁ ଏହି ଆତ୍ମହତ୍ୟା ବିଷୟରେ ଶୁଣିବାକୁ ପାଇଛନ୍ତି। ମୃତକଙ୍କୁ ସେ ଚିହ୍ନିନାହାନ୍ତି।

ପ୍ରକାଶ ଯେ, ସନ୍ତୋଷ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କ ନିକଟକୁ ଏକ ପତ୍ର ଲେଖି ୪ କୋଟି ଟଙ୍କାର ଏକ ଠିକା କାମ ପାଇଁ ଈଶ୍ୱରପ୍ପା ତାଙ୍କୁ ୪୦% କମିଶନ ମାଗିଥିବା ଅଭିଯୋଗ ଆଣିଥିଲେ। ଗତମାସ ଈଶ୍ୱରପ୍ପା ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ବିରୋଧୀ କଂଗ୍ରେସ ମନ୍ତ୍ରୀ ଈଶ୍ୱରପ୍ପାଙ୍କ ଇସ୍ତଫା ସହ ତାଙ୍କ ବିରୋଧରେ ଏଫ୍‌ଆଇଆର୍ ଏବଂ ମାମଲାର ନିରପେକ୍ଷ ତଦନ୍ତ ଦାବି କରିଛି। ଈଶ୍ୱରପ୍ପା କହିଛନ୍ତି, ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ। ସନ୍ତୋଷ ପାଟିଲଙ୍କ ବିରୋଧରେ ସେ ଦାଏର କରିଥିବା ମାମଲାର କୋର୍ଟ ରାୟକୁ ଅପେକ୍ଷା କରିବାକୁ ପଡ଼ିବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ମୃତ୍ୟୁରେ ମୋଦି ଓ ବୋମାଇଙ୍କ ସମ୍ପୃକ୍ତି ଥିବା ଦର୍ଶାଇଛନ୍ତି। ଉଭୟେ ସନ୍ତୋଷଙ୍କ ଅନୁରୋଧକୁ ରକ୍ଷା କରି ନ ଥିବା ରାହୁଲ କହିଛନ୍ତି। ରାଜ୍ୟ ବିରୋଧୀ ଦଳ ନେତା ସିଦ୍ଧାରାମାୟା ମଧ୍ୟ କର୍ଣ୍ଣାଟକ ଭାଜପାକୁ ମୃତ୍ୟୁ ପାଇଁ ଦାୟୀ କରିଛନ୍ତି। କର୍ଣ୍ଣାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାର କହିଛନ୍ତି, ଏହା ଆତ୍ମହତ୍ୟା ନୁହେଁ, ହତ୍ୟା। ଭାଜପା ମୁହଁରେ ଟିକିଏ ବି ଲଜ୍ଜା ଥିଲେ ସେମାନେ ମନ୍ତ୍ରୀଙ୍କୁ ତୁରନ୍ତ ଗିରଫ କରାନ୍ତୁ। ସନ୍ତୋଷ ପାଟିଲଙ୍କ ହତ୍ୟାର ବିଚାରବିଭାଗୀୟ ତଦନ୍ତ ସମୟବଦ୍ଧ ଭାବେ କରାଯାଉ। ମୁଖ୍ୟମନ୍ତ୍ରୀ ବୋମାଇ ପୋଲିସକୁ ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



ମନ୍ତ୍ରୀ କେ.ଏସ୍. ଈଶ୍ୱରପ୍ପା



ଠିକାଦାର ସନ୍ତୋଷ ପାଟିଲ

> “କର୍ଣ୍ଣାଟକରେ ଭାଜପାର ୪୦% କମିଶନ ସରକାର ତାଙ୍କ ନିଜ କର୍ମକର୍ତ୍ତାଙ୍କ ଜୀବନ ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ଅନୁରୋଧର ଉତ୍ତର ଦେଇ ନ ଥିଲେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏହି ମୃତ୍ୟୁର ସହଅପରାଧୀ।
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

# ନ୍ୟୁୟର୍କ ସବ୍‌ୱେ ଷ୍ଟେଶନରେ ଗୁଳି: ୧୩ ଆହତ



ନ୍ୟୁୟର୍କ, ୧୨।୪

ନ୍ୟୁୟର୍କର ବ୍ରୁକ୍‌ଲିନ୍‌ଠାରେ ଥିବା ଏକ ସବ୍‌ୱେ ଷ୍ଟେଶନରେ ମଙ୍ଗଳବାର ଗୁଳିକାଣ୍ଡ ଘଟିଛି। ଏଥିରେ ଅନ୍ୟୂନ ୧୩ ଜଣ ଆହତ ହୋଇଛନ୍ତି। ଜଣେ ବ୍ୟକ୍ତି ଗୁଳିକାଣ୍ଡ ଘଟାଇଥିବା ପୋଲିସ କହିଥିବାବେଳେ ଏହା ପଛର କାରଣ ଜଣାପଡ଼ିନାହିଁ। ସୂଚନା ଅନୁସାରେ, ଅଭିଯୁକ୍ତ ଜଣକ ନିର୍ମାଣ ଶ୍ରମିକଙ୍କ ଭଳି ନାରଙ୍ଗୀ ପୋଷାକ ପିନ୍ଧିବା ସହ ମୁହଁରେ ଗ୍ୟାସ୍ ମାସ୍କ ଲଗାଇଥିଲେ। ସେଠାରେ ସ୍ମୋକ ବୋମା ପକାଇବାରୁ ସେହି ସ୍ଥାନ ଧୂଆଁମୟ ହୋଇଯାଇଥିଲା। ପରେ ଅଭିଯୁକ୍ତ ଜଣକ ୫ ଜଣଙ୍କ ଉପରେ ଗୁଳି ଚଳାଇଥିଲେ। ଅନ୍ୟମାନେ ସେଠାରୁ ଦୌଡ଼ି ପଳାଉଥିବା ସମୟରେ ଆହତ ହୋଇଛନ୍ତି। ଘଟଣାର ତଦନ୍ତ ଚାଲିଛି।

# ଏବର୍ଷ ସ୍ୱାଭାବିକ ମୌସୁମୀ ବର୍ଷା

ନୂଆଦିଲ୍ଲୀ,୧୨।୪

ଚଳିତ ବର୍ଷ ଭାରତରେ ସ୍ୱାଭାବିକ ମୌସୁମୀ ବର୍ଷା ହୋଇପାରେ ବୋଲି ଘରୋଇ ପାଣିପାଗ ଅନୁମାନକାରୀ ସଂସ୍ଥା ସ୍କାଏମେଟ୍ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ସ୍କାଏମେଟ୍‌ର ମୌସୁମୀ ପୂର୍ବାନୁମାନ ଅନୁସାରେ ଜୁନ୍-ଜୁଲାଇ-ଅଗଷ୍ଟ-ସେପ୍ଟେମ୍ବର(୪ ମାସ)ର ହାରାହାରି ବୃଷ୍ଟିପାତ ୮୮୦.୬ ମି.ମି. ତୁଳନାରେ ୨୦୨୨ରେ ୯୮% (+/-୫%) ବର୍ଷା ହୋଇପାରେ। ସ୍କାଏମେଟ୍ ଗତ ଫେବୃୟାରୀ ୨୧ରେ ନିଜ ପ୍ରାରମ୍ଭିକ ପୂର୍ବାନୁମାନ ଜାରି କରି ୨୦୨୨ରେ ‘ସ୍ୱାଭାବିକ ବର୍ଷା’ ହେବା ନେଇ ଆକଳନ କରିଥିଲା, ଯାହାକୁ ବର୍ତ୍ତମାନ ମଧ୍ୟ ବଳବତ୍ତର ରଖିଛି। ଦୀର୍ଘମିଆଦୀ ଅନୁପାତ (ଏଲ୍‌ପିଏ) ୯୬-୧୦୪% ରହିଲେ ତାକୁ ଆଭେରେଜ୍ ବା ନର୍ମାଲ (ହାରାହାରି ବା ସ୍ୱାଭାବିକ) ବୃଷ୍ଟିପାତ କୁହାଯାଏ। ତେବେ ଏବର୍ଷ ଏଲ୍‌ପିଏ ୯୮% ରହିବା ନେଇ ସ୍କାଏମେଟ୍ ଆକଳନ କରିଛି। ଭାରତର ପ୍ରାୟ ଅଧା ଚାଷଜମିକୁ ଜଳସେଚନ ସୁବିଧା ନ ଥିବାରୁ କୃଷି କାର୍ଯ୍ୟ ପାଇଁ ଚାଷୀକୁଳ ଜୁନ୍‌ରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବର୍ଷା ଉପରେ ନିର୍ଭର କରିଥାଆନ୍ତି। ତେଣୁ ଏହି ପୂର୍ବାନୁମାନ ପରେ ୨୦୨୨ରେ କୃଷିରେ ଉନ୍ନତି ସହ ଏସିଆର ତୃତୀୟ ବୃହତ୍ ଅର୍ଥନୀତି ପାଇଁ ଅଭିବୃଦ୍ଧିର ଆଶା ଉଜ୍ଜ୍ୱଳ ହୋଇଛି। ତେବେ ରାଜସ୍ଥାନ, ଗୁଜରାଟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ନିଅଣ୍ଟିଆ ବୃଷ୍ଟିପାତ ହେବା ଆଶଙ୍କା ରହିଛି। ଜୁଲାଇରୁ ଅଗଷ୍ଟ ମଧ୍ୟରେ ଦକ୍ଷିଣ ଭାରତର କେରଳ ଓ ଆଭ୍ୟନ୍ତରୀଣ କର୍ଣ୍ଣାଟକରେ ବୃଷ୍ଟିପାତର ତୀବ୍ରତା କମ୍ ରହିପାରେ। ଅନ୍ୟପକ୍ଷେ ହରିୟାଣା, ପଞ୍ଜାବ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ସ୍କାଏମେଟ୍ ଆକଳନ କରିଛି। ସରକାରୀ ଭାବେ ପାଣିପାଗ ପୂର୍ବାନୁମାନ କରୁଥିବା ଭାରତର ପାଣିପାଗ ବିଭାଗ (ଆଇଏମ୍‌ଡି) ଖୁବ୍‌ଶୀଘ୍ର ନିଜ ଆକଳନ ସମ୍ପର୍କରେ ଘୋଷଣା କରିପାରେ।

**ସ୍କାଏମେଟ୍ ପୂର୍ବାନୁମାନ**






## ରୁଷିଆକୁ ରପ୍ତାନି କରିବ ଭାରତ

**ନୂଆଦିଲ୍ଲୀ:** ରୁଷିଆ ଉପରେ ଲାଗିଥିବା ଆନ୍ତର୍ଜାତିକ ପ୍ରତିବନ୍ଧକ ମଧ୍ୟରେ ଦ୍ୱିପାକ୍ଷିକ କାରବାର ଜାରି ରଖିବା ପାଇଁ ଦୁଇ ଦେଶ ଦୁଇ ଦେଶ ସ୍ଥାନୀୟ ମୁଦ୍ରାରେ ଏକ ଦେୟ ବ୍ୟବସ୍ଥା ପ୍ରସ୍ତୁତ କରୁଛନ୍ତି। ତେଣୁ ଭାରତ, ରୁଷିଆକୁ ଅତିରିକ୍ତ ୨ ବିଲିୟନ ଡଲାର ପର୍ଯ୍ୟନ୍ତ ଶିପ୍‌ମେଣ୍ଟ ବୃଦ୍ଧି କରିବାକୁ ଯୋଜନା କରୁଛି। ଏନେଇ ଭାରତ ସରକାର ଅନେକ ଭାରତୀୟ ଉତ୍ପାଦଗୁଡ଼ିକର ବଜାର ପ୍ରବେଶ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ମସ୍କୋ ସହିତ ଆଲୋଚନା କରୁଛି। ରପ୍ତାନୀ ପାଇଁ ଥିବା ଜିନିଷ ମଧ୍ୟରେ ଫାର୍ମାସେଟ୍ୟୁକାଲ୍ ଉତ୍ପାଦ, ପ୍ଲାଷ୍ଟିକ୍, ଅର୍ଗାନିକ୍ ଏବଂ ଇନ୍‌ଅର୍ଗାନିକ୍ କେମିକାଲ୍ସ, ଗୃହ ଆସବାବପତ୍ର, ଚାଉଳ, ଚା' ଏବଂ କଫି ଭଳି ପାନୀୟ, ଦୁଗ୍ଧଜାତ ଦ୍ରବ୍ୟ, ବୋଭାଇନ୍ ଉତ୍ପାଦ ରହିଛି।

**ସଂକ୍ଷେପରେ**

## ଆଦାନୀ ହେଲେ ବିଶ୍ୱର ୬ଷ୍ଠ ଧନୀ

**ନୂଆଦିଲ୍ଲୀ, ୧୨।୪:** ଆଦାନୀ ଗ୍ରୁପ୍ ଚେୟାରମ୍ୟାନ୍ ଗୌତମ ଆଦାନୀ ବିଶ୍ୱର ୬ଷ୍ଠ ଧନୀ ବ୍ୟକ୍ତି ଭାବେ ପରିଗଣିତ ହୋଇଛନ୍ତି। ଆଦାନୀ ଗ୍ରୁପ୍‌ର ଶେୟାରରେ ବୃଦ୍ଧି ଯୋଗୁ ସେ ଏହି କୀର୍ତ୍ତିମାନ ହାସଲ କରିପାରିଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର ଇନ୍‌ଡେକ୍ସ ଅନୁସାରେ ଗୌତମ ଆଦାନୀଙ୍କ ମୋଟ୍ ସମ୍ପତ୍ତି ୧୧୮ ବିଲିୟନ ଡଲାର ପାଖାପାଖି ହୋଇଯାଇଛି। ଫଳସ୍ୱରୂପ ଏହି ତାଲିକାରେ ୯ମ ସ୍ଥାନରେ ଥିବା ଆଦାନୀଙ୍କ ସ୍ଥିତିରେ ଉନ୍ନତି ଘଟିଛି। ସୋମବାର ଦିନ ଶେୟାରବଜାରରେ ଆଦାନୀ ଗ୍ରୁପ୍‌ର ଶେୟାରରେ ଜୋରଦାର ବୃଦ୍ଧି ଘଟିଥିଲା। ଫଳରେ ଗୋଟିଏ ଦିନ ମଧ୍ୟରେ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ୬୫,୦୯୧ କୋଟି ଟଙ୍କା ବୃଦ୍ଧି ଘଟିଥିଲା। ଫଳସ୍ୱରୂପ ଆଦାନୀ ମୁକେଶ ଅମ୍ବାନୀଙ୍କୁ ତାଲିକାରେ ପଛରେ ପକାଇ ଦେଇଛନ୍ତି। ଏହାଛଡ଼ା ସେ ଗୁଗଲ ସଂସ୍ଥାପକ ଲୌରି ପେଜ୍ ଏବଂ ସର୍ଗୀ ବ୍ରିନ୍‌ଙ୍କୁ ମଧ୍ୟ ତାଲିକାରେ ପଛରେ ପକାଇଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର ଇନ୍‌ଡେକ୍ସ ଅନୁସାରେ ଆଦାନୀଙ୍କଠାରୁ ୨୦.୬ ବିଲିୟନ ଡଲାର କମ୍ ସମ୍ପତ୍ତି ସହିତ ମୁକେଶ ଅମ୍ବାନୀ ବିଶ୍ୱର ଧନୀ ତାଲିକାରେ ୧୧ତମ ସ୍ଥାନରେ ରହିଛନ୍ତି।

## ଫେବୃୟାରୀରେ ଆଇଆଇପି ଅଭିବୃଦ୍ଧି ୧.୭%

**ନୂଆଦିଲ୍ଲୀ,୧୨।୪:** ଦେଶର ଇନ୍‌ଡେକ୍ସ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ପ୍ରଡକ୍ସନ (ଆଇଆଇପି) ଅଭିବୃଦ୍ଧି ଫେବୃୟାରୀରେ ୧.୭% ରହିଛି। ଏହାପୂର୍ବରୁ ଜାନୁୟାରୀରେ ଏହି ଅଭିବୃଦ୍ଧି ହାର ୧.୫% ରହିଥିଲା। ମଙ୍ଗଳବାର ଷ୍ଟାଟିକ୍ସ ଆଣ୍ଡ୍ ପ୍ରୋଗ୍ରାମ୍ ଇମ୍ପ୍ଲିମେଣ୍ଟେଶନ୍ ମନ୍ତ୍ରଣାଳୟ ପକ୍ଷରୁ ଏହି ତଥ୍ୟ ଜାରି କରାଯାଇଛି। ଆଇଆଇପିର ଏହି ତଥ୍ୟ ଅନୁସାରେ କୋର୍ ସେକ୍ଟରଗୁଡ଼ିକର ଅଭିବୃଦ୍ଧି ୫.୮% ରହିଛି। ଜାନୁୟାରୀରେ ଏହି ଅଭିବୃଦ୍ଧି ହାର ୪% ରହିଥିଲା। ସୂଚନାଯୋଗ୍ୟ, ଆଇଆଇପିରେ କୋର୍ ସେକ୍ଟରଗୁଡ଼ିକର ସର୍ବମୋଟ୍ ୱେଟ୍ ୪୦.୩% ରହିଥାଏ।

# ଖୁଚୁରା ମୁଦ୍ରାସ୍ଫୀତି ୬.୯୫%

ନୂଆଦିଲ୍ଲୀ, ୧୨।୪



ବର୍ତ୍ତମାନ ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ୧୬ ମାସ ମଧ୍ୟରେ ସବୁଠାରୁ ଉଚ୍ଚା ସ୍ତରରେ ରହିଛି। ସରକାରଙ୍କ ଦ୍ୱାରା ମଙ୍ଗଳବାର ଜାରି କରାଯାଇଥିବା ତଥ୍ୟ ଅନୁସାରେ, ମାର୍ଚ୍ଚ ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ଫେବୃୟାରୀରେ ୬.୦୭% ଥିବାବେଳେ, ମାର୍ଚ୍ଚରେ ସେଥିରେ ବୃଦ୍ଧି ଘଟି ୬.୯୫% ହୋଇଛି। ତେବେ ଗତବର୍ଷ ଅର୍ଥାତ୍ ୨୦୨୧ ମାର୍ଚ୍ଚରେ ଏହି ହାର ୪.୩% ରହିଥିଲା। ଲଗାତର ୩ୟ ମାସ ଭାବରେ ମାର୍ଚ୍ଚରେ ମହଙ୍ଗା ହାର ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଟାର୍ଗେଟ୍ ରେଞ୍ଜ୍‌ଠାରୁ ଅଧିକ ରହିଛି। ଆର୍‌ବିଆଇ ପକ୍ଷରୁ ସରକାରଙ୍କୁ ରିଟେଲ୍ ମୁଦ୍ରାସ୍ଫୀତି ୨%-୬% ମଧ୍ୟରେ ସୀମିତ ରଖିବାକୁ କୁହାଯାଇଥିଲା।

ଜାତୀୟ ଷ୍ଟାଟିଷ୍ଟିକାଲ୍ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଦିଆଯାଇଥିବା ସୂଚନା ଅନୁସାରେ, ଖାଦ୍ୟ-ପାନୀୟ ସାମଗ୍ରୀ ଦରରେ ବୃଦ୍ଧି କାରଣରୁ ରିଟେଲ୍ ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି। ଫେବୃୟାରୀରେ ଖାଦ୍ୟ-ପାନୀୟ ଜିନିଷର ଖୁଚୁରା ମୁଦ୍ରାସ୍ଫୀତି ୫.୮୫% ଥିବା ବେଳେ ମାର୍ଚ୍ଚରେ ତାହା ୭.୬୮% କୁ ବୃଦ୍ଧି ହୋଇଛି। ରିପୋର୍ଟ ଅନୁସାରେ ରନ୍ଧନ ତୈଳ (୧୮.୭୯%), ପନିପରିବା (୧୧.୬୪%), ମାଛ ଏବଂ ମାଂସ (୯.୬୩%), ଫୁଟ୍‌ୱେର୍ ଏବଂ କ୍ଲୋଥିଂ (୯.୪%), ଇନ୍ଧନ ଏବଂ ଲାଇଟ୍ (୭.୫୨%) ଭଳି ଜିନିଷର ଖୁଚୁରା ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି।

ଇନ୍‌ଭେଷ୍ଟମେଣ୍ଟ ଇନ୍‌ଫର୍ମେସନ୍ ଆଣ୍ଡ୍ କ୍ରେଡିଟ୍ ରେଟିଂ ଏଜେନ୍ସି (ଆଇସିଆର୍‌ଏ) ଲିମିଟେଡ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତି ନାୟାର ଏ ସମ୍ପର୍କରେ କହିଛନ୍ତି ଯେ, ଖାଦ୍ୟ ପାନୀୟ ଜିନିଷର ମୂଲ୍ୟ ବୃଦ୍ଧି କାରଣରୁ ରିଟେଲ୍ ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି। ତେବେ ଜୁନ୍‌ରେ ଆର୍‌ବିଆଇ ମନିଟାରୀ ପଲିସି କମିଟି (ଏମ୍‌ପିସି)ର ବୈଠକ ହେବାର ରହିଛି। ତେଣୁ ଏପ୍ରିଲ୍ ଏବଂ ମେ' ମାସରେ ମହଙ୍ଗାଇ ହ୍ରାସ ନ ପାଇଲେ, ଜୁନ୍ ମାସରୁ ସୁଧ ଦରରେ ବୃଦ୍ଧି ଘଟିବା ସମ୍ଭାବନା ରହିଥିବା ନାୟାର କହିଛନ୍ତି। ନିଜର ନୂତନ ମୁଦ୍ରା ନୀତି ସମୀକ୍ଷା ବୈଠକରେ, ଆର୍‌ବିଆଇ ନୀତିଗତ ଦରକୁ ଅପରିବର୍ତ୍ତିତ ରଖିଛି। କିନ୍ତୁ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ମୁଦ୍ରାସ୍ଫୀତି ଉପରେ ନଜର ରଖିବା ଉପରେ ପ୍ରାଥମିକତା ଦିଆଯିବ ବୋଲି ଆର୍‌ବିଆଇ ପକ୍ଷରୁ ସଙ୍କେତ ଦିଆଯାଇଛି। ୟୁକ୍ରେନ୍-ରୁଷ୍ ଯୁଦ୍ଧ ପରେ ଅଶୋଧିତ ତୈଳ ବ୍ୟାରେଲ୍ ପିଛା ୧୦୦ ଡଲାର ଅନ୍ଦାଜା ଲଗାଇ ଆର୍‌ବିଆଇ ଅଭିବୃଦ୍ଧି ଅନୁମାନରେ ହ୍ରାସ ଆଣିଥିଲା। ଆର୍‌ବିଆଇର ଫେବୃୟାରୀ ବୈଠକରେ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଜିଡିପି ବୃଦ୍ଧି ଅନୁମାନକୁ ୭.୮%ରୁ ୭.୨%କୁ ହ୍ରାସ କରାଯାଇଛି। ଏଥିସହିତ ଚଳିତ ବର୍ଷ ପାଇଁ ମୁଦ୍ରାସ୍ଫୀତି ଅନୁମାନକୁ ୪.୫%ରୁ ୫.୭% କୁ ବୃଦ୍ଧି କରାଯାଇଛି।

## ଓଜିବିର ବାର୍ଷିକ ବ୍ୟବସାୟିକ ଯୋଜନା




ଭୁବନେଶ୍ୱର,୧୨।୪

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି)ର ବାର୍ଷିକ ବ୍ୟବସାୟିକ ଯୋଜନା ବୈଠକ ନିକଟରେ ସ୍ଥାନୀୟ ଓଜିବି ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ବରିଷ୍ଠ କର୍ମକର୍ତ୍ତାମାନଙ୍କୁ ନେଇ ଏକ ସାଧାରଣ ସଭାର ଆୟୋଜନ ମଧ୍ୟ କରାଯାଇଥିଲା। ଉକ୍ତ ସଭାରେ ବ୍ୟାଙ୍କର ସମସ୍ତ ମହାପ୍ରବନ୍ଧକ, ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥିତ ସମସ୍ତ ବିଭାଗ ମୁଖ୍ୟ ଏବଂ ବ୍ୟାଙ୍କର ନଅଟି ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ପ୍ରବନ୍ଧକମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ବ୍ୟାଙ୍କର ଅଧ୍ୟକ୍ଷ ମୋହନ. ଏମ ସଭାପତିତ୍ୱ କରିଥିଲେ। ଚଳିତ ଆର୍ଥିକ ବର୍ଷ (୨୦୨୨-୨୩) ନିମନ୍ତେ ବ୍ୟାଙ୍କର ବ୍ୟବସାୟିକ ସମ୍ପ୍ରସାରଣ ପାଇଁ ନୂତନ ପଦକ୍ଷେପମାନ ନିର୍ଦ୍ଧାରଣ କରିବା ପାଇଁ ସମସ୍ତଙ୍କର ସୁଚିନ୍ତିତ ମତାମତ ନିଆଯାଇଥିଲା। ଯେଉଁଥିରେ ମୁଖ୍ୟରୂପେ ଋଣ ପ୍ରଦାନ, ବ୍ୟାଙ୍କ ଜମା ବୃଦ୍ଧି ଏବଂ ଅନାଦାୟ ଋଣ ଆଦାୟ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ସର୍ବଶେଷରେ ବ୍ୟାଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ମୋହନ ବିସ୍ତୃତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଉତ୍ତମ ବ୍ୟବସାୟିକ ପ୍ରଦର୍ଶନ ପାଇଁ ୬ଟି ଆଞ୍ଚଳିକ କାର୍ଯ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ଗୋଦରେଜ୍ ଇଣ୍ଟେରିୟର ଏକ୍ସକ୍ଲୁସିଭ ଷ୍ଟୋର

କଟକ,୧୨।୪



ଗୋଦରେଜ୍ ଗ୍ରୁପର ସହଯୋଗୀ ସଂସ୍ଥା ଗୋଦରେଜ୍ ଇଣ୍ଟେରିୟର ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସିଡିଏ ସେକ୍ଟର-୬ରେ ଏକ ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରାଯାଇଛି। ୨୦୦୦ବର୍ଗଫୁଟ ଜମିରେ ଏହି ଷ୍ଟୋର ନିର୍ମାଣ ହୋଇଛି। ରୋଷେଇ ଘର, ଘର ଷ୍ଟୋରେଜ୍ ଏବଂ ଇଣ୍ଟେରିୟର ସଲ୍ୟୁଶନ୍ ବିଭିନ୍ନ ଶୈଳୀ ଏବଂ ଫିନିସିଂରେ ଷ୍ଟୋର୍‌ରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଉତ୍ପାଦଗୁଡିକ ଉପଲବ୍ଧ। ଆସନ୍ତା କିଛି ମାସ ମଧ୍ୟରେ ଗୋଦରେଜ ଇଣ୍ଟେରିୟର ଏହାର ସର୍ବନିମ୍ନ ଚ୍ୟାନେଲ ବିସ୍ତାର ରଣନୀତିର ଏକ ଅଂଶ ଭାବରେ ସମଗ୍ର ଭାରତରେ ସ୍ୱତନ୍ତ୍ର ବ୍ୟବସାୟ ଆଉଟଲେଟ୍ ମଧ୍ୟ ଆରମ୍ଭ କରିବ। ଏହି ଅବସରରେ କମ୍ପାନୀର ନ୍ୟାଶନାଲ ହେଡ୍ ଏବଂ ବିକ୍ରୟ ହେଟାଲ୍ ଆୟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଏ ସମ୍ପର୍କରେ କମ୍ପାନୀର ଉପାଧ୍ୟକ୍ଷ (ବି୨ସି) ସୁବୋଧ ମେହେଟ୍ଟା କହିଛନ୍ତି, ଗୋଦରେଜ ଇଣ୍ଟେରିୟର ଓଡ଼ିଶା ବଜାରରେ ଏହାର ବ୍ରାଣ୍ଡର ପୁନରୁଦ୍ଧାର ଏବଂ ମହତ୍ତ୍ୱପୂର୍ଣ୍ଣ ଗ୍ରାହକଙ୍କ ଆଧାର ଯୋଗୁ ଏକ ଦୃଢ ସ୍ଥାନ ରହିଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ 'ଜଗନ୍ନାଥ ଭୂମି' ସମଗ୍ର ବିଶ୍ୱରୁ ଅଗ୍ରଣୀ ଇଣ୍ଟେରିୟର ବ୍ରାଣ୍ଡକୁ ଆକର୍ଷିତ କରିଛି। ଆମେ ନିଶ୍ଚିତ ଯେ ନିକଟ ଭବିଷ୍ୟତରେ ଏହି ଅଞ୍ଚଳ ନିଶ୍ଚିତ ଭାବେ ଆମର ରାଜସ୍ୱ ଟୋକେଇକୁ ଅଧିକ ଯୋଗାଇବ।

## ଖସିଲା ଶେୟାର ବଜାର

ମୁମ୍ବାଇ, ୧୨।୪

କ୍ରମାଗତ ୨ୟ ଦିନ ଲାଗି ଶେୟାର ବଜାରର କାରବାର ହ୍ରାସ ପାଇଛି। ଫଳରେ ମଙ୍ଗଳବାର ବଜାର କାରବାର ଶେଷ ବେଳକୁ ୩୮୮.୨୦ (୦.୬୬%) ହ୍ରାସ ସହିତ ସେନ୍‌ସେକ୍ସ ୫୮,୫୭୬.୩୭ ଇଣ୍ଡେକ୍ସରେ ବନ୍ଦ ହୋଇଛି। ଏହାଛଡ଼ା ନିଫ୍ଟିରେ ୧୪୪.୬୫ (୦.୮୨%) ହ୍ରାସ ଘଟିଛି। ଦିନର ଟପ୍ ଗେନର୍ସ ତାଲିକାରେ ଆକ୍ସିସ୍ ବ୍ୟାଙ୍କ୍, ମହିନ୍ଦ୍ରା କୋଟାକ ବ୍ୟାଙ୍କ୍, ପାୱାର ଗ୍ରୀଡ୍ କର୍ପୋରେସନ, ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ଏବଂ ମାରୁତି ସୁଜୁକି ରହିଥିବା ବେଳେ ଟପ୍ ଲୁଜର୍ସ ଲିଷ୍ଟରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍, କୋଲ୍ ଇଣ୍ଡିଆ, ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍, ଟାଟା ମୋଟର୍ସ ଏବଂ ଟାଟା ଷ୍ଟିଲ୍ ରହିଛନ୍ତି।

## ଜିପିଏରେ ଟାଟା ଷ୍ଟିଲ ସାମିଲ

ଭୁବନେଶ୍ୱର,୧୨।୪

ଟାଟା ଷ୍ଟିଲ୍ ନିକଟରେ ବିଶ୍ୱ ଅର୍ଥନୈତିକ ଫୋରମର ଗ୍ଲୋବାଲ୍ ପ୍ୟାରିଟି ଆଲାଏନ୍ସ (ବିଶ୍ୱ ସମତା ମେଣ୍ଟ) ରେ ପ୍ରତିଷ୍ଠାତା ସଦସ୍ୟ ଭାବେ ସାମିଲ ହୋଇଛି। ବିଶ୍ୱ ସମତା ମେଣ୍ଟ (ଜିପିଏ) ହେଉଛି ବିଭିନ୍ନ ଦେଶକୁ ନେଇ ଗଠିତ ବିଶ୍ୱସ୍ତରୀୟ ସଂସ୍ଥାର ଏକ ଦଳ, ଯାହା କର୍ମକ୍ଷେତ୍ର ଓ ବାହାରେ ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତୀକରଣ (ଡିଇଆଣ୍ଡ୍‌ଆଇ) ପାଇଁ ସାମଗ୍ରିକ ପଦକ୍ଷେପ ଗ୍ରହଣ କରୁଛି। ମାକିନ୍‌ସେ ଆଣ୍ଡ୍ କୋର ସହଯୋଗିତାରେ ପ୍ରତିଷ୍ଠିତ ହୋଇଥିବା ଏହି ମେଣ୍ଟ ଡିଇଆଣ୍ଡ୍‌ଆଇର ଶ୍ରେଷ୍ଠ ପ୍ରଥାର ପ୍ରସାର କରୁଛି, ଯାହା ଦ୍ୱାରା ପ୍ରତିନିଧିତ୍ୱରୁ ବଞ୍ଚିତ ଦଳ ଉପକୃତ ହେବେ ଏବଂ ଉକ୍ତ ପ୍ରଥା ସମଗ୍ର ବ୍ୟବସାୟ ପ୍ରକ୍ରିୟାରେ ଲାଗୁ ହୋଇପାରିବ। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ସିଇଓ ଓ ଏମ୍‌ଡି ଟି.ଭି. ନରେନ୍ଦ୍ରନ କହିଛନ୍ତି, ଟାଟା ଷ୍ଟିଲ୍‌ରେ ଆମର ଲକ୍ଷ୍ୟ ହେଉଛି ଏଭଳି କର୍ମକ୍ଷେତ୍ର ପ୍ରସ୍ତୁତ କରିବା ଯେଉଁଠାରେ ବ୍ୟକ୍ତିଙ୍କ ଭିତରେ ଥିବା ଭିନ୍ନତାକୁ ଗ୍ରହଣ କରାଯିବ ଏବଂ ଏଭଳି ଏକ ସଂସ୍କୃତି ସୃଷ୍ଟି କରାଯିବ ଯେଉଁଠାରେ ପ୍ରତିଦିନ କାମ ପାଇଁ ସେମାନେ ନିଜର ଅସଲିପଣକୁ ଆଣିପାରିବେ। ସେହିପରି ଡିଇଆଣ୍ଡ୍‌ଆଇ ଦୀର୍ଘ ଦିନରୁ ଟାଟା ଷ୍ଟିଲ୍ ମୂଲ୍ୟବୋଧର ଅଂଶ ହୋଇ ରହିଛି। ଏକ ବିବିଧ, ଅନ୍ତର୍ଭୁକ୍ତୀକରଣ, ସୁରକ୍ଷିତ ଓ ଯୁକ୍ତିଯୁକ୍ତ କର୍ମକ୍ଷେତ୍ର ସୃଷ୍ଟି କରିବା ଲାଗି ଟାଟା ଷ୍ଟିଲ ପ୍ରତିବଦ୍ଧ ଏବଂ ୨୦୨୫ସୁଦ୍ଧା ୨୫% ବିବିଧ ଶ୍ରମଶକ୍ତି ପାଇଁ ଲକ୍ଷ୍ୟ ରଖିଛି।

**ଫୁରସତ୍**

# ୧୦୩ ବର୍ଷ ପରେ ବି ବ୍ରିଟେନ୍ କ୍ଷମା ମାଗିନି



**ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ**

**୧**୩ ଏପ୍ରିଲ ୧୯୧୯ରେ ଅମୃତସରର ଜାଲିଆନୱାଲା ବାଗ ହତ୍ୟାକାଣ୍ଡ ଘଟିଥିଲା। ସୈଫୁଦ୍ଦିନ କିଚଲୱେ ଏବଂ ଡ. ସତ୍ୟ ପାଲଙ୍କୁ ବ୍ରିଟିଶ୍ ସରକାର ଗିରଫ କରିଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରି ଜନସମାବେଶର ଆୟୋଜନ କରିଥିଲେ। ଜବାବରେ ଆଙ୍ଗ୍ଲୋ-ଇଣ୍ଡିଆନ ବ୍ରିଗେଡିୟର୍ ଆର.ଇ.ଏଚ୍. ଡାୟର ଜାଲିଆନୱାଲା ବାଗର ଏକ ମାତ୍ର ପ୍ରବେଶ ପଥରେ ତାଙ୍କର ସୈନ୍ୟଙ୍କୁ ନିରୀହ ଲୋକଙ୍କ ଉପରେ ଗୁଳି ଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାଲିଆନୱାଲା ବାଗର କେବଳ ଗୋଟିଏ ପାର୍ଶ୍ୱରେ ବାହାରକୁ ଯିବାର ସୁବିଧା ଥିବାବେଳେ ଏହାର ଅନ୍ୟ ତିନି ପାର୍ଶ୍ୱ ବିଲ୍ଡିଂ ଦ୍ୱାରା ଆବଦ୍ଧ ଥିଲା। ଫଳରେ ଗୁଳିମାଡ଼ରୁ ରକ୍ଷା ପାଇବା ଅସମ୍ଭବ ଥିଲା। ଡାୟରଙ୍କ ସୈନ୍ୟ ଗୁଳି ଶେଷ ନ ହେବା ପର୍ଯ୍ୟନ୍ତ ଗୁଳି ଚଳାଇଥିଲେ। ନିହତ ହୋଇଥିବା ଲୋକଙ୍କ ଆକଳନ ୧୫୦୦ରୁ ଅଧିକ ଥିବାବେଳେ ଏହାକୁ ସରକାର ୩୭୯ କହିଥିଲେ। ୧୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୯୨ ଜଣ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ସମୟରେ ଛୋଟ ଥିବା ଉଦ୍ଧମ ସିଂ ବଡ଼ ହୋଇ ଘଦ୍ଦର ପାର୍ଟିରେ ଯୋଗଦେଇ ଡାୟରଙ୍କୁ ଗୁଳି କରି ଲଣ୍ଡନର କାକ୍ସଟନ ହଲ୍‌ରେ ଏକ କାର୍ଯ୍ୟକ୍ରମରେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ପାଇଁ ବ୍ରିଟେନ କେବେ ବି ଆନୁଷ୍ଠାନିକ ଭାବେ କ୍ଷମା ମାଗି ନାହିଁ କିନ୍ତୁ ୨୦୧୯ରେ ଗଭୀର ଦୁଃଖ ପ୍ରକାଶ କରିଛି।

## 'ଚାମ୍ପିୟନ୍ସ ଅଫ୍ ଦ ଚେଞ୍ଜ୍' ଦିବ୍ୟଙ୍କା



**ଭୋପାଳ:** ହିନ୍ଦୀ ସିରିଏଲ୍ ଜଗତର ନାମକରା ଅଭିନେତ୍ରୀ ଦିବ୍ୟଙ୍କା ତ୍ରିପାଠୀଙ୍କୁ ମଧ୍ୟ ପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ 'ଚାମ୍ପିୟନ୍ସ ଅଫ୍ ଦ ଚେଞ୍ଜ୍' ସମ୍ମାନରେ ସମ୍ମାନିତ କରିଛନ୍ତି। ସିରିଏଲ୍ ଜଗତ ପାଇଁ ସେ କରିଥିବା ନିସ୍ୱାର୍ଥପର କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ଦିବ୍ୟଙ୍କାଙ୍କଠାରୁ ଅଧିକ ଖୁସି ଜଣାପଡୁଛନ୍ତି ସ୍ୱାମୀ ବିବେକ। ମଙ୍ଗଳବାର ସେ ଇନଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ମଧ୍ୟ ପ୍ରଦେଶ ସିଏମ୍‌ଙ୍କ ଦ୍ୱାରା ଦିବ୍ୟଙ୍କା ସମ୍ମାନିତ ହେଉଥିବାର ଦେଖାଯାଉଛି। ଏକାଧିକ ଟେଲି ସିରିଏଲ୍‌ରେ କାମ କରଥିବା ଦିବ୍ୟଙ୍କାଙ୍କ ବହୁଚର୍ଚ୍ଚିତ ସିରିଏଲ୍ ଥିଲା 'ୟେ ହେଁ ମହବତେ'। ଯେଉଁଥିରୁ ତାଙ୍କୁ ଦର୍ଶକଙ୍କ ପ୍ରଚୁର ମାତ୍ରାରେ ଭଲପାଇବା ମିଳିଥିଲା। ପରବର୍ତ୍ତୀ ସମୟରେ ଦିବ୍ୟଙ୍କା ସ୍ୱାମୀ ବିବେକଙ୍କ ସହ ବିଭିନ୍ନ ଡ୍ୟାନ୍ସିଂ ରିଆଲିଟି ଶୋ'ରେ କମ୍ପିଟ୍ କରିଥିଲେ। ତେବେ ଶାଶୂବୋହୂ ସିରିଏଲ୍ କରୁଥିବା ଦିବ୍ୟଙ୍କା 'ଖତରୋକେ ଖିଲାଡ଼ି' ସିଜନ୍-୧୧ରେ ମଧ୍ୟ ନଜରକୁ ଆସିଥିଲେ। ୟେ ହେଁ ମହବତେ ସିରିଏଲ୍‌ରେ ବିବେକଙ୍କ ସହ ଅଭିନୟ କରିବା ସମୟରେ ଦୁହେଁ ପରସ୍ପରକୁ ଭଲପାଇ ବସିଥିଲେ। କିଛି ଦିନ ଡେଟ୍ କରିବା ପରେ ଦୁହେଁ ବୈଦିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ।

# ୬୦ କେ.ଜି. ଲେମ୍ବୁ ଚୋରି





**ଲକ୍ଷ୍ନୌ:** ପରିବା ଦର ହୁହୁ ବଢୁଥିବାବେଳେ ଲେମ୍ବୁ ମୂଲ୍ୟ ଆକାଶଛୁଆଁ ହୋଇଛି। ପରିବା ଦର ବୃଦ୍ଧି କାରଣରୁ ଏବେ ସୁନା, ରୂପା ଛାଡ଼ି ଅପରାଧୀ ବର୍ତ୍ତମାନ ପନିପରିବା ଉପରେ ଆଖି ପକାଇବା ଆରମ୍ଭ କରିଛନ୍ତି। ଉତ୍ତର ପ୍ରଦେଶର ଶାହାଜାହାନପୁରରୁ ଏକ ନିଆରା ଖବର ସାମ୍ନାକୁ ଆସିଛି। ତିଲହାର ପୋଲିସ ଷ୍ଟେଶନ ଅଧୀନରେ ଆସୁଥିବା ବଜରିୟା ହାଟର ଏକ ପରିବା ଗୋଦାମରୁ ସୋମବାର ୬୦ କିଲୋଗ୍ରାମ ଲେମ୍ବୁ ଚୋରି ହୋଇଛି। ରବିବାର ରାତିରେ ଦୋକାନୀ ମନୋଜ କଶ୍ୟପ ଗୋଦାମ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ଗୋଦାମ ଖୋଲିଲାବେଳକୁ ଲେମ୍ବୁ ବସ୍ତା ଖାଲି ପଡ଼ିଥିବାବେଳେ ଗୋଦାମରେ ଥିବା ଅନ୍ୟ ଜିନିଷ ସବୁ ଏଣେତେଣେ ହୋଇ ପଡ଼ିରହିଥିଲା। ୟୁପିରେ ବର୍ତ୍ତମାନ ଲେମ୍ବୁ କେ.ଜି. ୨୮୦ ଟଙ୍କା ରହିଛି। ଗୋଦାମ ମାଲିକ ମନୋଜ କଶ୍ୟପଙ୍କ କହିବା ଅନୁସାରେ ଖାଲି ଲେମ୍ବୁ ନୁହେଁ ଦୁର୍ବୃତ୍ତମାନେ ୪୦ କେ.ଜି.ର ପିଆଜ ଓ ୩୮ କେ.ଜି.ର ରସୁଣ ମଧ୍ୟ ଗୋଦାମରୁ ଚୋରି କରିଛନ୍ତି। ଫୋନ୍ ଯୋଗେ ମନୋଜ ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ କରିବାପରେ ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଉମେଶ ସିଂ ସାଲଙ୍କି କହିଛନ୍ତି।

## ମହଙ୍ଗା ପଡ଼ିଲା ଘୋଡ଼ା ସହ ଟ୍ରେନ୍ ଯାତ୍ରା



**କୋଲକାତା:** ପଶ୍ଚିମବଙ୍ଗ ରାଜଧାନୀ କୋଲକାତାର ଗଫୁର ଅଲୀ ମୋଲାହ ନିଜ ପାଳିତ ଘୋଡ଼ାକୁ ନେଇ ଟ୍ରେନ୍ ଯାତ୍ରା କରିବା ପଡ଼ିଛି ମହଙ୍ଗା। ଟ୍ରେନ୍ ଯୋଗେ ଗଫୁର ଘୋଡ଼ା ସହ ଦକ୍ଷିଣ ଦୁର୍ଗାପୁରରୁ ନେତ୍ରା ଅଭିମୁଖେ ପ୍ରାୟ ୨୩ କି.ମି ଯାତ୍ରା କରିଥିଲେ। ଟ୍ରେନ୍‌ରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଏହା ଅଜବ ଲାଗିଥିବାବେଳେ କିଛି ଲୋକ ଏହାର ଭିଡ଼ିଓ କରିଥିଲେ। ଭିଡିଓଟି ଆର୍‌ପିଏଫ୍ ଯବାନଙ୍କ ନିକଟରେ ପହଞ୍ଚିବା ପରେ ସେମାନେ ଗଫୁରଙ୍କ ନେତ୍ରା ସ୍ଥିତ ଘରକୁ ଯାଇ ତାଙ୍କୁ ଗରଫ କରିଥିଲେ। ତାଙ୍କ ବିରୋଧରେ ରେଲୱେ ଆକ୍ଟ ଅବମାନନା କରିବା ନେଇ ଏଫ୍‌ଆଇଆର୍ ହୋଇଛି। ଯାତ୍ରୀଙ୍କ କମ୍ପାର୍ଟମେଣ୍ଟରେ ପଶୁ ଯାତ୍ରା କରିବାରିବେ ନାହିଁ। ପଶୁଙ୍କ ପାଇଁ ଅଲଗା ୱାଗନ୍ ବୁକ୍ କରାଯିବାଟେ ବ୍ୟବସ୍ଥା ଥିବା ପୂର୍ବତଟ୍ଟ ମୁଖପାତ୍ର ଏକଲବ୍ୟ ଚକ୍ରବର୍ତ୍ତୀ କହିଛନ୍ତି।

## 'ସ୍ନେକ୍ ମିର୍ଚି'



**ଆଙ୍କାରା:** ତୁର୍କୀରେ ଏପରି ଲଙ୍କା ଏକ ପ୍ରଜାତିର ଲଙ୍କା ମିଳୁଛି ଯାହାର ଆକାର ବହୁତ ଲମ୍ବା। ସେଥିପାଇଁ ସେଠାରେ ତାକୁ ସ୍ନେକ୍ ମିର୍ଚି ବୋଲି କୁହାଯାଏ। ଏହି ଲଙ୍କା ଦେଖିବାକୁ ସବୁଜ ରଙ୍ଗର, କିନ୍ତୁ ଲଙ୍କା ପାଚିଗଲେ ପୂରା ଲାଲ ରଙ୍ଗର ହୋଇଯାଏ। ଏପରି ଲଙ୍କାକୁ ସାଧାରଣ ଲଙ୍କା ଭଳି ବ୍ୟବହାର କରାଯାଇଥାଏ। ଏହାର ସ୍ୱାଦ ଟିକେ ମିଠା । ତୁର୍କୀରେ ଏହି ଲଙ୍କା ବହୁତ ପରିମାଣରେ ଚାଷ କରାଯାଏ।

## ବାଇକ୍ କିଣାରେ ସାହାଯ୍ୟ କଲା ଟୁଇଟର



**ଜୟପୁର:** ଟୁଇଟର ସାହାଯ୍ୟରେ ଜଣେ ଜୋମାଟୋ ଡେଲିଭରି ବଏଙ୍କ କଷ୍ଟ ହୋଇଛି। ଫୁଡ୍ ଡେଲିଭରି ବଏଙ୍କ ନାଁ ଦୁର୍ଗା ମିନା। ପେସାରେ ଜଣେ ଶିକ୍ଷକ ହୋଇଥିବାବେଳେ କରୋନା କାରଣରୁ ତାଙ୍କୁ ଶିକ୍ଷାବୃତ୍ତି ଛାଡ଼ିବାକୁ ପଡ଼ିଥିଲା। ପରିବାର ପ୍ରତିପୋଷଣ ପାଇଁ ତାଙ୍କୁ ଜୋମାଟୋରେ ଡେଲିଭରି ବଏ କାମ ମିଳିଥିଲା। ପାଖରେ ଗାଡ଼ି ନ ଥିବା କାରଣରୁ ସେ ସାଇକେଲରେ ବୁଲି ବୁଲି ଅର୍ଡର ଡେଲିଭରି କରନ୍ତି। ଜଣେ ଟୁଇଟର ୟୁଜର ଆଦିତ୍ୟ ଶର୍ମା ଜମୋଟୋରୁ ଖାଦ୍ୟ ମଗେଇଥିବାବେଳେ ଦୁର୍ଗା ଫୁଡ୍ ଡେଲିଭର କରିବା ପାଇଁ ସାଇକେଲରେ ତାଙ୍କ ନିକଟକୁ ଯାଇଥିଲେ। ଠିକ୍ ମସୟରେ ଅର୍ଡର ଡେଲିଭରି ହୋଇଥିବା ନେଇ ଆଦତ୍ୟ ଖୁସି ହୋଇଯାଇଥିବାବେଳେ ଖରାରେ ଦୁର୍ଗା ସାଇକେଲରେ ଅର୍ଡର ଡେଲିଭରି କରୁଥିବା ତାଙ୍କୁ କଷ୍ଟ ଦେଇଥିଲା, ଯାହା ପରେ ସେ ସାଇକେଲ ସହ ଦୁର୍ଗାଙ୍କ ଫଟୋ ଟୁଇଟରରେ ଶେୟାର କରିଥିଲେ। ତେବେ ଫଟୋଟି ଜମୋଟୋ ଡେଲିଭରି ଏକ୍ସିକ୍ୟୁଟିଭ୍‌ଙ୍କ ପାଖରେ ପହଞ୍ଚିଥିଲା, ଯାହାପରେ ଏକ୍ସିକ୍ୟୁଟିଭ୍ ଦୁର୍ଗାଙ୍କ ପାଇଁ ଏକ ବାଇକ୍ କିଣିଛନ୍ତି। ତେବେ ବାଇକ୍ କିଣିବାର ଏକ ଫଟୋ ଆଦିତ୍ୟ ଟୁଇଟରରେ ପୋଷ୍ଟ କରିଛନ୍ତି ଯାହାକୁ ସୋସିଆଲ ମିଡ଼ିଆ ୟୁଜର ପସନ୍ଦ କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୦୪,୩୭,୪୧୬ | ୬୨,୦୭,୪୬୧ | ୪୫,୦୫,୦୧,୬୮୫ |
| ଭାରତ | ୪,୩୦,୩୬,୯୨୮ | ୫,୨୧,୭୨୩ | ୪,୨୫,୦୪,୩୨୯ |
| ଓଡ଼ିଶା | ୧୨,୮୭,୮୬୦ | ୯୧୨୨(+୫୩) | ୧୨,୭୮,୫୬୯ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଯୁବ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ: ମୁଖ୍ୟମନ୍ତ୍ରୀ

## ଗୋପାଳପୁର ବିଜୁ ଆଡ୍‌ଭେଞ୍ଚର ପାର୍କ ଉଦ୍‌ଘାଟିତ

ଭୁବନେଶ୍ୱର,(ବ୍ୟୁରୋ)/ ଗୋପାଳପୁର,୧୨।୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଗଞ୍ଜାମ ଜିଲା ଗୋପାଳପୁରଠାରେ ବିଜୁ ଆଡ୍‌ଭେଞ୍ଚର ପାର୍କକୁ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଏହିଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପାର୍କ ଗୋପାଳପୁର ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ବିଶେଷ କରି ଆଡ୍‌ଭେଞ୍ଚର କ୍ରୀଡ଼ା ଯୁବ ଗୋଷ୍ଠୀଙ୍କୁ ଆକର୍ଷିତ କରିବ।

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିମାନ ଉଡ଼ାଣ ଦକ୍ଷତା ତଥା ସାହସିକତା କ୍ରୀଡ଼ାକୁ ସମ୍ମାନ ଜଣାଇ ତାଙ୍କ ନାମରେ ଏହି ପାର୍କକୁ ନାମିତ କରାଯାଇଛି। ଏହି ପାର୍କ ପାଇଁ ୨.୫ କୋଟି ବ୍ୟୟବରାଦ ହୋଇଛି। ଏହି ପାର୍କରେ ରିଭର କ୍ରସିଂ ଜିପ୍ ଲାଇନ ସହିତ ଅନେକ ସୁବିଧା ରହିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ୨୫୦ ମିଟର ଲମ୍ବର ରିଭର କ୍ରସିଂ ଜିପ୍ ଲାଇନ କରାଯାଇଛି। ଉଭୟ ପଟୁ କରାଯାଇଥିବା ଜିପ୍ ଲାଇନ ଗୋପାଳପୁର ବେଳାଭୂମିର ସୌନ୍ଦର୍ଯ୍ୟକୁ ଆହୁରି ବର୍ଦ୍ଧିତ କରିବ। ଏହାଛଡ଼ା ଏହି ପାର୍କରେ ୪୦ ଫୁଟ ଜିଆଣ୍ଟ ସୁଇଙ୍ଗ, ଏଆର ଗନ୍ ସୁଟିଂ, ବୁଙ୍ଗି ଟ୍ରାମ୍ପୋଲିନ, ମେକାନିକାଲ ବୁଲ୍ ରାଇଡ, ନେଟେଡ କ୍ରିକେଟ ଆଦି ବ୍ୟବସ୍ଥା ରହିଛି। ଏଥିସହିତ ରକ କ୍ଲାଇମ୍ବିଂ, ରାପେଲିଂ, ଡ୍ୟାସିଂ କାର, ଜୋରବିଙ୍ଗ ଆଦି ଦୁଃସାହସିକ କ୍ରୀଡ଼ାକୁ ସାମିଲ କରାଯିବା ବ୍ୟବସ୍ଥା ରହିଛି। ଏହାଦ୍ୱାରା ଗୋପାଳପୁରକୁ ବିଦେଶୀ ପର୍ଯ୍ୟଟକମାନେ ଆକର୍ଷିତ ହେବେ।




ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ବିଜୁ ଆଡ୍‌ଭେଞ୍ଚର ପାର୍କକୁ ଉଦ୍‌ଘାଟନ କରୁଛନ୍ତି।




ଗୋପାଳପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଅନ୍ୟ ଅଧିକାରୀମାନେ

ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏଥିସହିତ ଗୋପାଳପୁର କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଓ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଓ୍ୱାସନ, ଗୋପାଳପୁର ଏନ୍‌ଏସି ଚେୟାରମ୍ୟାନ ଜାନକୀ ରାମ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଙ୍ଗେଇଲୁଣ୍ଡା ବିଡିଓ ପ୍ରସନ୍ନ ପାତ୍ର, ତହସିଲଦାର ସୋନାଲି ଚାନ୍ଦ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ଭାଇସ ଚେୟାରମ୍ୟାନ ବି.ଉମା, ରାମହରି ପାତ୍ର, ଶିବରାମ ପାତ୍ର, ସମସ୍ତ କାଉନସିଲର, ବିଭିନ୍ନ ବିଭାଗର ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ୪୩ ଡିଗ୍ରୀ ଛୁଇଁଲା ପାରଦ

ଭୁବନେଶ୍ୱର,୧୨।୪(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ପାରଦ ଉପରମୁହାଁ ରହିଛି। ଉପକୂଳ ଓଡ଼ିଶାରେ ପାଗ ମେଘୁଆ ରହୁଥିବା ବେଳେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ତାତି ବଢ଼ିବାରେ ଲାଗିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀରେ ପହଞ୍ଚିଛି। ମଙ୍ଗଳବାର ବଲାଙ୍ଗୀର ଓ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ୧୧ ସହରରେ ପାରଦ ୪୦ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ୪୨.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଟିଟିଲାଗଡ଼ ୪୨, ଅନୁଗୋଳ ୪୧.୩, ବାରିପଦା ୪୨, ଝାରସୁଗୁଡ଼ା ୪୨.୬, ସମ୍ବଲପୁର ୪୧.୫,, ସୁନ୍ଦରଗଡ଼ ୪୧.୫, ହୀରାକୁଦ ୪୦.୭, ଭବାନୀପାଟଣା ୪୧, ବୌଦ୍ଧ ୪୧.୫, ନୟାଗଡ଼ରେ ୩୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୧୪ରୁ ୧୬ ତାରିଖ ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।

## ୨ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ୨ ଗୁରୁତର

**ପାରଳାଖେମୁଣ୍ଡି,୧୨।୪(ଡି.ଏନ୍.ଏ.):** ଗଜପତି ଜିଲା ଗୋଷାଣି ବ୍ଲକ ଗାରବନ୍ଧ ଥାନା ଅନ୍ତର୍ଗତ ରାଉତପୁର ଗ୍ରାମଠାରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତାହତମାନେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡିଛି। ଗଜପତି ଜିଲା ଦେଇ ଗୋଟିଏ ବାଇକ୍‌ରେ ଦୁଇ ଜଣ ଆନ୍ଧ୍ରପ୍ରଦେଶ ଯାଉଥିବା ବେଳେ ଅନ୍ୟ ବାଇକ୍‌ରେ ୨ ଜଣ ଆନ୍ଧ୍ରରୁ ଗରାବନ୍ଧ ପଟେ ଆସୁଥିଲେ। ବାଟରେ ରାଉତପୁର ଗ୍ରାମ ନିକଟରେ ବାଇକ୍ ଦୁଇଟି ମୁହାଁମୁହିଁ ଧକ୍କା ହେବାରୁ ୨ ଚାଳକ ମୁଲୁପୁଡ଼ି ଗ୍ରାମର ଟି. ହିରିସ୍ (୪୦) ଓ ଚିନ୍ତାପାଲି ଗ୍ରାମର ତୁଳସୀ ଦାସ (୩୬)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ଗୋକନପୁରମ୍ ଗ୍ରାମର ବି.ଲୋକେଶୁ (୨୦) ଓ ସୁଣ୍ଡିପୁଡି ଗ୍ରାମର ପି.ତୁଳସୀ ରାଓ (୩୬)ଙ୍କୁ ପ୍ରଥମେ ଗାରବନ୍ଧ ଓ ପରେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଏ ନେଇ ଗରାବନ୍ଧ ଥାନାରେ ନଂ.୨୮/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## କେନ୍ଦ୍ରମନ୍ତ୍ରୀଙ୍କୁ କୋରାପୁଟ ଜିଲା ପ୍ରଶାସନର ଅସହଯୋଗ

ଭୁବନେଶ୍ୱର,୧୨।୪(ବ୍ୟୁରୋ)

- ୧୦ ଆଂକାକ୍ଷୀ ଜିଲା ବୁଲି ସମୀକ୍ଷା କରିବେ ୧୦ କେନ୍ଦ୍ରମନ୍ତ୍ରୀ
- ଆଜି କୋରାପୁଟ ଯାଇ ଜିଲା ପ୍ରଶାସନର ସହଯୋଗ ପାଇଲେନି କେନ୍ଦ୍ରମନ୍ତ୍ରୀ
- ୨୦ ତାରିଖ ସୁଦ୍ଧା ସମୀକ୍ଷା ସାରି ରିପୋର୍ଟ ଦେବେ

କେନ୍ଦ୍ର ସରକାରଙ୍କ ସମସ୍ତ ଜନକଲ୍ୟାଣ କାର୍ଯ୍ୟର ହିସାବ ସାଧାରଣ ଜନତାଙ୍କ ନିକଟରେ ଉପସ୍ଥାପିତ କରାଯିବ। ସମସ୍ତ ଯୋଜନା ଓ କାର୍ଯ୍ୟକ୍ରମ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବାର ପ୍ରୟାସ କେନ୍ଦ୍ର ସରକାର ଜାରି ରଖିଛନ୍ତି। ଗତ ୭ ତାରିଖରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଭାଜପା କାର୍ଯ୍ୟକର୍ତ୍ତାମାନେ ଦେଶବ୍ୟାପୀ 'ସାମାଜିକ ନ୍ୟାୟିକ ପକ୍ଷ' ପାଳନ ଅବସରରେ ମୋଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ସାଧାରଣ ଜନତାଙ୍କୁ ଅବଗତ କରାଇବା ସହ ସଚେତନ ସୃଷ୍ଟି କରୁଛନ୍ତି। ଏହି ଅବସରରେ ଅନୁନ୍ନତ ଜିଲା ଭାବେ ଚିହ୍ନଟ ହୋଇଥିବା ଦେଶର ଆକାଂକ୍ଷୀ ଜିଲାଗୁଡ଼ିକରେ କେନ୍ଦ୍ରମନ୍ତ୍ରୀମାନେ ଗସ୍ତ କରି କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ କାର୍ଯ୍ୟକ୍ରମର ବାସ୍ତବ ସ୍ଥିତି ଅନୁଧ୍ୟାନ କରୁଛନ୍ତି । ୧୦ ଆକାଂକ୍ଷୀ ଜିଲାକୁ ୧୦ କେନ୍ଦ୍ରମନ୍ତ୍ରୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀ ସଞ୍ଜୀବ କୁମାର ବାଲ୍ୟାନ ମଙ୍ଗଳବାର କୋରାପୁଟ ଜିଲା ଗସ୍ତ କରିଛନ୍ତି । ହେଲେ ବାଲ୍ୟାନ କୋରାପୁଟ ଜିଲା ଗସ୍ତରେ ଖୁସି ନ ଥିବା ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏଠାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସମୀକ୍ଷା ଲାଗି ଆସିଥିଲୁ। ହେଲେ ଜିଲା ପ୍ରଶାସନ କି ଲୋକ ପ୍ରତିନିଧି କେହି ଆସିଲେନି। ଏହା ଜିଲା ପ୍ରଶାସନର ଅସହଯୋଗ। ଫଳରେ ଯେତିକି ଜାଣିବାକଥା ଜାଣିପାରିଲୁନି। ସମୀକ୍ଷା ଠିକ୍‌ରେ ହୋଇପାରିଲାନି। ଆଗକୁ ଏଭଳି ନ କରିବା ଲାଗି ସେ ଅନୁରୋଧ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଲକାନଗିରି, ଅର୍ଜୁନ ମୁଣ୍ଡା କଳାହାଣ୍ଡି, ପ୍ରହ୍ଲାଦ ସିଂ ପଟେଲ ଗଜପତି, ସାଧ୍ୱୀ ନିରଞ୍ଜନା ଜ୍ୟୋତି ବଲାଙ୍ଗୀର, ପ୍ରଫେସର ଏସ.ବାଘେଲ ନୂଆପଡ଼ା, ସୁଶ୍ରୀ ଶୋଭା କରନ୍ଦଲାଜେ ନବରଙ୍ଗପୁର, ସୋମ ପ୍ରକାଶ ରାୟଗଡ଼ା ଏବଂ ଡ.ଶୁଭ ସରକାର କନ୍ଧମାଳ ଜିଲା ଗସ୍ତ କରିବେ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୧୩ରୁ ୪ଦିନିଆ ଢେଙ୍କାନାଳ ଗସ୍ତରେ ଯାଇ ଆକାଂକ୍ଷୀ ଯୋଜନା ସମୀକ୍ଷା କରିବେ। ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀମାନେ କେନ୍ଦ୍ରୀୟ ଜନକଲ୍ୟାଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ବାସ୍ତବ ସ୍ଥିତି ନିରୀକ୍ଷଣ, ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହିତ ହିତାଧିକାରୀ, ସ୍ଥାନୀୟ ଏମ୍‌ପି, ବିଧାୟକ, ଚେୟାରମ୍ୟାନ, ସରପଞ୍ଚ ଓ ଅନ୍ୟ ଜନପ୍ରତିନିଧି ଏବଂ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବିସ୍ତୃତ ଆଲୋଚନା କରିବେ । ଏହାପରେ ସମସ୍ତ କେନ୍ଦ୍ରମନ୍ତ୍ରୀ ନିଜ ରିପୋର୍ଟ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀମାନେ ଖବରଦାତା ଜରିଆରେ ଗସ୍ତ ସମ୍ପର୍କରେ ଅବଗତ କରାଇବେ ବୋଲି ଗୋଲକ ସୂଚନା ଦେଇଛନ୍ତି।




## ଦୁଇଟି ମାମଲାରେ କୋର୍ଟରେ ହାଜର ହେଲେ ସବ୍ୟସାଚୀ

**ଗୁଣପୁର,୧୨।୪(ଡି.ଏନ୍.ଏ.):** ରାୟଗଡା ଜିଲା ଗୁଣପୁର ଏଡିଜେ କୋର୍ଟରେ ମଙ୍ଗଳବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଜର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ଜେଲରୁ ଅଣାଯାଇ ଗୁଣପୁର ଏଡିଜେଙ୍କ କୋର୍ଟରେ ହାଜର କରାଯାଇଥିଲା। ୨୦୦୬ ଗୁଡାରୀ ଥାନା ଅଧୀନ ଡିମିରିଗୁଡାଠାରେ ହୋଇଥିବା ଧାନକଟା ମାମଲାରେ ଏଡିଜେ ମାନସ ରଞ୍ଜନ ରଥ ସବ୍ୟସାଚୀଙ୍କ ବୟାନ ରେକର୍ଡ କରିଥିଲେ। ସେହିଭଳି ଚନ୍ଦ୍ରପୁର ଥାନା ଅଧୀନ ଡିମଗୁଡାଠାରେ ହୋଇଥିବା ବିସ୍ଫୋରକ ସାମଗ୍ରୀ ଜବତ ଘଟଣାର ବିଚାର ହୋଇଛି। ଏହି ଘଟଣାରେ ତଦନ୍ତ ଅଧିକାରୀଙ୍କୁ ପୁଣି ଥରେ ସାକ୍ଷ୍ୟଗ୍ରହଣ ପାଇଁ ଡକାଯିବାକୁ ସ୍ଥିର ହୋଇଛି। ଏହି ମାମଲାରେ ସରକାରୀ ଓକିଲ ଥିବା ଉମାଚରଣ ପଟ୍ଟନାୟକ କୋର୍ଟରେ ଆବେଦନ କରିଥିଲେ। ଅଭିଯୁକ୍ତଙ୍କ ପାଇଁ ବ୍ରହ୍ମାନନ୍ଦ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

## ଟାଙ୍ଗିଆରେ ହାଣି ବୃଦ୍ଧଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ

ବୌଦ୍ଧ,୧୨।୪(ସ୍ୱ.ପ୍ର.)

ବୌଦ୍ଧ ବ୍ଲକର ଖମାରିପଡ଼ା ଗ୍ରାମରେ ସୋମବାର ରାତିରେ ଜଣେ ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ଏକାଦଶୀ ନାଏକ (୬୦)। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ନରେନ ପ୍ରଧାନ (୨୬)ଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଅଭିଯୁକ୍ତଙ୍କ ଘରୁ ଜବତ ହୋଇଛି।

ମିଳିଥିବା ସୂଚନା ମୁତାବକ, ଖମାରିପଡ଼ା ଗ୍ରାମର ଏକାଦଶୀ ନିଜ ଚାଷଜମିରେ ପନିପରିବା ଫସଲ କରିଥିଲେ। ତାଙ୍କ ଜମି ନିକଟରେ କାଡା କେନାଲ ଯାଇଛି। ସେ ଏହି କେନାଲରୁ ପାଣି ନେଇ ଚାଷ କରିଆସୁଥିଲେ। କିନ୍ତୁ ଉକ୍ତ କେନାଲ ହୁଡ଼ା ପାର୍ଶ୍ୱକୁ ଗ୍ରାମର ନରେନ ଶୌଚ ହେବାକୁ ଯିବା ଦେଖି ଏକାଦଶୀ ବାରଣ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ସନ୍ଧ୍ୟାରେ ପାଟିତୁଣ୍ଡ ହୋଇଥିଲା। ଗ୍ରାମବାସୀ ଉଭୟଙ୍କୁ ବୁଝାଶୁଝା କରିଥିଲେ। ତେବେ ବିଳମ୍ବିତ ରାତିରେ ନରେନ ଗାଁ ମଣ୍ଡପଠାରେ ଶୋଇଥିବା ଏକାଦଶୀଙ୍କ ବେକକୁ ଏକ ଟାଙ୍ଗିଆରେ ହାଣି ଫେରାର ହୋଇଯାଇଥିଲେ। ଚିତ୍କାର ଶୁଣି ପାଖ ଲୋକେ ଦୌଡ଼ି ଆସିବା ବେଳକୁ ଘଟଣାସ୍ଥଳରେ ହିଁ ଏକାଦଶୀଙ୍କ ମୃତ୍ୟୁ ଘଟିଥିଲା। ବୌଦ୍ଧ ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ରାତିରେ ଖୋଜାଖୋଜି କରି ଅଭିଯୁକ୍ତ ନରେନଙ୍କୁ ତାଙ୍କ ଘରୁ ଧରି ଆଣି ଥାନାରେ ପଚରାଉଚୁରା କରିବା ସହ ଗିରଫ କରିଥିଲା। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୧୮ରୁ ପୁଣି ଉଚ୍ଚଶିକ୍ଷାନୁଷ୍ଠାନରେ ବାୟୋମେଟ୍ରିକ ଉପସ୍ଥାନ

**ଭୁବନେଶ୍ୱର,୧୨।୪(ବ୍ୟୁରୋ):** କରୋନା ସଂକ୍ରମଣ କମୁଥିବାରୁ ବିଭିନ୍ନ କ୍ଷେତ୍ରରେ କଟକଣାକୁ କୋହଳ କରାଯାଉଛି। ଏହିକ୍ରମରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ପୁଣିଥରେ ବାୟୋମେଟ୍ରିକ୍ ଉପସ୍ଥାନ ବ୍ୟବସ୍ଥା ଆସନ୍ତା ୧୮ରୁ ଆରମ୍ଭ ହେବ। ଗତ ଜାନୁଆରୀ ୭ରେ କରୋନା ସ୍ଥିତିକୁଦେଖି ଏହାକୁବାତିଲ କରାଯାଇଥିଲା। ତେବେ ଆସନ୍ତା ୧୮ ତାରିଖରୁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନରେ ବାୟୋମେଟ୍ରିକ୍ ଉପସ୍ଥାନ ପୁନଃ ଆରମ୍ଭ ହେବ। ଏନେଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ କଲେଜ ଅଧକ୍ଷମାନଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

## ଇସ୍ପାତ ଏକ୍ସପ୍ରେସ୍ କଣ୍ଟାବାଞ୍ଜିକୁ ସମ୍ପ୍ରସାରିତ




କଣ୍ଟାବାଞ୍ଜି ଷ୍ଟେଶନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସମ୍ବଲପୁର/କଣ୍ଟାବାଞ୍ଜି,୧୨।୪ (ବ୍ୟୁରୋ/ଡି.ଏନ୍.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଜନସାଧାରଣଙ୍କ ଦୀର୍ଘଦିନର ଦାବି ଶେଷରେ ପୂରଣ ହୋଇଛି। କଣ୍ଟାବାଞ୍ଜି ଷ୍ଟେଶନ ପର୍ଯ୍ୟନ୍ତ ଇସ୍ପାତ ଏକ୍ସପ୍ରେସ୍ ସମ୍ପ୍ରସାରିତ ହୋଇଛି। ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ସଂଯୋଜନାରେ ମଙ୍ଗଳବାର କଣ୍ଟାବାଞ୍ଜି ଷ୍ଟେଶନରେ ବଲାଙ୍ଗୀର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଅତିଥି ଭାବେ ଯୋଗଦେଇ ଟ୍ରେନ୍ ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଅୟୁବ ଖାନ, କଣ୍ଟାବାଞ୍ଜି ଏନ୍‌ଏସି ନଗରପାଳ ବରିୟାମ ସିଂ ସାଲୁଜା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟ୍ରେନ୍ ପୂର୍ବାହ୍ନ ୧୦ଟାରେ କଣ୍ଟାବାଞ୍ଜି ଷ୍ଟେଶନ ଛାଡ଼ି ଏକ ସ୍ୱତନ୍ତ୍ର ସେବା ଭାବେ ହାଓଡା ଯାତ୍ରା କରିଛି। ନିୟମିତ ସେବା ଭାବେ ଟ୍ରେନ୍‌ଟି ଚଳିତମାସ ୧୪ ତାରିଖଠାରୁ ହାଓଡା ଷ୍ଟେଶନରୁ ପ୍ରତି ରବିବାର, ମଙ୍ଗଳବାର, ଗୁରୁବାର ଓ ଶୁକ୍ରବାର ଚଳାଚଳ କରିବ। ସେହିପରି ୧୫ ଏପ୍ରିଲଠାରୁ କଣ୍ଟାବାଞ୍ଜି ଷ୍ଟେଶନରୁ ପ୍ରତ୍ୟେକ ସୋମବାର, ବୁଧବାର ଶୁକ୍ରବାର ଓ ଶନିବାର ହାଓଡାକୁ ଯାତ୍ରା କରିବ। ସେହିପରି ୧୬ ଏପ୍ରିଲରୁ ୧୩ ଅଗଷ୍ଟ ମଧ୍ୟରେ ଟ୍ରେନ୍‌ଟି ହାଓଡାଠାରୁ ପ୍ରତ୍ୟେକ ସୋମବାର, ବୁଧବାର ଓ ଶନିବାର ଟିଟିଲାଗଡ଼ ପର୍ଯ୍ୟନ୍ତ ଚଳାଚଳ କରିବ। ୧୭ ଏପ୍ରିଲରୁ ୧୪ ଅଗଷ୍ଟ ପର୍ଯ୍ୟନ୍ତ ଏହା ଟିଟିଲାଗଡ଼ ଷ୍ଟେଶନରୁ ପ୍ରତି ମଙ୍ଗଳବାର, ଗୁରୁବାର ଓ ରବିବାର ହାଓଡା ଯାତ୍ରା କରିବ। ଏହି ଅବସରରେ କଣ୍ଟାବାଞ୍ଜି ପ୍ଲାଟ୍‌ଫର୍ମ ନମ୍ବର ୧ ଓ ୨କୁ ସଂଯୋଗ କରୁଥିବା ଫୁଟ୍ ଓଭରବ୍ରିଜ୍ ଓ ଟ୍ରେନ୍ କୋଚ ରହଣି ସ୍ଥାନ ସୂଚନା ପାଇଁ ଅତିଥିମାନେ କୋଚ ଇଣ୍ଡିକେଶନ ବୋର୍ଡର ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୧୨ ତାରିଖଠାରୁ ଏହି ଟ୍ରେନ୍ ସମ୍ପ୍ରସାରଣ କରିବାକୁ ରେଳୱେ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ପଞ୍ଚାୟତ ନିର୍ବାଚନ ଆଚରଣ ବିଧି ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା।

### କୋଚ ଇଣ୍ଡିକେଶନ ବୋର୍ଡ ଉଦ୍‌ଘାଟିତ


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** — **ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), କଟକ, ୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦
ଫୋନ୍: ୦୬୭୧-୨୩୪୦୬୫୦, ଇ-ମେଲ: sbi.10027@sbi.co.in

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୯.୦୪.୨୦୨୨ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତାମାନେ: ୧) ରୋଜ୍ ମହମ୍ମଦ, ପିତା: ଅବଦୁଲ ସତାର, ୨) ସେହେନାଜ୍ ବାନୋ, ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜରୋଲି, ପୋ: ଜଜାଙ୍ଗ, ଥାନା: ଯୋଡା, ଜିଲ୍ଲା: କେନ୍ଦୁଝର | ରୋଜ୍ ମହମ୍ମଦ ଏବଂ ସେହେନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ଜରୋଲି, ପୋ: ଜଜାଙ୍ଗ, ଥାନା: ଯୋଡା, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯୦ଡିସିମିଲି | ୨୯.୦୭.୨୦୨୧ ପର୍ଯ୍ୟନ୍ତ ସୁଧ ସହିତ ଟ.୧,୦୧,୪୫,୦୦୦/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି/୦୨.୦୫.୨୦୧୬ | ଟ.୫୯,୮୫,୦୦୦/- / ଟ.୫,୯୮,୫୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ମେସର୍ସ ଅନ୍ନପୂର୍ଣ୍ଣା ଜୁଏଲର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରମୋଦ କୁମାର ମହାରଣା, ପିତା: ଅନନ୍ତ ଚରଣ ମହାରଣା / ଜାମିନ୍‌ଦାର: ଶ୍ରୀ ଅନନ୍ତ ଚରଣ ମହାରଣା, ପିତା: ୰ ହରିହର ମହାରଣା, ଉଭୟଙ୍କ ଠିକଣା- ସା: କାଞ୍ଚନ ବଜାର, ମସଜିଦ ଲେନ୍, ପୋ/ଜିଲ୍ଲା: ଢ଼େଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୦୧ | ଶ୍ରୀ ଅନନ୍ତ ଚରଣ ମହାରଣାଙ୍କ ନାମରେ ଥିବା ଖାଲି ଜମି ଯାହାର ମୌଜା: ଢ଼େଙ୍କାନାଳ ଟାଉନ୍, ଜିଲ୍ଲା: ଢ଼େଙ୍କାନାଳ, ଖାତା ନଂ.: ୧୧୨୦, ସାବିକ ପ୍ଲଟ୍ ନଂ.: ୫୨୩୩, ଅନୁରୂପ ହାଲ ଖାତା ନଂ.: ୨୧୮୧, କ୍ଷେତ୍ର: ଏକର୦.୦୨୮ଡିସିମିଲି ଏବଂ ସାବିକ ପ୍ଲଟ୍ ନଂ.: ୫୨୩୪, ଅନୁରୂପ ହାଲ ଖାତା ନଂ.: ୨୪୭୯, କ୍ଷେତ୍ର: ଏକର୦.୦୦୫ଡିସିମିଲି (ଏକର୦.୩୦ଡିସିମିଲିରୁ ଉତ୍ତର ପାର୍ଶ୍ୱକୁ), କିସମ: ଘରବାରି | ୦୨.୦୯.୨୦୨୧ ପର୍ଯ୍ୟନ୍ତ ସୁଧ ସହିତ ଟ.୨୬,୬୦,୧୦୨/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୩.୦୭.୨୦୧୮ | ଟ.୭,୪୩,୦୦୦/- / ଟ.୭୪,୩୦୦/- / ଟ.୧୦,୦୦୦/- |
| ୩. | ଋଣଗ୍ରହୀତା: ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଃ. ଲିଃ., ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର ଏବଂ ନିର୍ଦ୍ଦେଶକ: ଶ୍ରୀମତୀ ବନଶ୍ରୀ ମହାପାତ୍ର, ସା/ପୋ: ସମିଆ କଳାକଳ, ଭାୟା: ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା / ଜାମିନ୍‌ଦାରମାନେ: ୧) ଶ୍ରୀମତୀ ବନଶ୍ରୀ ମହାପାତ୍ର, ସ୍ୱାମୀ: ଦିଲ୍ଲୀପ କିଶୋର ମହପାତ୍ର, ୨) ଶ୍ରୀ ଦିଲ୍ଲୀପ କିଶୋର ମହାପାତ୍ର, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୭୮/୧୬୫୪, ବିଡାନାସୀ, ବାସେଲିଗଡ, କଟକ-୭୫୩୦୧୪, ୩) ଶ୍ରୀମତୀ ସଂଘମିତ୍ରା ମହାପାତ୍ର, ଗାୟତ୍ରୀ ଭବନ, ଗୋପବନ୍ଧୁ ଲେନ୍, ଅରୁଣୋଦୟ ମାର୍କେଟ, କଟକ-୧୨ | (୧) ମେସର୍ସ ମା ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଃ. ଲିଃ.ର ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ସମିଆ, ତହସିଲ: ଦର୍ପଣ, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁର, ଖାତା ନଂ.: ୯୯୮/୭୩, ପ୍ଲଟ୍ ନଂ.: ୩୫୬୯/୪୫୪୬, କ୍ଷେତ୍ର: ଏକର୫.୦୧ଡିସିମିଲି, ଖାତା ନଂ.: ୯୯୮/୭୨, ପ୍ଲଟ୍ ନଂ.: ୬୧୧/୪୫୪୪, କ୍ଷେତ୍ର: ଏକର୧.୫୪ଡିସିମିଲି, ପ୍ଲଟ୍ ନଂ.: ୩୫୬୯/୪୫୪୫, କ୍ଷେତ୍ର: ଏକର୧.୪୬ଡିସିମିଲି ଏବଂ ଖାତା ନଂ.: ୯୯୮/୧୦୩, ପ୍ଲଟ୍ ନଂ.: ୩୫୬୯/୪୫୬୫, କ୍ଷେତ୍ର: ଏକର୦.୨୮ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୮.୨୯ଡିସିମିଲି, କିସମ: ଘରବାରି। (୨) ରାଇସ୍ ମିଲରେ ଅବସ୍ଥିତ କଳକବ୍ଜା ଏବଂ ଯନ୍ତ୍ରପାତି। | ୦୫.୦୪.୨୦୨୨ ପର୍ଯ୍ୟନ୍ତ ସୁଧ ସହିତ ଟ.୭,୮୬,୨୪,୦୦୦/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୩୦.୦୩.୨୦୧୫ | (୧) ଟ.୨,୬୫,୫୦,୦୦୦/- / ଟ.୨୬,୫୫,୦୦୦/- / ଟ.୧,୦୦,୦୦୦/- (୨) ଟ.୧୨,୮୬,୦୦୦/- / ଟ.୧,୨୮,୬୦୦/- / ଟ.୧୦,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ୨୭.୦୪.୨୦୨୨ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା**

ଇଚ୍ଛୁକ ବିଡର ଇ-ନିଲାମ ବନ୍ଦ ପୂର୍ବରୁ ଏମ୍‌ଏସ୍‌ଟିସି ମାଧ୍ୟମରେ ପ୍ରି ବିଡ୍ ଅମାନତ ଜମା କରିପାରିବେ। ପ୍ରି-ବିଡ୍ ଅମାନତ ଜମାର କ୍ରେଡିଟ୍ ବିଡରଙ୍କୁ କେବଳ ଏମ୍‌ଏସ୍‌ଟିସିର ବ୍ୟାଙ୍କ ଆକାଉଣ୍ଟରେ ପେମେଣ୍ଟ ପ୍ରାପ୍ତ ପରେ ଏବଂ ଇ-ନିଲାମ ୱେବସାଇଟରେ ଅପଡେଟ୍ ପରେ ପ୍ରଦାନ କରାଯିବ। ବ୍ୟାଙ୍କିଙ୍ଗ୍ ପ୍ରକ୍ରିୟା ଅନୁଯାୟୀ ଏହା କିଛି ସମୟ ନେଇପାରେ ତେଣୁ ବିଡରମାନେ ନିଜ ସ୍ୱାର୍ଥକୁ ଧ୍ୟାନରେ ରଖି କୌଣସି ଶେଷ ମୁହୂର୍ତ୍ତର ସମସ୍ୟାକୁ ଏଡାଇବା ପାଇଁ ପ୍ରି-ବିଡ୍ ଅମାନତ ଜମା ରାଶି ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in

ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ନଳିନୀକାନ୍ତ ପଣ୍ଡା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୩୨୭୭୭୧୭୫୨ ଏବଂ ଶ୍ରୀ ପ୍ରଦୀପ ମହାପାତ୍ର (ସିଟି କେସ୍ ଅଫିସର), ମୋ.: ୯୪୩୯୨୦୩୫୭୧ (କ୍ର. ନଂ. ୧ ନିମନ୍ତେ), ଶ୍ରୀ ଶଙ୍କର ଚରଣ ସୋରେନ୍ (ସିଟି କେସ୍ ଅଫିସର), ମୋ.: ୭୬୫୬୯୪୯୧୯୭ (କ୍ର. ନଂ. ୨ ନିମନ୍ତେ) ଏବଂ ଶ୍ରୀମତୀ ପି. ଇକ୍କା (ସିଟି କେସ୍ ଅଫିସର), ମୋ.: ୭୯୭୮୩୫୧୯୯୮ (କ୍ର. ନଂ. ୩ ନିମନ୍ତେ)

ତାରିଖ : ୧୨.୦୪.୨୦୨୨, ସ୍ଥାନ : କଟକ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ବୁଧବାର, ୧୩ ଏପ୍ରିଲ, ୨୦୨୨

**'ଜବକାର୍ଡଧାରୀ ଶ୍ରମିକଙ୍କୁ କାମ ଦିଅ'**

ବିଶୋଇ,(ଡି.ଏନ.ଏ.): ଲୁହାକାନି ପଞ୍ଚାୟତ ଅଧୀନ ସମସ୍ତ ମନରେଗା ପ୍ରକଳ୍ପଗୁଡ଼ିକର କୋଡ଼ିଂ ଓ ସିକ୍ୟୁର କରି ଯଥାଶୀଘ୍ର ଜବକାର୍ଡଧାରୀ ଶ୍ରମିକମାନଙ୍କୁ କାମ ଯୋଗାଇବା ନେଇ ମଙ୍ଗଳବାର ଗ୍ରାମସାଥୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଲୁହାକାନି ପଞ୍ଚାୟତ ଗାଁସାଥି ସଂଘର ସଭାପତିଙ୍କ ନେତୃତ୍ୱରେ ପ୍ରତ୍ୟେକ ରାଜ୍ୟସ୍ୱ ଗ୍ରାମର ଗାଁ ସାଥି ଓ ଗ୍ରାମ ସଂଯୋଜକମାନେ ମିଳିତ ହୋଇ ସରପଞ୍ଚ ସଲମା ଟୁଡୁଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗାଁସାଥି ସଂଘର ସମ୍ପାଦକ ତପନ ଗିରି, ବାସନ୍ତୀ ମାଝୀ, ଭାଗବତ ଟୁଡୁ, ଅଜିତ ଗିରି ସମେତ ପଞ୍ଚାୟତର ସମସ୍ତ ଗାଁସାଥି ଓ ଗ୍ରାମ ସଂଯୋଜକ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ବଡ଼ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା

**ଢେଙ୍କିକୋଟ, ୧୨।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ଥାନା ଭୋଳବେଡା ପଞ୍ଚାୟତ ଆମ୍ବପଡ଼ା ଗ୍ରାମର ଚରଣ ନାୟକ ତାଙ୍କ ବଡବାପା ଶତ୍ରୁଘ୍ନ ନାୟକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଛନ୍ତି। ପରେ ଚରଣଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ପ୍ରତିଭା ସାହୁ କହିଛନ୍ତି। ଶତ୍ରୁଘ୍ନ ସୋମବାର ରାତିରେ ଖାଉଥିବା ବେଳେ ପୁତୁରା ଚରଣ ମୋବାଇଲରେ ଜୋରରେ କଥା ହେଉଥିଲେ। ଏଥିରେ ସେ ଆପତ୍ତି କରି ଧୀରେ କଥା ହେବାକୁ କହିଥିଲେ। ଚରଣ ଉତ୍କ୍ଷିପ୍ତ ହୋଇ ବଡବାପାଙ୍କୁ ଠେଲାପେଲା କରିବା ସହ ଏକ ଠେଙ୍ଗାରେ ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲେ। ଘଟଣାସ୍ଥଳରେ ଶତ୍ରୁଘ୍ନଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନ ଫେରାର ହେବାକୁ ଉଦ୍ୟମ କରୁଥିବା ଚରଣଙ୍କୁ ଚିକିଣିଆ ଗ୍ରାମରୁ କାବୁ କରିଥିଲେ। ଏନେଇ ଘଟଗାଁ ଥାନାରେ ଏକ ହତ୍ୟା ମାମଲା (ନଂ.୭୬/୨୨) ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୁଧବାର ଅଭିଯୁକ୍ତ ପୁତୁରାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସାହୁ କହିଛନ୍ତି।

### ପ୍ରଧାନଶିକ୍ଷକଙ୍କ ଗିରଫ ଦାବିରେ ଧାରଣା

**ଉଦଳା,୧୨।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଉଦଳା ସ୍ଥିତ ଏକ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ମାଟ୍ରନ ସେହି ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିଦେବେ ବୋଲି ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗର ୧୦ ଦିନ ବିତିଯାଇଥିଲେ ହେଁ, ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପ୍ରତିବାଦରେ ମଙ୍ଗଳବାର ଛାତ୍ରୀଙ୍କ ପରିବାର ଲୋକ ଓ ଗ୍ରାମବାସୀ କପ୍ତିପଦା ଉପଖଣ୍ଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣାରେ ବସିଛନ୍ତି। ତୁରନ୍ତ ପ୍ରଧାନ ଶିକ୍ଷକ ଓ ମାଟ୍ରନଙ୍କୁ ଗିରଫ କରା ନ ଗଲେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

### ପୋଖରୀରେ ବୁଡ଼ି ନାବାଳକ ଗୁରୁତର

**ବାଲିଆପାଳ, ୧୨।୪(ସ୍ୱ.ପ୍ର):** ବାଲିଆପାଳ ଥାନା ନିଖିରା ଶିବ ମନ୍ଦିରରେ ମଙ୍ଗଳବାର ନୀଳ ପର୍ବ ଚାଲିଥିବା ବେଳେ ମହାଦେବ ମନ୍ଦିର ପୋଖରୀରେ ବୁଡି ଜଣେ ନାବାଳକ ଗୁରୁତର ହୋଇଛନ୍ତି। ବ୍ରତଧାରୀ ଓ ଗ୍ରାମବାସୀ ନାବାଳକଙ୍କୁ ଉଦ୍ଧାର କରି ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ବାଲେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ପାଳବେଗୁନିଆ ଗ୍ରାମର ସୁବଳ ଦଳାଇଙ୍କ ୧୦ ବର୍ଷର ପୁଅ ସ୍ୱାଧୀନ ନିଜ ମା' ଓ ବାପାଙ୍କ ସହିତ ମାନସିକ ପୂରଣ ପାଇଁ ନିଖିରା ଶିବ ମନ୍ଦିରରେ ଶନିବାରଠାରୁ ପଇତା ଧାରଣ କରିଥିଲେ। ବ୍ରତଧାରୀଙ୍କ ପରି ସ୍ୱାଧୀନ ମଙ୍ଗଳବାର ସକାଳେ ମହାଦେବ ମନ୍ଦିର ପୋଖରୀକୁ ସ୍ନାନ କରିବାକୁ ଯାଇ ବୁଡ଼ିଯାଇଥିଲେ।

### ବିଭିନ୍ନ ସ୍ଥାନରେ ରାମନବମୀ

**ଖଇରା, ୧୨।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ରାମ ନବମୀ ପାଳିତ ହୋଇଯାଇଛି। ସୁଣ୍ଡିରା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତ୍ରୁଘ୍ନ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚତୁର୍ଥ ପ୍ରହର ନାମଯଜ୍ଞ ଆୟୋଜନ କରାଯାଇଥିଲା। ମୁଖ୍ୟ ପୁରୋଧା ନିରଞ୍ଜନ ବେହେରାଙ୍କ ସମେତ ଶଙ୍କର୍ଷଣ ରାୟ, ମନ୍ମଥ ଦାସ, ସୁରେନ୍ଦ୍ର ପ୍ରସାଦ ରାଉତ, ହରିଶ୍ଚନ୍ଦ୍ର ପରିଡା, ତ୍ରିଲୋଚନ ନାୟକ, ଲକ୍ଷ୍ମୀଧର ନାୟକ, ମହେନ୍ଦ୍ର କୁମାର ଶିଅଳ, ପର୍ଶୁରାମ ବେହେରା, ରତ୍ନାକର ବେହେରା, ବସନ୍ତ କୁମାର ଲେଙ୍କା, ଶିଶିର କୁମାର ନାୟକ, ମହେନ୍ଦ୍ର ସେଠୀ, ଚିତ୍ତରଞ୍ଜନ ଦାସ ପରିଚାଳନାରେ ସହଯୋଗ କରିଥିଲେ ।

### ପଞ୍ଚାୟତ ସମିତି ବୈଠକ

**କୁଳିଅଣା,୧୨।୪(ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା କୁଳିଅଣା ପଞ୍ଚାୟତ ସମିତିର ୩ୟ ସାଧାରଣ ଅଧିବେଶନ ଅଧକ୍ଷା ଦୀପିକା ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଡ଼ିଓ ଦେବାଶିଷ ମହାପାତ୍ର, ଉପାଧକ୍ଷା ଅନିମା ସାହୁ, ଜିଲା ପରିଷଦ ସଭ୍ୟ ଦୁର୍ଗା ଚରଣ ମରାଣ୍ଡି, ଆନନ୍ଦ ଚନ୍ଦ୍ର ଟୁଡୁ, ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଶତପଥୀ ମଞ୍ଚାସୀନ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁକଲ୍ୟାଣ, କୃଷି, ସାମାଜିକ ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା।

# ଭଦ୍ରକରେ ମୋ ସ୍କୁଲ ଅଭିଯାନ ରାଜ୍ୟ ଅଧକ୍ଷା

**ଭଦ୍ରକ ଅଫିସ, ୧୨।୪**



ସମୀକ୍ଷା ବୈଠକରେ ମୋ ସ୍କୁଲ ଅଭିଯାନ ରାଜ୍ୟ ଅଧକ୍ଷା ସସ୍ମିତା ବାଗ୍‌ଚୀ ଓ ଅନ୍ୟମାନେ।

ମୋ ସ୍କୁଲ ଅଭିଯାନ ପରିଚାଳନା ସଙ୍ଗଠନର ଅଧକ୍ଷା ସସ୍ମିତା ବାଗ୍‌ଚୀ ସୋମବାର ଭଦ୍ରକ ଜିଲା ଗସ୍ତ କରିଥିଲେ। ସେ କେତୋଟି ସ୍କୁଲ ପରିଦର୍ଶନ କରିବା ସହ ଅପରାହ୍ଣରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଦୁଇଟି ବୈଠକରେ ଯୋଗ ଦେଇଥିଲେ। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୋ ସ୍କୁଲ ଅଭିଯାନରେ ଭଦ୍ରକ ଜିଲାର ବ୍ଲକ ଅନୁଯାୟୀ ସ୍ଥିତି, ପ୍ରଗତି, ସମସ୍ୟା, ଧାର୍ଯ୍ୟ ଲକ୍ଷ୍ୟ ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ବାଗ୍‌ଚୀଙ୍କ ସହ ମୋ ସ୍କୁଲ

**ସମୀକ୍ଷା ବୈଠକରେ ଯୋଗଦେଲେ**

ଅଭିଯାନର ମୁଖ୍ୟ ସହଯୋଗୀ ଅଧିକାରୀ ଅମର ଜିତ୍ ଜେନା ଯୋଗ ଦେଇଥିଲେ। ବୈଠକରେ ପ୍ରଦତ୍ତ ସୂଚନା ଅନୁଯାୟୀ ଭଦ୍ରକ ଜିଲାରେ ସମୁଦାୟ ୧,୩୩୮ ପ୍ରାଥମିକ ଓ ୩୧୨ ହାଇସ୍କୁଲ ମଧ୍ୟରୁ ୧,୦୨୨ ପ୍ରାଥମିକ ଓ ୨୯୪ ହାଇସ୍କୁଲ ଅର୍ଥାତ୍ ୭୬ ପ୍ରତିଶତ ମୋ ସ୍କୁଲ ଅଭିଯାନରେ ଅନ୍ତର୍ଭୁକ୍ତ ହୋଇସାରିଛ। ୩୧୬ ପ୍ରାଥମିକ ଓ ୧୮ ହାଇସ୍କୁଲ ଅର୍ଥାତ୍ ୨୪ ପ୍ରତିଶତ ବାକି ଅଛି। ଯାହାକୁ ଆଗାମୀ ମେ ମାସ ଶେଷ ସୁଦ୍ଧା ପରିସର ଭୁକ୍ତ କରାଯିବାକୁ ପଦକ୍ଷେପ ନେବା ପାଇଁ ଅଧକ୍ଷା ବାଗ୍‌ଚୀ ସମୟ ଧାର୍ଯ୍ୟ କରିଥିଲେ। ଏଥିରେ ବାସୁଦେବପୁର ଓ ଭଣ୍ଡାରିପୋଖରୀ ବ୍ଲକ ୧୦୦ ପ୍ରତିଶତ ହାସଲ କରିସାରିଥିବା ବେଳେ ତିହିଡ଼ି ସର୍ବନିମ୍ନ ୨୪ ପ୍ରତିଶତ ମାତ୍ର ପୂରଣ କରିପାରିଛି। ସମସ୍ତ ବିଇଓ, ମୋ ସ୍କୁଲ ଦଳର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ଅନ୍ୟ ସମ୍ପୃକ୍ତ କର୍ମଚାରୀ ଏହି ବୈଠକରେ ଉପସ୍ଥିତ ଥିଲେ । ଏଡିଇଓ ଦୀପକ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ମୋ ସ୍କୁଲ ଅଭିଯାନରେ ସ୍କୁଲ ପାଇଁ ଅବଦାନ ରଖିଥିବା କେତେ ଜଣ ଆଲୁମିନି ମାନଙ୍କୁ ନେଇ ବୈଠକ ଆରମ୍ଭ କରାଯାଇଥିଲା। ଜିଲାପାଳ ତ୍ରିଲୋଚନ ମାଝୀ ଏହି ବୈଠକରେ ଯୋଗ ଦେଇଥିଲେ ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

**ବାଲେଶ୍ୱର ଅଫିସ, ୧୨।୪**


ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଡ୍ରାଇଭର ମହାସଂଘର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ଡ୍ରାଇଭର ମହାସଂଘର ସଦସ୍ୟମାନେ ୧୧ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ରାଜ୍ୟ ସରକାର ଦାବି ସମ୍ପର୍କିତ ପଦକ୍ଷେପ ଗ୍ରହଣ ନ କଲେ ରାଜ୍ୟବ୍ୟାପୀ ସମସ୍ତ ଜିଲାର ଡ୍ରାଇଭର ଭୁବନେଶ୍ୱର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆନ୍ଦୋଳନ କରିବାକୁ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ରାମକୃଷ୍ଣ ଦାସ ଚେତାବନୀ ଦେଇଛନ୍ତି। ଡ୍ରାଇଭରମାନେ ସାରା ଦେଶରେ ପରିବହନ ଦାୟିତ୍ୱରେ ମୁଖ୍ୟ ଅଂଶଗ୍ରହଣ କରି ଦେଶବାସୀଙ୍କୁ ସହାୟତା କରୁଛନ୍ତି। ଦୁର୍ଘଟଣା ଘଟିଲେ ବିନା କାରଣରେ ମଧ୍ୟ ଲୋକଙ୍କ ଆକ୍ରୋଶର ଶୀକାର ହେଉଛନ୍ତି। ଅନ୍ୟପଟରେ ସ୍ୱଳ୍ପ ମାସିକ ବେତନରେ ପରିବାର ଗୁଜୁରାଣ ମେଣ୍ଟାଇବା କଷ୍ଟ ହେଉଥିବା ବେଳେ ସ୍ୱାସ୍ଥ୍ୟ ଓ ପିଲାମାନଙ୍କର ଶିକ୍ଷା ପାଇଁ ହନ୍ତସନ୍ତ ହେଉଛନ୍ତି। ରାଜ୍ୟ ସରକାରଙ୍କ ଉଚ୍ଚପଦାଧିକାରୀ ଓ ମନ୍ତ୍ରୀ ଭୁବନେଶ୍ୱରଠାରେ ଗତ ଡିସେମ୍ବର ୪ରେ ମହାସଂଘର ପଦାଧିକାରୀଙ୍କ ସହ ଆଲୋଚନା କରି ନିର୍ବାଚନ ପରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପଞ୍ଚାୟତ ନିର୍ବାଚନ ପରେ ପୌରାଞ୍ଚଳ ନିର୍ବାଚନ ଶେଷ ହେବାର ୧୫ଦିନରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରି ଜଣାଇଛନ୍ତି।

### ସୋର ନାଗରିକ ମଞ୍ଚ ପକ୍ଷରୁ ୨୦ରେ ରେଳରୋକୋ

**ସୋର, ୧୨।୪(ଡି.ଏନ.ଏ.)**

ସୋର ଷ୍ଟେଶନରେ ପୂର୍ବରୁ ଚାଲୁଥିବା ସମସ୍ତ ଏକ୍ସପ୍ରେସ୍ ଓ ଲୋକାଲ ଟ୍ରେନ୍ ରହଣି ସହ ଅନ୍ୟ ଦୂରଗାମୀ ଟ୍ରେନ୍ ରହଣି ଦାବିରେ ଦକ୍ଷିଣ-ପୂର୍ବ ରେଳ ବିଭାଗର ଉଦାସୀନତା ପ୍ରତିବାଦରେ ଆଗାମୀ ୨୦ ତାରିଖରେ ରେଳରୋକୋ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତଙ୍କ ପୌରୋହିତ୍ୟରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ବିଶ୍ରାମ ଗୃହ ପରିସରରେ ଆୟୋଜିତ ବୈଠକରେ ସୋରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ରେଳ ମନ୍ତ୍ରଣାଳୟ କର୍ଣ୍ଣପାତ ନ କରିବା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲା।

# ଆରମ୍ଭ ହେଲା ସାଇନ୍ସପାର୍କ ନିର୍ମାଣ କାର୍ଯ୍ୟ


ସାଇନ୍ସ ପାର୍କ ନିର୍ମାଣ କାର୍ଯ୍ୟ ଚାଲିଛି।

**ଆରଡ଼ି,୧୨।୪(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର କୁଳେଇପଦା ଠାରେ ଓଡ଼ିଶା ସରକାରଙ୍କ ପ୍ରସ୍ତାବିତ ସାଇନ୍ସପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ସ୍ଥାନ ନିକଟରେ ବାବା ଆଖଣ୍ଡଳମଣିଙ୍କ ପୀଠ। ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଲାଗି ୨୦୧୮ରେ ଏଠାରେ ଏହି ପାର୍କ ନିର୍ମାଣ ପାଇଁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଏଥି ନିମନ୍ତେ ଆବଶ୍ୟକ ଜମି ଯୋଗାଇ ଦେବାକୁ ସେହି ଗ୍ରାମର ଅଧିବାସୀଙ୍କ ସହ ଆଲୋଚନା କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତତ୍କାଳୀନ ତହସିଲଦାର ଗ୍ରାମରେ ଥିବା ଗୋଚର ଜମିର କିସମ ପରିବର୍ତ୍ତନ କରିଥିଲେ। ପରେ ପାର୍କ ନିର୍ମାଣ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଏଥିନିମନ୍ତେ ଟେଣ୍ଡର କରାଯାଇଥିଲା। ଜଣେ ଠିକାଦାର ସପ୍ତାହ ତଳେ ଆସି କାର୍ଯ୍ୟ ଆରମ୍ଭ କରିବାର ସଂକେତ ଦେଇଥିଲେ। ପ୍ରଥମେ ଚତୁଃପାର୍ଶ୍ୱରେ ବାଉଣ୍ଡରୀ ୱାଲ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ସାଇନ୍ସପାର୍କ ନିର୍ମାଣ କାର୍ଯ୍ୟ ଠିକ୍ ସମୟରେ ସରିବ ବୋଲି ଜିଲା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ସାଇନ୍ସପାର୍କ ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ବିଶେଷଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେବାକୁ ଗ୍ରାମବାସୀ ଆଶା ପ୍ରକଟ କରିଛନ୍ତି। ଏହି ପ୍ରସ୍ତାବିତ ସାଇନ୍ସ ପାର୍କ ନିର୍ମାଣ ସରିଲେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ସ୍ଥାନୀୟ ବୁଦ୍ଧିଜିବୀମାନେ କହିଛନ୍ତି।

## କୋର୍ଟଙ୍କ ରାୟ

### ନାବାଳିକା ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

**ବାରିପଦା ଅଫିସ,୧୨।୪:** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ମଙ୍ଗଳବାର ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ସୁମିତା ଜେନା ଏହାର ବିଚାର କରି ବହଳଦା ଥାନା ରେଡମ ଗ୍ରାମର ଅଭିଯୁକ୍ତ ଶେଖର ମୁର୍ମୁ(୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୯ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଅନାଦେୟ ଅଧିକ ୪ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ଆଇନ ସହାୟତା କର୍ତ୍ତୃପକ୍ଷ ୪ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ ସେପ୍ଟେମ୍ବର ୧୦ରେ ତିରିଂ ଥାନା ଅଞ୍ଚଳର ଜଣେ ନାବାଳିକା ଶୌଚ ହେବା ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଶେଖର ତାଙ୍କୁ ଅପହରଣ କରି ଝାଡ଼ଖଣ୍ଡର ଟାଟା ସହରକୁ ନେଇଯାଇଥିଲେ। ଦୁଇ ଦିନ ପରେ ନାବାଳିକାଙ୍କୁ ସାଙ୍ଗରେ ନେଇ ଟ୍ରେନ୍ ଯୋଗେ ଗୁଜୁରାଟକୁ ପଳାଇ ଯାଇଥିଲେ। ସେଠାରେ ନାବାଳିକାଙ୍କୁ ବଳାତ୍କାର କରିବା ସହ ନିର୍ଯାତନା ଦେବାରୁ ପରିବାର ଲୋକେ ଖବରପାଇ ଥାନାରେ ଅଭିଯୋଗ କରିଥିଲେ। କିଛି ଦିନ ମଧ୍ୟରେ ଶେଖର ନାବାଳିକାଙ୍କୁ ଆଣି ଗାଁମୁଣ୍ଡରେ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା (ନଂ.୪୪/୧୪) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଭିନ୍ନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

### ଝିଅ ହତ୍ୟାକାରୀଙ୍କୁ ୧୦ବର୍ଷ କାରାଦଣ୍ଡାଦେଶ

**ବାରିପଦା ଅଫିସ,୧୨।୪:** ମୟୂରଭଞ୍ଜ ଜିଲା ଓ ଦୌରା ଜଜ କୋର୍ଟରେ ସୋମବାର ଏକ ନରହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ ପ୍ରଦୀପ ପଟ୍ଟନାୟକ ମାମଲାର ବିଚାର କରି କନ୍ୟାହନ୍ତା ପିତା ସନିଆ ଦେହୁରୀ(୪୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ୨୦୧୮ ମେ ୩୦ରେ ବାରିପଦା ସଦର ଥାନା ଗୋବର୍ଦ୍ଧନଶୋଳ ଗ୍ରାମର ସନିଆ କାମରୁ ଘରକୁ ଫେରି କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ପାଟିତୁଣ୍ଡ କରିଥିଲେ। ପରେ ୩ଝିଅ ସହ ସ୍ତ୍ରୀଙ୍କୁ ଏକ କୋଠରୀରେ ବନ୍ଦ କରି ଦେଇଥିଲେ। ପଡ଼ୋଶୀମାନେ ପହଞ୍ଚି ପାଟିତୁଣ୍ଡ କରିବାରୁ ସନିଆ ୮ ବର୍ଷର ମଝିଆଁ ଝିଅଙ୍କୁ ଅଟକାଇ ରଖିଥିଲେ। ପରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକକୁ କାଟି ହତ୍ୟା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ମାମଲାକୁ ସରକାରୀ ଆଇନଜୀବୀ ଏସ. ମହାପାତ୍ର ପରିଚାଳନା କରୁଥିଲେ।

### ସ୍ତ୍ରୀ ହତ୍ୟା ମାମଲାରେ ଦୋଷୀଙ୍କୁ ଆଜୀବନ ଜେଲ

**କେନ୍ଦୁଝର, ୧୨।୪:** କେନ୍ଦୁଝର ଜିଲା ଓ ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ର ଏକ ହତ୍ୟା ମାମଲାର ମଙ୍ଗଳବାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଏଥିରେ ଦୋଷୀ ମାଗୁନାଥ ମୁଣ୍ଡାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବାସହ ୫୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଅନାଦାୟ ଅଧିକ ୧ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ତାଙ୍କ ଘର ଘଟଗାଁ ଥାନା ଅନ୍ତର୍ଗତ ବଡ଼ ନୂଆଗାଁରେ। ପ୍ରମାଣ ଅଭାବରୁ ତାଙ୍କର ଦ୍ୱିତୀୟ ସ୍ତ୍ରୀ ସୂର୍ଯ୍ୟ ମୁଣ୍ଡା ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ପ୍ରକାଶ ଯେ, ମାଗୁନାଥ ମୃତା ବର୍ଷା ମୁଣ୍ଡାଙ୍କୁ ପ୍ରଥମ ବିବାହ କରିଥିଲେ। ୨୦୧୬ ମସିହା ଜୁନ ୬ ତାରିଖରେ ସୂର୍ଯ୍ୟ ମୁଣ୍ଡାଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀ ଏହାକୁ ବିରୋଧ କରିବାରୁ ଜୁନ ୮ ତାରିଖରେ ଶାଢ଼ିରେ ତଣ୍ଟି ଚିପି ମାଗୁନାଥ ପ୍ରଥମ ସ୍ତ୍ରୀ ବର୍ଷାଙ୍କୁ ହତ୍ୟା କରିଥିଲେ। ଏହାକୁ ନେଇ ବର୍ଷାଙ୍କ ଭାଇ ଡୁଙ୍ଗୁରୁ ମଣ୍ଡାଙ୍କ ଅଭିଯୋଗକ୍ରମେ ଘଟଗାଁ ପୋଲିସ ଏକ ହତ୍ୟା ମାମଲା (୮୦/୨୦୧୬) ରୁଜୁ କରି ଜୁନ ୧୦ ତାରିଖରେ ଦୁଇ ଜଣଙ୍କୁ ଗିରଫ କରିଥିଲା। ୧୧ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ମାଗୁଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।


GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email- serwsbd2003@yahoo.com
No. Date:
**E-Procurement Notice for PMGSY-III. Batch-III (2021-22) Packages**

No.O-62: 1. Name of the work : Construction/Upgradation of Roads under Pradhan Mantri Gram Sadak Yojana and their Maintenance for Five years (40 Nos). 2. Class of contractor : "B", "A", Special & Super Class of (Odisha PWD) or relevant class of other licensing authority. 3. Estimated Cost : Varies from Rs.191.62 Lakhs to Rs.1232.75 Lakhs (Approximately). 4. Details projects as per Annexure attached.

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-03/2022-23 | 16.04.2022 at 11.00 A.M. | 06.05.2022 upto 5.00 P.M. | 05.05.2022 upto 1.00 P.M. | 07.05.2022 at 11.00 A.M. | To be intimated separately |

6. The details of works can be seen from the website **https://www.pmgsytenders.gov.in**
7. Any Corrigendum/Addendum will be displayed in the above e-tender websites.

**Sd./- Chief Construction Engineer, Rural Works Circle, Sunabeda**
OIPR-25182/11/0003/2223



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)
**NATIONAL COMPETITIVE BIDDING THROUGH e-Procurement**
No. O-60
Bid Identification No. Online Tender / 04-2022-23/BPR

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender / 04-2022-23/BPR | Road Works (SCA) | 01 No. | Rs.192.51 lakhs | "B" Class & "A" Class as applicable | 09 (Nine) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender / 04-2022-23/BPR | 16.04.2022 at 10.00 A.M. | 30.04.2022 upto 3.00 P.M. |

(i) No EMD is required as per O.M. No. 8484 Dt.05.04.2022 of Finance Department, Govt. of Odisha, But Bid Security declaration should be furnished by the bidders as mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: **www.tendersodisha.gov.in**.
OIPR-25071/11/0004/2223 **Sd./- Chief Construction Engineer, R.W. Circle, Berhampur**



idco | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
No. CAD-138
Tender Call Notice No. IDCO/HO-P&C/EST/E-1852/01/2022/8642 Dated: 08.04.2022
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of RCC/SFRC Pre-cast compound wall (Length 1006.00 Mtr.), 419mtr barbed fencing with Pre-Cast RCC Post, Front Gate - 10mtr wide and another Gate of 5mtr width for RBI Data Centre at Infovalley-II, Bhubaneswar, Khordha
2. Estimated Cost : Rs.78.37 lakh\
3. Period of Completion : 01 (One) Month
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | P&C/EST/E-03/2022-23 | 17.00 hours of Dt.16.04.2022 | 16.00 hours of Dt.02.05.2022 |

Further details can be seen from the e-Procurement Portal: **www.tendersodisha.gov.in.** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**
OIPR-14003/11/0014/2223 **Sd./- Chief General Manager (P&C), IDCO, Bhubaneswar**



GOVERNMENT OF ODISHA No. O-64
**OFFICE OF THE CHIEF CONSTRUCTION ENGINEER**
**CENTRAL RURAL WORKS CIRCLE, BHUBANESWAR**
No.__________ / Date: 11.04.2022
**"e" PROCUREMENT NOTICE FOR BUILDING WORKS**

| | | | |
|---|---|---|---|
| 1. | Name of the Work | : | Building Work |
| 2. | Total No. of Packages | : | 03 Nos. of Building Works |
| 3. | Estimated Cost of the Package | : | Varies from Rs.161.36 lakhs to Rs.416.96 lakhs |
| 4. | Class of Contractor | : | |
| | a) Estimated cost more than Rs.40.00 lakhs upto Rs.300.00 lakhs | : | B Class & A Class (of Odisha PWD) or relevant Class of other licensing authorities |
| | b) Estimated cost more than Rs.3.00 Crores upto Rs.6.00 Crores | : | A Class & Special Class (Of Odisha PWD) or relevant Class of other licensing authorities |
| 5. | Period of Completion | : | As mentioned in Column - 7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST |
| 7. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.-08 of 2022 | 22.04.2022 at 11.00 A.M. | 06.05.2022 upto 5.00 P.M. | 05.05.2022 upto 3.00 P.M. | 07.05.2022 upto 11.00 A.M. | To be intimated later on |

Further details can be seen from the website: **www.tendersorissa.gov.in**.
**Sd./- Chief Construction Engineer, Central Rural Works Circle, Bhubaneswar**
OIPR-25082/11/0002/2223



GOVERNMENT OF ODISHA
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
(E-Mail address: cerw_bbsr@yahoo.com
Lr. No. 11933 Dt.12.04.2022
**"e" Procurement Notice for Bridge Works in Odisha**
No. O-69 (Online - 01 (Bridge)/2022-23 Dt.12.04.2022)

1. Name of the work : Construction of Bridge Work
2. Total No. of works : 01 (One) No.
3. Estimated Cost : Rs.4950.00 lakh
4. Class of Contractor : Super Class
5. Period of Completion : 24 (Twenty Four) Calendar Months
6. Other Details :

| Procurement Officer | Bid Identification No. | No. of Bridge Works | Availability of Tender Online for Bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online - 01 (Bridge)/ 2022-23 | 01 (One) No. | 21.04.2022 at 11.00 A.M. | 21.05.2022 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**.
**Sd./- Chief Engineer (Buildings & Bridges)**
OIPR-25123/11/0004/2223 **Rural Works, Odisha, Bhubaneswar**



GOVERNMENT OF ODISHA No. B-45
**"e" Procurement Notice**
**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**
Bid Identification No. 01 of 2022-2023

1. Name of the Work : Electrical Works = 1 No. & Building Work - 2 Nos.
2. Estimate Cost : Rs.12,89,594.00 to Rs.25,31,658.00
3. Period of Completion : 02 (Two) Calendar Months
4. Date & time of availability of the Bid documents in the portal : 10.00 A.M. of 18.04.2022 to 5.00 P.M. of 02.05.2022
5. Last date/time of receipt of the bid in portal : 02.05.2022 upto 5.00 P.M.
6. Date of Opening : 03.05.2022 at 10.00 A.M.
7. Name and Address of the Office : Office of the Superintending Engineer, Dhenkanal (R&B) Division, Dhenkanal.

Further details can be seen from the e-procurement portal **"https://tendersorissa.gov.in"**.
**Sd./- Superintending Engineer Dhenkanal (R&B) Division**
OIPR-34016/11/0003/2223



**OFFICE OF THE SUPERINTENDING ENGINEER CUTTACK (R&B) DIVISION NO. I, CUTTACK**
E-Mail ID: eepwdcuttack@gmail.com
Tel./Fax No. (0671) - 2304128
**INVITATION FOR BIDS**
No. 2333 Dtd.08.04.2022
**REQUEST FOR PROPOSAL FOR ANNUAL COMPREHENSIVE OPERATION AND MAINTENANCE SERVICES AT ACHARYA HARIHAR POST GRADUATE INSTITUTE OF CANCER, CUTTACK FOR ELECTRICAL SYSTEM AND EQUIPMENTS**

No. B-41: Offers are invited from specialized agencies to provide **"Annual Comprehensive Operation and Maintenance Services at Acharya Harihar Post Graduate Institute of Cancer, Cuttack for Electrical System and Equipments"**. The offers must reach the Superintending Engineer, Cuttack (R&B) Division No. - I, Cuttack on or before **Dt.07.05.2022 at 5.00 P.M.** through Registered Post/Speed Post/Courier only and will be opened on **Dt.09.05.2022 at 11.00 A.M.** in the Office of the Superintending Engineer, Cuttack (R&B) Division - I, Cuttack. For further details please see our website **www.tendersorissa.gov.in**.

**Sd./- Er. P.K. Majhi**
**Superintending Engineer**
**Cuttack (R&B) Division No. - I**
OIPR-34091/11/0002/2223



GOVERNMENT OF ODISHA
**OFFICE OF THE SUPERINTENDING ENGINEER KALAHANDI RWS&S DIVISION, BHAWANIPATNA**
e-mail: eerwsskld@gmail.com, eerwss_kld@nic.in, Phone No. 06670-230784
No. O-65
**CORRIGENDUM FOR INVITATION OF BID THROUGH e-TENDERING**
**Bid Identification No. 01/SE/RWSS/2022-23/Bpt Dated: 02.04.2022**
**01. Name of the work : As per ANNEXURE - A**

| Procurement Officer | Bid Identification No. | Availability of tender online for bidding on office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 01/SE/ RWSS/2022-23/ Bpt, Dated: 02.04.2022 | 16.04.2022 10.00 A.M. | 06.05.2022 05.30 P.M. | 07.05.2022 10.00 A.M. onwards |
| Bid Security Declaration Form is applicable instead of 1% EMD of estimated cost vide Finance Department Order No. 8484, Dt.05.04.2022 | | | | |

Cost of tender paper to be made online payment system.
Further details can be seen from the e-procurement portal **http://tenderodisha.gov.in**.
The original documents should be scanned and uploaded.
All other terms & conditions are unchanged.
**Sd./- Superintending Engineer**
OIPR-25005/11/0002/2223 **Kalahandi RWS&S Division, Bhawanipatna**

**ଚୋରା କାଠ ବୋଝେଇ ଅଟୋ ଜବତ**

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଉଦୟପୁର ବିଟ ସିଲିପଦା ନିକଟରୁ ସୋମବାର ରାତିରେ ପଟା ବୋଝେଇ ଏକ ଅଟୋକୁ ପାଟଣା ବନ ବିଭାଗ ଜବତ କରିଛି। ଅଟୋରେ ଥିବା ୭ ଖଣ୍ଡ ଶାଳ ଚୋକାଠ ଓ ୪ ଖଣ୍ଡ ଗମ୍ଭାରୀ ପଟାକୁ ଜବତ କରିଛି। ତେବେ ଚୋରା ପଟା ଚାଲାଣ କରୁଥିବା ଚାଳକ ବନ କର୍ମଚାରୀଙ୍କୁ ଦେଖି ଫେରାର ହୋଇଯାଇଥିବା ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି।

## ସଂକ୍ଷେପରେ

### ନାବାଳିକା ଅନ୍ତଃସତ୍ତ୍ୱା, ଅଭିଯୁକ୍ତ ଗିରଫ

**ବାରିପଦା ଅଫିସ,୧୨।୪:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ଜନୈକା ନାବାଳିକାକୁ ଅନ୍ତଃସତ୍ତ୍ୱା କରିଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ୱାର୍ଡନଂ. ୨୭ ରଙ୍ଗାମାଟିଆ ଦେବେନ୍ଦ୍ରପୁର ଅଞ୍ଚଳର ସୁଶାନ୍ତ ବେହେରା(୩୫)। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୨୪୭/୨୨)ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା କରଛି। ସୂଚନା ଅନୁଯାୟୀ, ନାବାଳିକାକୁ ପ୍ରେମ ଜାଲରେ ଫସାଇ ସୁଶାନ୍ତ ବାରମ୍ବାର ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ନ ଜଣାଇବା ପାଇଁ ଧମକ ଚମକ ଦେଇଆସୁଥିଲେ। ପରେ ନାବାଳିକା ଜଣକ ୮ମାସର ଅନ୍ତଃସତ୍ତ୍ୱା ହେବା ଜାଣି ପରିବାର ଲୋକେ ଡାକ୍ତରଙ୍କ ନିକଟରେ ପରୀକ୍ଷା କରାଇଥିଲେ। ଘଟଣା ପ୍ରଘଟ ହେବା ପରେ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ପାଣିରେ ବୁଡ଼ି ୨ ମୃତ

ବାଙ୍ଗିରିପୋଷି/କୁଆମରା,୧୨।୪ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଓ ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଶଳଦା ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ପାଣିରେ ବୁଡ଼ି ୨ ଜଣଙ୍କ ମୃତ୍ୟୁ ହୋଇଛି। ବାଙ୍ଗିରିପୋଷି ଥାନା ନାଗ୍ରି ଗ୍ରାମର ବୈଦନାଥ ନାଏକଙ୍କ ପୁଅ ଟୁକୁନା (୧୩) ଗାଧୋଇବା ପାଇଁ ନିକଟସ୍ଥ ବୁଢାବଳଙ୍ଗ ନଦୀର ସୁନାମୁହିଁ ଘାଟକୁ ଯାଇଥିବା ବେଳେ ବୁଡ଼ି ଯାଇ ପ୍ରାଣ ହରାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୫/୨୨) ରୁଜୁ ହୋଇଛି। ସେହିପରି କୁଶଳଦା ଫାଣ୍ଡି ଅନ୍ତର୍ଗତ ଡିମଗଡ଼ିଆ ଗ୍ରାମର ରବୀନ୍ଦ୍ର ନାଏକ (୫୫) ମଧାହ୍ନରେ ଘର ପାଖ ପୋଖରୀରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ବହୁ ସମୟ ଧରି ଖୋଜାଖୋଜି ପରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୨) ରୁଜୁ ହୋଇଛି।

### ଟ୍ରେଲରକୁ ଧକ୍କା ଦେଲା ବସ୍

**ପାଟଣା,୧୨।୪(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଚିଲିଦା ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ ଏକ ଟ୍ରେଲର୍‌କୁ ଧକ୍କା ଦେଇଛି। ଏଥିରେ ଯାତ୍ରା କରୁଥିବା ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ଅନୁଯାୟୀ ମଧୁମିତା ନାମକ ଏକ ଯାତ୍ରୀ ବାହୀ ବସ କେନ୍ଦୁଝରରୁ ବାରିପଦା ଅଭିମୁଖେ ଯାଉଥିବା ସମୟରେ ଚିଲିଦା ନିକଟରେ ଆଗରେ ଯାଉଥିବା ଏକ ଟ୍ରେଲର ହଠାତ ବ୍ରେକ ମାରିବା ଫଳରେ ବସ୍‌ଟି ଟ୍ରଲର ପଛରେ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ବସ୍‌ରେ ଫଶି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ ତୁରୁମୁଙ୍ଗା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

### ଜଳିଗଲା ଦୋକାନ

**ଯୋଡ଼ା,୧୨।୪ (ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ସହରର ପୋଷ୍ଟଅଫିସ ସମ୍ମୁଖରେ ଥିବା ଏକ ଦୋକାନ ଘରେ ହଠାତ୍ ଅଗ୍ନିକାଣ୍ଡ ଘଟିବାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଭସ୍ମୀଭୁତ ହୋଇଥିବାର ସୂଚନା ମିଳିଛି। ସୋମବାର ରାତି ପ୍ରାୟ ସାଢେ ୯ଟା ସମୟରେ ଏହି ଦୋକାନ ଘରେ ନିଆଁ ଲାଗି ସବୁ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଦୋକାନଟି ଚିରାଗ ଅଲ୍ଲୀଙ୍କର ବୋଲି ଜଣାପଡିଛି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

# ଚନ୍ଦନେଶ୍ୱର ମହାଦେବଙ୍କ ମହାନୀଳ ସମ୍ପନ୍ନ

## ଆଜି ପ୍ରସିଦ୍ଧ 'ପାଟ' ଉତ୍ସବ

ଭୋଗରାଇ, ୧୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବଙ୍କ ମହାନୀଳ ପର୍ବ ମଙ୍ଗଳବାର ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶେଷ ହୋଇଛି। ମହାନୀଳ ପର୍ବ ଉପଲକ୍ଷେ ଚନ୍ଦନେଶ୍ୱର ପୀଠ ଭକ୍ତମୟ ହୋଇଥିଲା। ଚଳିତବର୍ଷ ଚୈତ୍ର ଚଡ଼କ ମେଳାକୁ ମନ୍ଦିର ଟ୍ରଷ୍ଟ ବୋର୍ଡ଼ ଓ ପ୍ରଶାସନ ବନ୍ଦ ଘୋଷଣା କରିଥିବା ବେଳେ ମହାଦେବଙ୍କ ନୀତିକାନ୍ତି ପୂଜା ମନ୍ଦିର ଦର୍ଶନକୁ ଅନୁମତି ମିଳିଥିଲା। ମନ୍ଦିର ଦକ୍ଷିଣପଟରୁ ଏକ ବ୍ୟାରିକେଡ କରାଯାଇ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ଓଡ଼ିଶାର ବିଭିନ୍ନ ଜିଲା ସହ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ରାଜ୍ୟରୁ ସହସ୍ରାଧିକ ଶ୍ରଦ୍ଧାଳୁ ବିଭିନ୍ନ ନଦୀରୁ ଜଳ ଆଣି ମହାଦେବଙ୍କଠାରେ ଜଳାଭିଷେକ କରିଥିଲେ। ମହାଦେବଙ୍କ ସ୍ତୁତି ସହିତ କ୍ଷୀର, ବେଲପତ୍ର, ଚନ୍ଦନ, ଘୃତ, ପୁଷ୍ପ, ପଇଡ଼, ଜୀଉଙ୍କ ଗର୍ଭଗର୍ଭରେ ଶ୍ରଦ୍ଧାଳୁମାନେ ପଣ୍ଡାଙ୍କ ଜରିଆରେ ଅର୍ପଣ କରି ମହାଦେବଙ୍କୁ ଆରାଧନା କରିଥିଲେ।

ଅପରପକ୍ଷରେ ଅପରାହ୍ନରେ ଜୀଉଙ୍କ ନୀଳପୋଖରୀ ନୀଳ ଉତ୍ସବ ସନ୍ଦର୍ଶନ ଲାଗି ପୋଖରୀ ହୁଡ଼ାରେ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ଜୀଉଙ୍କ ଶ୍ରେଷ୍ଠଭକ୍ତ ପାଟଭକ୍ତ, ଦେଉଳିଆ ଓ ଶ୍ରୀବେକିଡ଼ିଙ୍କ ନିର୍ଦ୍ଦେଶକ୍ରମେ ୧୩ ଉପବୀତଧାରୀ ଭକ୍ତ ପୁଷ୍କରିଣୀରୁ ଥୁମ୍ପିକାଠଦ୍ୱୟ ଜଳକ୍ରୀଡ଼ା କରି ଉତ୍ତୋଳନ କରି ମନ୍ଦିର ପରିସରରେ ରଖାଯାଇଥିଲା। ସନ୍ଧ୍ୟାରେ ନୀଳ ଉତ୍ସବରେ ଜୀଉଙ୍କ ଶ୍ରେଷ୍ଠଭକ୍ତ ଓ ବାଦ୍ୟକାରମାନେ ୧୬ ପ୍ରକାର ବାଦ୍ୟ ବଜାଇବା ସହ ଶୈବନୃତ୍ୟ ପ୍ରଦର୍ଶନ କରିଥିଲେ। ଅସଂଖ୍ୟ ଶୈବଭକ୍ତ ମହାନୀଳରେ ବ୍ରତ ପାଳନ କରି ପଞ୍ଚାମୃତ ପାନ କରିବା ସହିତ ହବିଷ ପାଳନ କରିଛନ୍ତି। ନୀଳ ଉତ୍ସବ ସମାରୋହରେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବିଡିଓ ଶଙ୍କର ପଟ୍ଟନାୟକ, ତହସିଲଦାର କମଳାକାନ୍ତ ପଣ୍ଡା, ଟ୍ରଷ୍ଟବୋର୍ଡ଼ର ସଦସ୍ୟ ତଥା ମୌରସୀ ତପନ କୁମାର ପଣ୍ଡା, ଜିଲାପରିଷଦ ସଦସ୍ୟା ପ୍ରତିମା ଚାନ୍ଦ ସହ ବହୁଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



ଭକ୍ତଙ୍କ ପୂଜାର୍ଚ୍ଚନା।

# ରାଇବଣିଆରେ ପୁଣି ହାତୀ ଆତଙ୍କ

ଜଳେଶ୍ୱର, ୧୨।୪(ଡି.ଏନ.ଏ.)

ସୋମବାର ବିଳମ୍ବିତ ରାତିରେ ଶିମିଳିପାଳରୁ ଏକ ହାତୀପଲ ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ରାଇବଣିଆ ଅଞ୍ଚଳରେ ପଶି ବ୍ୟାପକ ଫସଲ ହାନି ଘଟାଇଛନ୍ତି। ଏହି ପଲରେ ୧୬ଟି ହାତୀ ଥିବା ଜଣାପଡିଛି। ହାତୀପଲ ବାରମ୍ବାର ଏହି ଅଞ୍ଚଳକୁ ଆସି ଧନଜୀବନ ନଷ୍ଟ କରୁଥିବାରୁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏହାର ସ୍ଥାୟୀ ସମାଧାନ ଲାଗି ଚାଷୀମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୋମବାର ରାତି ପ୍ରାୟ ୩ଟା ବେଳେ ୧୬ଟି ହାତୀ ଅମର୍ଦ୍ଦା, ବିଶ୍ୱନାଥପୁର, ପିଞ୍ଚବଣିଆ ରାସ୍ତାରେ ଆସି ଉପାନ୍ତ ଗ୍ରାମ ସର୍ଦ୍ଦାରବନ୍ଧରେ ପହଞ୍ଚିଥିଲେ। ଏବେ ରବିଧାନ ଅମଳ ସମୟ ହୋଇଥିବାରୁ ହାତୀମାନେ ଏହି ସମୟରେ ଫସଲ ଖାଇବାକୁ ଆସିଥାନ୍ତି। ହାତୀର ଗତିବିଧି ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ପାଖରେ ନ ଥିବାରୁ ଏପରି ଦୁର୍ଦ୍ଦଶା ଘଟୁଥିବା କୁହାଯାଇଛି । ହାତୀପଲ ମୃତ୍ୟୁଞ୍ଜୟ ସମାଲ, ସୁମନ୍ତ ଦାସ, ଗୋବିନ୍ଦ ମହନ୍ତ ଓ ଦିଲୀପ କୁମାର ସାମଲଙ୍କ ଚାଷ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ଏହି ହାତୀପଲରେ ୨ଟି ଛୁଆହାତୀ ଅଛନ୍ତି। ସର୍ଦ୍ଦାରବନ୍ଧ ଅଞ୍ଚଳରେ ଚାଷ ନଷ୍ଟ କରି ହାତୀପଲ ମଙ୍ଗଳବାର ଦିନତମାମ ଶ୍ୟାମନଗର ପଞ୍ଚାୟତର ସୁଖଯୋଡି ଜଙ୍ଗଲରେ ରହିଛନ୍ତି । ସରକାରୀ ଭାବେ ଏହାର କୌଣସି ପ୍ରତିକାର କରାଯାଉ ନ ଥିବାରୁ ହାତୀ-ମଣିଷ ମୁହାଁମୁହିଁ ହେଉଛନ୍ତି। ଉଲ୍ଲେଖଯୋଗ୍ୟ, ରାଇବଣିଆ ଅଞ୍ଚଳରେ ହାତୀ ୨ଜଣ ଲୋକଙ୍କୁ କଚାଡି ମାରିଥିବା ସରକାରୀ ଭାବେ କୁହାଯାଇଛି । ହାତୀ ଯାତାୟାତ ପଥରେ ଟ୍ରେଞ୍ଚ ଖୋଳିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ରାଜ୍ୟ ରାଜପଥରେ ମୃତଦେହ ରଖି ପ୍ରତିବାଦ



ଉତ୍ତ୍ୟକ୍ତ ଲୋକଙ୍କ ସହ ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଆଲୋଚନା କରୁଛନ୍ତି।

ସଜନାଗଡ଼, ୧୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ସହର ମୁଖ୍ୟରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଲାଗି ଗଛ କଟାଯାଉଥିବା ବେଳେ ଡାଳ ପଡି ବରିସାହି ଗ୍ରାମର ନୀଳକଣ୍ଠ ପୋଇଙ୍କ ପୁଅ ହରିହର(୨୧) ଗୁରୁତର ଆହତ ହୋଇଥିଲେ। କଟକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ପ୍ରଶାସନର ଖାମଖିଆଲି ନୀତି ପାଇଁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରି ପରିବାର ଲୋକେ ମୃତଦେହକୁ ସେରଗଡ଼-ଉଦଳା ରାସ୍ତା ୧୯ନଂ. ରାଜ୍ୟ ରାଜପଥ ନୀଳଗିରି ବାଇପାସ୍ ଛକଠାରେ ରଖି ଧାରଣା ଦେଇଥିଲେ। ଅବରୋଧସ୍ଥଳରେ ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରି ପରିବାର ଓ ପଡ଼ୋଶୀଙ୍କ ଦାବିଗୁଡ଼ିକ ବୁଝିବା ସହ ତାର ସମାଧାନ ପାଇଁ ରେଡକ୍ରସ୍‌ରୁ ୧୦ହଜାର, ଏନ୍‌ଏସି ପକ୍ଷରୁ ଦୋକାନ ଘର ଓ ବନ ବିଭାଗ ପକ୍ଷରୁ ମଧ୍ୟ ଆର୍ଥିକ ସହାୟତା ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

### ଗଛ ପଡ଼ି ଯୁବକଙ୍କ ମୃତ୍ୟୁ ଘଟଣା

ଗତ ମାର୍ଚ୍ଚ ୩ତାରିଖରେ ତହସିଲ ଅଫିସ ନିକଟ ଦେଇଯାଇଥିବା ନୀଳଗିରି ସହର ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ବନବିଭାଗର କୌଣସି ଏକ ସଂସ୍ଥା କରୁଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ବ୍ୟାରିକେଡ୍ ନ କରି ଗଛ କାଟୁଥିବା ବେଳେ ଡାଳ ପଡ଼ି ହରିହର ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯିବା ପରେ କଟକ ଏସ୍‌ସିବିରେ ଚିକିତ୍ସା କରାଯାଉଥିଲା। ବନବିଭାଗ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ନ ଥିଲେ କିମ୍ବା ସହାୟତାର ହାତ ବଢ଼ାଇ ନ ଥିଲେ।

# ଟ୍ରେନ୍ ଚଳାଚଳ ଦାବିରେ ଗଣଧାରଣା

ରୂପସା/ଜଳେଶ୍ୱର, ୧୨।୪(ଡି.ଏନ.ଏ.)

ଲୋକାଲ ଓ ଏକ୍ସପ୍ରେସ ଟ୍ରେନ୍ ଚଳାଚଳ ଦାବିରେ ମଙ୍ଗଳବାର ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲା ନୂଆଗାଁ, ରୂପ୍‌ସା, ବସ୍ତା, ଅମର୍ଦ୍ଦାରୋଡ଼, ଜଳେଶ୍ୱର, ଲକ୍ଷ୍ମଣନାଥ, ରାଜଘାଟ ରେଳ ଷ୍ଟେଶନରେ ମଙ୍ଗଳବାର ଗଣଧାରଣା ଅନୁଷ୍ଠିତ ହୋଇଥିଲା। କରୋନା କଟକଣା ସମୟରେ ରେଳ ମନ୍ତ୍ରଣାଳୟ ସବୁ ଲୋକାଲ ଟ୍ରେନ ସହିତ ଦୂରଗାମୀ ଟ୍ରେନ ଚଳାଚଳ ବନ୍ଦ କରିଥିଲେ। ବର୍ତ୍ତମାନ କରୋନା ସ୍ଥିତି ସୁଧାର ହୋଇଥିବା ବେଳେ କିଛି ରାଜ୍ୟରେ ମଧ୍ୟ କରୋନା କଟକଣାକୁ କୋହଳ କରି ସମସ୍ତ ବ୍ୟବସ୍ଥାର ସୁଧାର ଆଣିଛନ୍ତି। ମାତ୍ର ରେଳ ମନ୍ତ୍ରଣାଳୟ ଅଦ୍ୟାବଧି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଥିବା ବେଳେ କିଛି ଲୋକାଲ ଟ୍ରେନ୍‌କୁ ଚଳାଚଳ କରିଛନ୍ତି। ସମସ୍ତ ଲୋକାଲ ଓ ଏକ୍ସପ୍ରେସ ଟ୍ରେନ ଚଳାଚଳ ଦାବିରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ମାତ୍ର ଶେଷ ସମୟ ପର୍ଯ୍ୟନ୍ତ କେହି ଉପରିସ୍ଥ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନ ଥିଲେ। ଆଗାମୀ ଦିନରେ ରେଳରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# କୃଷିଭିତ୍ତିକ ପ୍ରକଳ୍ପ ବୁଲି ଦେଖିଲେ ଜିଲାପାଳ

ବନ୍ତ,୧୨।୪(ଡି.ଏନ.ଏ.)

ଭଦ୍ରକ ଜିଲାପାଳ ତ୍ରିଲୋଚନ ମାଝୀ ମଙ୍ଗଳବାର ବନ୍ତ ବ୍ଲକ ଗସ୍ତରେ ଆସି ଗଣିଜାଙ୍ଗ ପଞ୍ଚାୟତ ବଗଦା କାଶିପୁର ଗ୍ରାମର ୬୦ ହେକ୍ଟର ଜମିରେ ହୋଇଥିବା ଡାଲିଜାତୀୟ ଫସଲ(ମୁଗଚାଷ) ବୁଲିଦେଖିଥିଲେ। ଏଥିସହ କ୍ଲଷ୍ଟର ସାଲୋ ପଏଣ୍ଟ, ସୋଲାର ପମ୍ପ ଏବଂ ଛୟାଳସିଂସ୍ଥିତ ଶୀତଳ ଭଣ୍ଡାର ପ୍ରକଳ୍ପ ପରିଦର୍ଶନ କରି ଚାଷୀମାନଙ୍କ ସମସ୍ୟା ପଚାରି ବୁଝିଥିଲେ। କେତେକ ସ୍ଥାନରେ କ୍ଲଷ୍ଟର ସାଲୋ ପଏଣ୍ଟ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଚାଷୀମାନେ କ୍ଷତି ସହୁଥିବା ଅଭିଯୋଗ କରିଥିଲେ। ଅଚଳ ହୋଇ ପଡ଼ିଥିବା ପ୍ରକଳ୍ପଗୁଡ଼ିକୁ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ବେଳେ ଜିଲା ମୁଖ୍ୟ କୃଷି ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ଜିଲା ସହକାରୀ କୃଷି ଅଧିକାରୀ ଶ୍ରୀଧର ଦାସ, ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶିକା ଉର୍ମିଳା ମହାପାତ୍ର, ସହକାରୀ ଉଦ୍ୟାନକୃଷି ଅଧିକାରୀ ପାୟଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାପାଳ ଶେଉଳଗଡିଆସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ଫାର୍ମ ପରିଦର୍ଶନ କରିଥିଲେ।

# ଆଜି ନୀଳଗିରି ବନ୍ଦ

ସଜନାଗଡ଼, ୧୨।୪(ଡି.ଏନ.ଏ.)

ନୀଳଗିରିରେ କାର୍ଯ୍ୟରତ ଖବରଦାତା ଲୋକନାଥ ଦଳେଇଙ୍କୁ ଚିକିତ୍ସାଧିନ ଅବସ୍ଥାରେ ଗୋଡ଼ରେ ବେଡି ପକାଇବା ସହ ଆକ୍ରୋଶମୂଳକ ଭାବେ ବିଭିନ୍ନ ମାମଲାରେ ସମ୍ପୃକ୍ତ କରାଇବା ନେଇ ବୁଧବାର ନୀଳଗିରି ଉପଖଣ୍ଡ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୀଳଗିରି ବନ୍ଦ ଡାକରା ଦିଆଯାଇଛି। ଏନେଇ ପୂର୍ବରୁ ନୀଳଗିରି ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ୫-ଟି ସଚିବ, ଡିଜିପି ପ୍ରମୁଖଙ୍କ ଉଦ୍ଦେଶ୍ୟରେ ଆଇଆଇସି ଦ୍ରୌପଦୀ ଦାସ ଓ ତଦନ୍ତକାରୀ ଅଧିକାରିଣୀ ସୁବର୍ଣ୍ଣା ବେହେରାଙ୍କୁ ଚାକିରିରୁ ନିଲମ୍ବନ କରି ତାଙ୍କ ନାମରେ ଅପରାଧିକ ମାମଲା ରୁଜୁ, ଲୋକନାଥ ଦଳେଇଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ତୁରନ୍ତ ପ୍ରତ୍ୟାହାର, ଖବରଦାତାଙ୍କ ପରିବାରକୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ ଅନୁଦାନ ପ୍ରଦାନ କରିବାର ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ନୀଳଗିରି ବନ୍ଦ ପରେ ବି ପ୍ରଶାସନ ଏଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ପରବର୍ତ୍ତୀ ସମୟରେ ସେରଗଡ଼ସ୍ଥିତ ୧୬ନଂ. ଜାତୀୟ ରାଜପଥ ଉପରେ ରାସ୍ତାରୋକୋ କରାଯିବା ସହ ଆନ୍ଦୋଳନକୁ ଅଧିକ ତୀବ୍ରତର କରାଯିବ ସୂଚନା ମିଳିଛି।

# ବଜ୍ରପାତରେ ୨ ବଳଦ ମୃତ

**ପାଟଣା,୧୨।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ଫଳରେ ପ୍ରବଳ ବର୍ଷା ସହ ଘଡ଼ଘଡି ହୋଇଥିଲା। ଏନେଇ ପାଟଣା ବ୍ଲକ ଅଞ୍ଚଳରେ ବିଦ୍ୟୁତସେବା ବ୍ୟାହତ ହୋଇଛି। ସାହାରପଡା ବ୍ଲକ କୁଣ୍ଡଳା ପଞ୍ଚାୟତ ଝାଟିଆଳି ସାହି ପଡ଼ିଆରେ ମିର୍ଜା ମାଝୀଙ୍କ ୨ ବଳଦ ଚରୁଥିବା ବେଳେ ବଜ୍ରପାତ ହୋଇଥିଲା। ମିର୍ଜା ଜଣେ ଗରିବ ବିପିଏଲ ବର୍ଗର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


TATA STEEL — TATA

**ଶକ୍ତି ସଂଚାର ସମ୍ବନ୍ଧୀୟ ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା, ଦକ୍ଷିଣ ପୂର୍ବ ରେଳପଥ ଅଧୀନସ୍ଥ କାର୍ଯ୍ୟ ସମାପ୍ତ ହୋଇଥିବା ଚକ୍ରଧରପୁର ଡିଭିଜନ୍‌ର ରେଳପଥ ଏବଂ ପରିସରର ସମସ୍ତ ଉପଭୋକ୍ତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୫୦୦୦ ଭୋଲ୍ଟ, ୫୦ ହର୍ଜ୍ ଏସି ସବ୍- ସେକ୍ସନିଂ ଏବଂ ସମାନ୍ତରାଳ ପୋଷ୍ଟ (ଏସ୍‌ଏସ୍‌ପି)ର ସମ୍ପ୍ରସାରିତ ଅଂଶରେ ସର୍ବଦା ଶକ୍ତି ସଂଚାର ହୋଇ ରହିଥିବା ହେତୁ କୌଣସି ଅନଧିକୃତ ବ୍ୟକ୍ତିମାନେ ଉକ୍ତ ସବ୍- ସେକ୍ସନିଂ ଏବଂ ସମାନ୍ତରାଳ ପୋଷ୍ଟ (ଏସ୍‌ଏସ୍‌ପି) ପରିସରର ନିକଟତର ନହେବା ସହ ଏହି ପରିସର ମଧ୍ୟରେ କାର୍ଯ୍ୟ କରିପାରିବେ ନାହିଁ ।

| ରେଳ ଷ୍ଟେସନ | ସେକ୍ସନ/ ନିୟନ୍ତ୍ରଣ ପୋଷ୍ଟ | ରେଳପଥ/ ଡିଭିଜନ୍ | ଶକ୍ତି ସଂଚାରର ତାରିଖ |
|---|---|---|---|
| ବାଂଶପାଣି | ଯୋଡାଠାରେ ସବ୍- ସେକ୍ସନିଂ ଏବଂ ସମାନ୍ତରାଳ ପୋଷ୍ଟ (ଏସ୍‌ଏସ୍‌ପି)ର ସମ୍ପ୍ରସାରିତ ଅଂଶ, ସିକେପି ଡିଭିଜନ୍ ଅଧୀନସ୍ଥ ମେସର୍ସ ଟାଟା ଷ୍ଟିଲ୍ ଯୋଡା ସାଇଡିଂକୁ ସେବା ପ୍ରଦାନ ନିମନ୍ତେ ୩୮୫/୭୮୬ କି.ମି. | ଦକ୍ଷିଣ ପୂର୍ବ ରେଳପଥ (ଚକ୍ରଧରପୁର ଡିଭିଜନ୍) | ୧୫ ଅପ୍ରେଲ୍ ୨୦୨୨ |

ପ୍ରକଳ୍ପ ମୁଖ୍ୟ (ରେଳ୍ ଲଜିଷ୍ଟିକ୍ସ)
ଟାଟା ଷ୍ଟିଲ୍ ଲିମିଟେଡ୍

ପଞ୍ଜୀକୃତ ଅଫିସ୍: ବମ୍ବେ ହାଉସ୍,
୨୪, ହୋମି ମୋଦୀ ଷ୍ଟ୍ରିଟ୍, ଫୋର୍ଟ, ମୁମ୍ବାଇ ୪୦୦ ୦୦୧, ଭାରତ
ଟେଲିଫୋନ୍: ୦୨୨ ୬୬୬୫୮୨୮୨ଫ୍ୟାକ୍ସ: ୦୨୨ ୬୬୬୫୭୭୨୪
(ସିଆଇଏନ୍) – ଏଲ୍୨୭୧୦୦ଏମ୍ଏଚ୍୧୯୦୭ପିଏଲ୍‌ସି୦୦୦୨୬୦
ୱେବ୍‌ସାଇଟ୍: www.tatasteel.com

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ନିଯୁକ୍ତି**
କୋଲକାତାରେ ନିଯୁକ୍ତି ନିମନ୍ତେ ୨୪ ଘଣ୍ଟିଆ ନିରାମିଷ (ମୁଖ୍ୟତଃ ମାରୱାଡ଼ୀ ଶୈଳୀର ଖାଦ୍ୟ) ପାଇଁ ୧. ରୋଷେୟା (ପୁରୁଷ), ୨. ୮ ବର୍ଷର ଝିଅ ପାଇଁ ଶିକ୍ଷିତା ମହିଳା ଗଭରଣେସ୍ (+୨/+୩ ପାସ୍), ୩. ଅଫିସ୍ ପାଇଁ ପିଅନ (ପୁରୁଷ), ୪. ଘରୋଇ ସହାୟକ (ପୁରୁଷ) ଆବଶ୍ୟକ କରୁଅଛି। ଭଲ ଦରମା ସହ ରହିବା ଖାଇବା ବ୍ୟବସ୍ଥା ଅଛି।
Kolkata, Mobile: 7439168832

**REQUIRE**
Sales Executives- 10K - 12K
Marketing Managers-15K-20K
(TA/DA extra)
Peon, Driver (Salary Negotiable) for our organization throughout Odisha.
CONTACT:
7978852306,0674-3584114

**REQUIRED**
1. DRIVER residing at: Patia, BBSR, Duty Time: 9.30 A.M. onwards.
Contact No. 9937776329
2. AYURVEDA / HOMEOPATHY Female Doctor to Assist Senior Gynaecologis. Salary: Rs.20,000/-.
Contact No. 9776822222

**WANTED**
LADY OFFICE ASSISTANT
PHULNAKHARA CUTTACK
FREE ACCOMMODATION + GOOD FOODING+10000 to 15000 According to integrity
7809525452

**WANTED**
ଭୁବନେଶ୍ୱରରେ କେକ୍ ଶପ୍ ପାଇଁ ପିଲା ଆବଶ୍ୟକ। ଯୋଗ୍ୟତା (Age Limit 20 to 27, +2, Min. Experience 6 Months) ଦରମା: Rs.7500/- ସହିତ ଖାଇବା।
ଯୋଗାଯୋଗ: 8249724716

**TEACHER REQUIRED**
TUITION TEACHER required to teach all Subjects at Home for Standard - VI (Six), English medium Child at Patia, Bhubaneswar. Salary: Negotiable.
Contact: 9938315445

**PARIVARTTAN SISHUGRUHA**
High-Tech Colony, At/Po/Dist- Malkangiri
(Regd.No.XXI-1860-438/93-94, JJ Regd. CCI0015/MKG/2018
Advt.No.21/PAR/MKG/2022 Date:12.04.2022
**ADVERTISEMENT FOR CONTRACTUAL ENGAGEMENT/ EMPANELMENT IN CHILDREN HOME**
Parivarttan Organisation is running a Child Care Institution (CCI) which is registered under juvenile justice (Care and protection of children) Act 2015. The management of the CCI is intend to engaged suitable professional staff such as Superintendent, Counsellor, CWO, Accountant-cum-Store Keeper, House Father, House Mother, Paramedical Staff (Pharmacist), Cook, Helper and House Keeper on Contractual Basis the post are purely Contractual and Conterminous with the project the continuance in the post by the candidates depends on the performance the completely held up application form alongwith other document should reach at the office of the CCI (Parivarttan Sishugruha) on or before 22.04.2022 (5.00 P.M.) positively only through speed/registered post/Courier. No other mode of application will be accepted the details such as number of vacancies, eligibility, selection procedure, remuneration and application form are available in the District website i.e. https://malkangiri.nic.in.
Sd./- Secretary
PARIVARTTAN SISHU GRUHA

Jewels International
**CHETANA COLLEGE OF SPECIAL EDUCATION**
(Recognized by SSEPD Department, Govt. of Odisha, Approved by Rehabilitation Council of India) Affiliated to Utkal University
Cell: 9437126187, 9437265920, 7008282918, 9090207307
E-mail: chetanacollege@yahoo.co.in
Website: http://www.chetana-jewelsinternational.org
Applications are invited for admission in to B.Ed., M.Ed., Special Education (ID) & M.A. Applied Psychology for the Academic Session 2022-2024. The prospectus and application form is available at College office and website from 15.04.2022. Last date for receiving application form is 25.06.2022.
Sd./- Principal

MCL — **ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା: MCL/HA/GM/L&R-I/2022/130 ତା.05.04.2022ରିଖ
**ଏକ ବର୍ଷ ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ**
ହିଙ୍ଗୁଳା ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଏକ ବର୍ଷ ଅବଧି ନିମନ୍ତେ ସ୍ଥାୟୀ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୨୧.୦୪.୨୦୨୨ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, ହିଙ୍ଗୁଳା ଏରିଆ, ପୋଷ୍ଟ- ଏନ୍ ଏସ୍ ନଗର, ଜିଲ୍ଲା- ଅନୁଗୁଳ, ଓଡ଼ିଶା-୭୫୯୧୪୮ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚି ପାରୁଥିବା ଆବଶ୍ୟକ ।

| କ୍ରମ ସଂ. | ବିବରଣୀ | ସାନ୍ତ୍ୱନାମୂଳକ ପାରିଶ୍ରମିକ | ଆବଶ୍ୟକ କର୍ମଚାରୀ ସଂଖ୍ୟା |
|---|---|---|---|
| 1. | ରାଜସ୍ୱ ନିରୀକ୍ଷକ | ₹20,000.00 PM | 03 |
| 2. | ଅମିନ | ₹15,000.00 PM | 03 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.inରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୦୭.୦୪.୨୦୨୨ରିଖ ଠାରୁ ତା.୨୧.୦୪.୨୦୨୨ରିଖ ମଧ୍ୟରେ ଦାଖଲ କରାଯାଇ ପାରିବ । ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ ।
ମହାପ୍ରବନ୍ଧକ,
ଏମ୍‌ସିଏଲ୍, ହିଙ୍ଗୁଳା ଏରିଆ
R-5097

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :
1. **TPWODL/PJ/O/SU/005– Rate Contract for Supply of 11KV, Oil-cooled, CT and PT.**
2. **TPWODL/PJ/O/SU/006– Rate Contract for Supply of 33KV, Oil-cooled, CT and PT.**

Interested bidders to submit Tender Participation Fee and Authorization Letter through email on or before **22nd April 2022, 1500Hrs,** after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd /- **Chief-Contracts and Stores**

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**NOTICE INVITING TENDER**
TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following packages :
1. **TPWODL/PM/O/SU/011- Rate Contract for Supply of different types of 11KV & 33KV Polymer insulator.**
2. **TPWODL/MK/O/SITC/012- Purchase order for SITC of 11KV Indoor Switchgear Panel.**

Interested bidders to submit Tender Participation Fee and Authorization Letter through email on or before **25th April 2022, 1500Hrs**, after which link from e-Tender system shall be shared.
For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd /- **Chief-Contracts and Stores**

**APPOINTMENT**
Subsequent to Our Online Advertisement dated. 24-09-2021 for the Recruitment in the Department of Odisha Child Protection Society (OSCPS), Government of Odisha, the List of Shortlisted Candidates and Not-Shortlisted candidates for the District Child Protection Officer, Protection Officer (Institutional Care), Legal-cum-Probation Officer (LPO), Protection Officer (Non Institutional Care), Data Analyst, Social Worker(SW), Out Reach Worker, Counsellor, Accountant, ADEO (DCPU), Assistant-cum-DEO(ADEO)(CWC), Assistant-cum-DEO(ADEO) (JJB), Assistant-cum-DEO(ADEO) (ADDL. JJB) are furnished in our website **https://www.caresecurityservice.com.** Go through our website for further details.
***Office Address given below***
**M/s Care Security and Allied Services**
**Plot No B-13, 2nd Floor, Ruchika Market, Baramunda, Bhubaneswar, Odisha-751003**
**Email Id: careosps@gmail.com**
**Mob: - +91 6372550551**
**Contact No: - 0674-2354422(O),**

# ମାଛ ଯାଆଁଳଙ୍କ ଖାଦ୍ୟ



ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳି ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ । ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ ।

# ଆଖୁରେ ସାର ପ୍ରୟୋଗ

ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ୍ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ। ଆକ୍ରାନ୍ତ କିଆରିରେ ପ୍ରୋପିକୋନାଜୋଲ୍ ୧.୦ ମି.ଲି., ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# ବତକଙ୍କୁ ନାଳଝାଡା ହେଲେ...

ବତକଙ୍କ କକ୍ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ । ପ୍ରବଳ ଖରାତାପରୁ କୁକୁଡ଼ାଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ । ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ । ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ । ଦୁଇମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପ୍ରାଣୀଚିକିତ୍ସକଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ।



## ଚାଷୀଙ୍କ ପାଇଁ

➤ଧାନ କାଟିବାର ଏକ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ଣରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ।

➤ସୋରିଷ ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ।



➤ ବୁଣିବାର ୨୧ ଦିନପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜା ହେବାର ୨୧ ଦିନପରେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

➤ଆଖୁ ଖୁଣ୍ଟାକୁ କାଟିସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ ।

## ଜାଣିରଖନ୍ତୁ

ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ପ୍ରତି ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ। ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା: ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ୧ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ। ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତି ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ।



# ଜୈବିକ ପଦ୍ଧତିରେ ବନ୍ଧାକୋବି ଚାଷ



ମାନସ ରଞ୍ଜନ ପଟ୍ଟନାୟକ



ଆଜିର ଦିନରେ ଅନେକ ଚାଷୀଭାଇ ଜୈବିକ ପଦ୍ଧତିକୁ ଆପଣେଇ ନେଇଛନ୍ତି। ରାସାୟନିକ ପଦ୍ଧତି ବଦଳରେ ଏପରି ପ୍ରଣାଳୀ ବେଶ୍ ଆଦୃତ ହେବାରେ ଲାଗିଛି। କାରଣ ସାରା ବିଶ୍ୱରେ ପ୍ରଦୂଷଣ ମାତ୍ରା ବଢ଼ି ବଢ଼ି ଚାଲିଛି। ଆମ ରାଜ୍ୟ ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଏଠାରେ ପ୍ରାୟ ୭୦-୭୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି। ଏପରି କି ପରିବା ଚାଷକୁ ବିଶେଷ ଧ୍ୟାନ ଦେଇଥାଆନ୍ତି। ଧାନ, ମୁଗ, ବିରି, କୋଳଥ, ମାଣ୍ଡିଆ, ଗହମଠାରୁ ପନିପରିବା ମଧ୍ୟରେ ବନ୍ଧାକୋବି ଏକ ଲାଭଜନକ ଶୀତଦିନିଆର ଫସଲ। ଏହା ମୁଖ୍ୟତଃ ଶୀତ ଦିନେ ଚାଷ କରାଯାଇଥାଏ। କିନ୍ତୁ ଆଜିକାଲି ଗରମସହଣି କିସମଗୁଡ଼ିକ ବର୍ଷର ଅନ୍ୟ ସମୟରେ ଚାଷ କରାଯାଇପାରିବ। ସାଧାରଣତଃ ବନ୍ଧାକୋବିକୁ ଭଜା, ତରକାରି, ସାଲାଡ୍, ଛେଞ୍ଚଡ଼ା, ସୁପ୍, ଭେଜ୍ ମୋମୋ ଏବଂ ଭେଜ୍ ଚାଓମିନ୍ ପ୍ରଭୃତି ପାଇଁ ବ୍ୟବହାର କରାଯାଏ।

**ଜଳବାୟୁ :** ଆର୍ଦ୍ର ଓ ଥଣ୍ଡା ଜଳବାୟୁରେ ବନ୍ଧାକୋବି ଭଲ ହୋଇଥାଏ। ଅଧିକ ଶୁଷ୍କ ଓ ଗରମ ପାଗରେ ବନ୍ଧାକୋବି ଭଲ ବାନ୍ଧେ ନାହିଁ ଏବଂ ବାସ୍ନା ମଧ୍ୟ କମି ଯାଇଥାଏ।

ମୃତ୍ତିକା : ନିଗିଡ଼ା, ଉର୍ବର, ଦୋରସା ଏବଂ ପି.ଏଚ. ୫.୫ ଏବଂ ୬.୫ ଥିବା ମାଟିରେ ଭଲ ହୋଇଥାଏ। ବାରମ୍ବାର ଗୋଟିଏ ଜମିରେ କୋବି ଫସଲ ନ କରି ଡାଲିଜାତୀୟ ଫସଲ କରିପାରନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାସାୟନିକ ସାର ପ୍ରୟୋଗ କରି ଯଦି ଚାଷ କରିଛନ୍ତି ତେବେ ସେହି କ୍ଷେତଠାରୁ ୨୫-୫୦ଫୁଟ ଦୂରରେ ଜୈବିକ ବନ୍ଧାକୋବି ଚାଷ କରନ୍ତୁ।

**କିସମ :** ବନ୍ଧାକୋବିର ଉନ୍ନତ ଓ ଅଧିକ ଅମଳକ୍ଷମ ତଥା ରୋଗପୋକ ନିରୋଧକ ଜୈବିକ କ୍ଷେତ୍ରରୁ ଉତ୍ପାଦିତ ବିହନ ବ୍ୟବହାର କରନ୍ତୁ। ବିହନ ଲଗାଇବା ପୂର୍ବରୁ ରାସାୟନିକ ଫିମ୍ପିନାଶକ ଦ୍ୱାରା ତାହାକୁ ବିଶୋଧନ କରନ୍ତୁ ନାହିଁ। ଏକର ପ୍ରତି ୨୦୦-୩୦୦ ଗ୍ରାମ ବିହନ ଆବଶ୍ୟକ ହୋଇଥାଏ। ବିହନ ବୁଣିବା ପୂର୍ବରୁ ଟ୍ରାଇକୋଡର୍ମା ସହିତ ମିଶାଇ ବିଶୋଧନ କରନ୍ତୁ।

"ଆମ ରାଜ୍ୟ ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ଏଠାରେ ପ୍ରାୟ ୭୦-୭୫ ପ୍ରତିଶତ ଲୋକ କୃଷି ଉପରେ ନିର୍ଭର କରନ୍ତି। ଏପରି କି ପରିବା ଚାଷକୁ ବିଶେଷ ଧ୍ୟାନ ଦେଇଥାଆନ୍ତି। ଧାନ, ମୁଗ, ବିରି, କୋଳଥ, ମାଣ୍ଡିଆ, ଗହମ ଠାରୁ ପନିପରିବା ମଧ୍ୟରେ ବନ୍ଧାକୋବି ଏକ ଲାଭଜନକ ଶୀତଦିନିଆର ଫସଲ । ଏହା ମୁଖ୍ୟତଃ ଶୀତ ଦିନେ ଚାଷ କରାଯାଇଥାଏ। କିନ୍ତୁ ଆଜିକାଲି ଗରମସହଣି କିସମଗୁଡ଼ିକ ବର୍ଷର ଅନ୍ୟ ସମୟରେ ଚାଷ କରାଯାଇପାରିବ।"

**ଚାରା ପ୍ରସ୍ତୁତି :** ଚାରା ଲଗାଇବା ପାଇଁ ବ୍ୟବହାର କରୁଥିବା ମାଟିକୁ ସୂର୍ଯ୍ୟକିରଣ ପଲିଥିନ୍ ଘୋଡାଇ ଦିଅନ୍ତୁ। ବନ୍ଧାକୋବି ଚାରା ଲଗାଇବାର ୩୦-୪୦ଦିନ ପୂର୍ବରୁ ୪୦-୫୦ ବର୍ଗମିଟର ତଳିଘରା ପ୍ରସ୍ତୁତ କରି ବର୍ଗମିଟର ପ୍ରତି ୩ କିଗ୍ରା ଜିଆଖତ କିମ୍ବା ଶଢ଼ା କମ୍ପୋଷ୍ଟ ଏବଂ ୨୫୦ ଗ୍ରାମ ନିମ ପିଡିଆ ମିଶାଯାଏ। ୧୦ ଗ୍ରାମ ଟ୍ରାଇକୋର୍ଡମା ଭିରିଡ଼ିକୁ କମ୍ପୋଷ୍ଟ ସହିତ ମିଶାଇ ପକାଇଲେ ମୂଳ ଶଢ଼ା ରୋଗ ହୋଇ ନ ଥାଏ।

**ଲଗାଇବା ପ୍ରଣାଳୀ :** ବନ୍ଧାକୋବି ଚାରା ରୋଇବାର ୪୦-୫୦ ଦିନ ପୂର୍ବରୁ ଜମିରେ ଏକର ପ୍ରତି ୧୦୦ କିଗ୍ରା ନିମ, ସୋରିଷ କିମ୍ବା କରଞ୍ଜ ପିଡିଆ, ୧୨୦ କିଗ୍ରା ରକ୍ ଫସଫେଟ୍ ଏକ ୪୦ କିଗ୍ରା କାଠ ପାଉଁଶ ପକାଇ ହଳ କରି ମାଟିରେ ମିଶାଇ ଦିଅନ୍ତୁ। ତା'ପରେ ଏକର ପ୍ରତି ୨୦ କିଗ୍ରା ଛଣି ମଞ୍ଜି ବୁଣାଯାଏ। ଅମ୍ଳୀୟ ମାଟିରେ ଏକର ପ୍ରତି ୨୦୦ କିଗ୍ରା କାଗଜ କଳ ମଇଳା ପ୍ରୟୋଗ କରାଯାଏ। ଚାରା ରୋପଣ ପାଇଁ ଜମି ପ୍ରସ୍ତୁତି ସମୟରେ ଛଣି ଫସଲ ଏବଂ ଶଢ଼ା କମ୍ପୋଷ୍ଟକୁ ମାଟିରେ ମିଶାଇ ପଟାଳି କରି କିସମ ଏବଂ ସମୟ ଅନୁସାରେ ନିର୍ଦ୍ଦିଷ୍ଟ ଦୂରତାରେ (ସହଳ କିମସ-୪୫-୬୦X୩୦ ସେମି, ମଧ୍ୟମ କିସମ-୬୦X୪୫ ସେମି ଏବଂ ବିଳମ୍ବ ୬୦-୭୫X୪୫-୬୦ସେମି) ଲଗାଯାଏ। ଲଗାଇବା ପୂର୍ବରୁ ଚାରାର ମୂଳକୁ ଟ୍ରାଇକୋଡର୍ମା ଭିରିଡି ଦ୍ୱାରା ବିଶୋଧନ କରିବା ଦରକାର।



**ଖତସାର ପରିଚାଳନା :** ବନ୍ଧାକୋବି ପାଇଁ ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୬-୮ ଟନ୍ ଶଢ଼ା କମ୍ପୋଷ୍ଟ ଏବଂ ୧୨୦ କିଗ୍ରା ରାକ୍ ଫସଫେଟ୍ ପ୍ରୟୋଗ କରାଯାଏ। ନିମ ପିଡିଆ ୧-୨ କୁଇଣ୍ଟାଲ, ଛେଳି-ମେଣ୍ଢା ଖତ ୧-୨ କୁଇଣ୍ଟାଲ ମଧ୍ୟ ଦିଆଯାଇପାରିବ। ଆବୋଟୋବ୍ୟାକ୍ଟର ଏବଂ ଫସପୋକଲଚରରେ ଚାରା ବିଶୋଧନ କରି ନ ଥିଲେ ମାଟିରେ ମଧ୍ୟ ଏକର ପ୍ରତି ୩ କିଗ୍ରା ଲେଖାଏ ଦିଆଯିବା ଆବଶ୍ୟକ। ପ୍ରଥମ ଏବଂ ଦ୍ୱିତୀୟ କୋଡାଖୁସା ସମୟରେ ଏକର ପ୍ରତି ଏକ ଟନ୍ ଜିଆଖତ ଓ ଦୁଇ କୁଇଣ୍ଟାଲ ଷ୍ଟେରାମିଲ୍ ଦୁଇ ଥରରେ ପ୍ରୟୋଗ କରାଯାଏ। ଚାରା ଲଗାଇବାର ୧୫-୨୦ ଏବଂ ୨୫-୩୦ଦିନରେ କୋଡାଖୁସା କରି ଅନାବନା ବାଛି ଦେଇ ହୁଡା ଟେକାଯାଏ। ଛାଦିକରଣ କଲେ ଅମଳ ବଢ଼ିଥାଏ। ମାଟିର ବତର ଓ ପାଗ ଦେଖି ଜଳସେଚନ କରାଯାଏ।

**ରୋଗପୋକ ପରିଚାଳନା**

**ମୂଳଶଢ଼ା ପଚା ରୋଗ :** ବିହନ ଓ ତଳି ଘରାକୁ ଟ୍ରାଇକୋଡର୍ମା ଭିରିଡ ଦ୍ୱାରା ବିଶୋଧନ କରାଯାଏ। ତଳିଘରା ମାଟିକୁ ପ୍ରତିବର୍ଷ ବଦଳାନ୍ତୁ।

**କଳାପଚା ରୋଗ :** ବିହନ ବୁଣିବା ପୂର୍ବରୁ ୫୦ ଡିଗ୍ରୀ ସେଲସିୟସ ଉପରେ ବିହନକୁ ୩୦ ମିନିଟ୍ ରଖିଲେ ଏହି ରୋଗ ହେବା ଆଶଙ୍କା କମ୍ ଥାଏ।

**ଠିକିରିଆ ପୋକ, କରତି ମାଛି ଲାଗିଲେ :** ଠିକିରିଆ ପୋକ, କରତି ମାଛି, ପତ୍ରଜାଲ ପୋକ, ଜଉପୋକ ଓ କାଣ୍ଡବିନ୍ଧା ପୋକ ଲାଗିଲେ ଅଧିକ ପତ୍ର ଥିବା ଦୁଇ ଧାଡି ସୋରିଷ (ଗୋଟିଏ ମିଟର ଭିତରେ ୫୦-୬୦ ଗଛ ଥିବା ଦରକାର) ଏବଂ ୨୫ ଧାଡି କୋବି ମିଶ୍ରିତ ଫସଲ ଚାଷ କରାଯାଏ। ଜମିର ଆରମ୍ଭ ଏବଂ ଶେଷରେ ସୋରିଷ ଧାଡି କରି ଲଗାଯାଏ। ଚାରା ଲଗାଇବାର ୧୪ ଏବଂ ୨୮ଦିନ ମଧ୍ୟରେ ନିମରୁ ପ୍ରସ୍ତୁତ କୀଟନାଶକ (ଏନ୍.ଏସ୍.କେ.ଇ. ୫ ପ୍ରତିଶତ) କୋବିରେ ସ୍ପ୍ରେ କରାଯାଏ। ଆବଶ୍ୟକସ୍ଥଳେ ୧୦-୧୫ଦିନ ବ୍ୟବଧାନରେ ଆଉ ଦୁଇ ଥର ଏହି ସିଞ୍ଚନ କରାଯାଏ। ଠିକିରିଆ, କାଣ୍ଡବିନ୍ଧା ଓ ଶୁଁବାଳୁଆ କୀଟଙ୍କୁ ପରିଚାଳନା ପାଇଁ ବାସିଲସ୍ ଥୁରିନ୍‌ଜିନେନସିସ୍ (ଏକର ପ୍ରତି ୪୦ ଗ୍ରାମ) ସ୍ପ୍ରେ କରାଯାଏ। ଫୁଲକୋବି, ଉଲକୋବି ପ୍ରଭୃତି ଚାଷ ପ୍ରଣାଳୀ ବନ୍ଧାକୋବି ସହିତ ସାମଞ୍ଜସ୍ୟ ରହିଛି।

-ପ୍ରିନ୍ସିପାଲ୍, ଆଗ୍ରୋ ପଲିଟେକନିକ୍ ସେଣ୍ଟର, ଓୟୁଏଟି, ବୌଦ୍ଧ
ମୋ : ୯୪୩୧୬୩୮୦୦୪

(ଶେଷ ଭାଗ)

# ପ୍ରାଣୀଙ୍କୁ ଅଂଶୁଘାତ

**ଅଂଶୁଘାତ ଦୂରୀକରଣ ପାଇଁ ଆଶୁ ପଦକ୍ଷେପ:** ସମସ୍ତ ପ୍ରାଣୀଙ୍କୁ ଉତ୍ତମ ବାୟୁ ଚଳାଚଳ କରୁଥିବା ଗୃହରେ ରଖନ୍ତୁ। ଗୃହକୁ ଦିନବେଳା ଛାଇ ପରିବେଶରେ ରଖିବାକୁ ପଦକ୍ଷେପ ନିଅନ୍ତୁ । ଦିନବେଳା ଗୋରୁଙ୍କୁ ଗଛ ଛାଇମୂଳେ ରଖନ୍ତୁ। ଘରର ସମସ୍ତ ଦ୍ୱାର ଓ ଝରକା ଖୋଲା ରଖନ୍ତୁ। ପ୍ରାଣୀଙ୍କୁ ରଖାଯାଇଥିବା ପ୍ରତ୍ୟେକ ଘରେ ସିଲିଂ ପଙ୍ଖାର ବ୍ୟବସ୍ଥା କରନ୍ତୁ। ଗୋରୁଙ୍କୁ (ସଙ୍କରଜାତୀୟ) ଦିନକୁ ଥରେ କିମ୍ବା ଦୁଇଥର ବରଫ ଥଣ୍ଡା ପାଣିରେ ଗାଧୋଇ ଦିଅନ୍ତୁ । କୁକୁରର ଦେହ ଏବଂ ଅଙ୍ଗ ପ୍ରତ୍ୟଙ୍ଗକୁ ବରଫ ପାଣିରେ ବୁଡ଼ାଇ ରଖନ୍ତୁ। ଅଂଶୁଘାତରେ ଆକ୍ରାନ୍ତ ପ୍ରାଣୀମାନଙ୍କ ଶରୀର ଚର୍ମର ଉପରିଭାଗରେ ବରଫ ଖଣ୍ଡରେ ଘଷନ୍ତୁ କିମ୍ବା କପଡ଼ା ଭିଜା ବରଫ ଥଣ୍ଡାପାଣିରେ ଶରୀରକୁ ପୋଛି ଆଣନ୍ତୁ। ପ୍ରାଣୀମାନଙ୍କୁ ବରଫ ଖଣ୍ଡ ଚାଟିବାକୁ ଦିଅନ୍ତୁ। ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ପିଇବାକୁ ଦିଅନ୍ତୁ। ଘରର ଛପର ଉପରେ କଞ୍ଚା ନଡ଼ିଆ ବାଉଁଙ୍ଗା, ଜାମୁଡ଼ାଳ, ଛଣ ବା ନଡ଼ା ଆଦି ପକାଇ ଘୋଡ଼ାଇ ରଖନ୍ତୁ। ଆଗାମୀ ବର୍ଷ ପାଇଁ ବର୍ଷାଦିନର ପ୍ରାରମ୍ଭରେ ଛାଇ ପ୍ରଦାନ କରୁଥିବା ଗଛ ଯଥା- ନଡ଼ିଆ, ଦେବଦାରୁ, ସୁବାବୁଲ, ଅଗସ୍ତି, କୃଷ୍ଣଚୂଡ଼ା ଆଦି ଧାଡ଼ିକରି ଲଗାନ୍ତୁ। ଘରର ଦ୍ୱାର ଓ ଝରକାର ବାହାରେ ଦିନବେଳା ଓଦା ଅଖା ବା ବେଣାମୁଢ଼ା ଚେରର ପରଦା ଟାଙ୍ଗନ୍ତୁ ଏବଂ ଖରା କମିଲେ ଏହାକୁ ଉପରକୁ ଟେକନ୍ତୁ।

**ଅଂଶୁଘାତର ଚିକିତ୍ସା :** ମୁଣ୍ଡର ଉପରିଭାଗରେ ଥଣ୍ଡା ପାଣି ଢାଳିବା ସହିତ ବରଫ ଥଣ୍ଡା ପାଣି ଭିଜା କପଡ଼ାରେ ସମ୍ପୂର୍ଣ୍ଣ ଶରୀରକୁ ପୋଛି ଆଣନ୍ତୁ । କେତେକ ପ୍ରାଣୀଙ୍କ ଶରୀରକୁ ଥଣ୍ଡା



ପାଣିରେ ବୁଡ଼ାଇ ରଖିଲେ ମଧ୍ୟ ପ୍ରାଣୀ ଆରୋଗ୍ୟ ଲାଭ କରେ । ବରଫ ଥଣ୍ଡା ନର୍ମାଲ ସାଲାଇନ୍ କିମ୍ବା ୫% ଡେକ୍ସଟ୍ରୋଜ୍ ସାଲାଇନ୍ ଜଳଶୁଷ୍କତା ପ୍ରାଣୀମାନଙ୍କୁ ଦିଆଯାଏ। ଆସ୍‌ପିରିନ୍, ସାଲିସିଲେଟ୍ କିମ୍ବା ପାରାସିଟାମଲ୍ ଇଞ୍ଜେକସନ୍ ଶରୀରରେ ଉତ୍ତାପ କମାଇବା ପାଇଁ ଦିଆଯାଇଥାଏ। ଷ୍ଟେରଏଡ୍ ଇଞ୍ଜେକ୍ସନ୍ ସେରିବ୍ରାଲ୍ ଏଡ଼ିମୋ ଏବଂ ସକ୍ (ଝଷକ୍ଷମଳ) ରୁ ରକ୍ଷା ପାଇବା ପାଇଁ ଦିଆଯାଏ । ପ୍ରାଣୀମାନଙ୍କର ଅସ୍ଥିରତା ରୋକିବା ପାଇଁ ଟ୍ରାଙ୍କୁଲାଇଜର ଯଥା- ସିକ୍ୟିଲ୍, ଲାର୍ଗାକ୍ଟିଲ୍ ଇଞ୍ଜେକ୍ସନ୍ ଇତ୍ୟାଦିର ସାହାଯ୍ୟ ନିଆଯାଏ । ସୋଡ଼ିୟମ୍ ବେଞ୍ଜଏଟ୍ ଟ.୫-୧୦ ଗ୍ରାମ୍ ଚମଡ଼ା ତଳେ ଇଞ୍ଜେକ୍ସନ୍ ଆକାରରେ ଦିଆଯାଏ । ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଆଣ୍ଟିବାଓଟିକ୍ସ ଦିଆଯାଏ । ସମସ୍ତ ରୋମନ୍ଥନ ପ୍ରାଣୀମାନଙ୍କୁ ରାତ୍ରର ଥଣ୍ଡା ପ୍ରହରରେ ପୁଷ୍ଟିକର ସୁଷମ ଦାନା ଜାତୀୟ ଖାଦ୍ୟ ଖାଇବାକୁ ଦେବା ଜରୁରୀ ଏବଂ ଦିନରେ ସବୁଜ ଘାସ, ଆଜୋଲା, ନଡ଼ାକୁଟା ଆଣି ଦେବା ଦରକାର ।

**ଅଂଶୁଘାତର ହୋମିଓପାଥିକ ଚିକିତ୍ସା :** ଆକୋନିଟମ୍ ନାପେଲସ-୩୦:ଏହା ପ୍ରାଣୀଙ୍କୁ ଉତ୍ତେଜନା ଓ ଅସ୍ଥିରତାରୁ ମୁକ୍ତ କରିଥାଏ । ମାତ୍ରା : ପ୍ରତି ଅଧଘଣ୍ଟା ବ୍ୟବଧାନରେ ୪ଟି ପାନ । ବେଲାଡ଼ୋନା-୩୦:ଏହା ସେରିବ୍ରାଲ୍ ରକ୍ତସ୍ରାବ, ଉତ୍ତେଜନା, ଆଖିପତା ଚଉଡ଼ା କମାଇବାରେ ସାହାଯ୍ୟ କରେ। ମାତ୍ରା : ପ୍ରତି ଅଧଘଣ୍ଟା ବ୍ୟବଧାନରେ ୪ଟି ପାନ। ଗ୍ଲୋନୋଇନ୍-୩୦: ଅଂଶୁଘାତରେ ପୀଡ଼ିତ ପ୍ରାଣୀ ମୁଣ୍ଡକୁ କଠିନ ପଦାର୍ଥ ବା ମାଟି ଉପରେ ଘଷିଲେ ଏବଂ ଛାଟିପିଟି ହୋଇ ଗୋଟିଏ କଡ଼ମାଡ଼ି ଶୋଇ ରହିଲେ, ଏହା କାମଦିଏ । ମାତ୍ରା : ପ୍ରତି ୧ଘଣ୍ଟାରେ ଥରେ ଏହିପରି ୪ଟି ପାନ।

**ଅଂଶୁଘାତ ପାଇଁ ଚିକିତ୍ସା**

ଗ୍ଲୋନୋଇନ୍-୩୦, ୨୦୦: ମାତ୍ରା : ପ୍ରତି ଘଣ୍ଟାରେ ଥରେ ଲେଖାଏଁ ୫ଟି ପାନ । ନାଟମ୍ ମ୍ୟୁରିଏଟିକମ୍ : ଏହା ଶରୀରର ଲବଣାଂଶ ସଂରକ୍ଷଣ କରିବାରେ ସାହାଯ୍ୟ କରେ । ମାତ୍ରା : ପ୍ରତି ୩ ଘଣ୍ଟାରେ ଥରେ କରି ୪ଟି ପାନ। ସଲ୍‌ଫର୍-୩୦:ଏହା ଶରୀରରେ ଉତ୍ତାପ କମାଇବାରେ ସାହାଯ୍ୟକରେ । ମାତ୍ରା: ପ୍ରତି ୩ ଘଣ୍ଟାରେ ଥରେ କରି ୫ଟି ପାନ। ଜେ.ପି. -୩ ଏକ୍ସ ଏବଂ ଏନ୍.ଏମ୍.-୩ ଏକ୍ସ: ମିକ୍ସଚର ଦେଲେ ମଧ୍ୟ ଉତ୍ତମ ଫଳ ମିଳେ। ପ୍ରାଣୀଙ୍କର ଖରାଦିନେ ଆରାମ ପାଇବା ପାଇଁ ଉପଯୁକ୍ତ ଆଶ୍ରୟସ୍ଥଳ (ବାୟୁ ଚଳାଚଳ, ଛାଇପ୍ରଦାନ ଇତ୍ୟାଦି) ସୃଷ୍ଟି ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

ଡା.ବୀରକିଶୋର ପରିଡ଼ା
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତ୍‌ସିଂହପୁର,
ମୋ : ୯୪୩୭୬୦୭୩୧୨

# ‘ରାଜ୍ୟକୁ ଗର୍ବିତ କରିଛନ୍ତି ରଞ୍ଜିତା’

ଭୁବନେଶ୍ୱର, ୧୨।୪
(କ୍ରୀଡ଼ା ପ୍ରତିନିଧି)



ଅତିଥିମାନେ ମଙ୍ଗଳବାର ସ୍ନୋ ଗର୍ଲ ରଞ୍ଜିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ସ୍ନୋ ଗର୍ଲ ରଞ୍ଜିତା ବେହେରାଙ୍କୁ ଆର୍ଥିକ ପ୍ରୋତ୍ସାହନ

ପ୍ରତିକୂଳ ପରିବେଶରେ ବଢ଼ିଥିଲେ ହେଁ ଅଦମ୍ୟ ଇଚ୍ଛାଶକ୍ତି ଏବଂ ନିଷ୍ଠା ବଳରେ ସ୍ନୋ ସ୍ପୋର୍ଟ୍ସ ପରି ଗେମ୍‌ରେ ଚମତ୍କାର ପ୍ରଦର୍ଶନ କରି ପ୍ରଶଂସା ସାଉଁଟୁଥିବା ଓଡ଼ିଶାର ରଞ୍ଜିତା ବେହେରାଙ୍କୁ ମିଳିଛି ଆର୍ଥିକ ପ୍ରୋତ୍ସାହନ। ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାରତୀୟ ଜୀବନବୀମା ନିଗମ ପକ୍ଷରୁ ତାଙ୍କୁ ୩ ଲକ୍ଷ ଟଙ୍କାର ଚେକ୍ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ‘‘ଓଡ଼ିଶାର ଏକ ଝିଅ ବିଶେଷ କରି ରାଉରକେଲାରେ ବଢ଼ିଥିଲେ ହେଁ ସ୍ନୋ ସ୍ପୋର୍ଟ୍ସ ପରି ଏକ ଖେଳକୁ କ୍ୟାରିୟର କରିବା ନିଶ୍ଚିତ ଆଶ୍ଚର୍ଯ୍ୟର କଥା। ଏହା ବ୍ୟୟବହୁଳ ଏବଂ କଷ୍ଟସାଧ୍ୟ କ୍ରୀଡ଼ା ହୋଇଥିଲେ ମଧ୍ୟ ନିଜର ଦୃଢ଼ ମନୋବଳ ଏବଂ କଠିନ ପରିଶ୍ରମ ଯୋଗୁ ରଞ୍ଜିତା ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେବାରେ ସକ୍ଷମ ହୋଇଛନ୍ତି। ବରଫ କ୍ରୀଡ଼ାରେ ପ୍ରଭାବୀ ପ୍ରଦର୍ଶନ କରି ରଞ୍ଜିତା ରାଜ୍ୟକୁ ଗର୍ବିତ କରିଛନ୍ତି। ତାଙ୍କୁ ସହାୟତା କରିବା ପାଇଁ ସରକାରଙ୍କ ସମେତ ବିଭିନ୍ନ ଉଦ୍ୟୋଗପତି ଏବଂ ଶିଳ୍ପାନୁଷ୍ଠାନ ଆଗେଇ ଆସିବା ଉଚିତ’’ ବୋଲି ଭାରତୀୟ ଜୀବନବୀମା ନିଗମର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ପ୍ରକାଶ କରିଛନ୍ତି। ନିଗମ ପକ୍ଷରୁ ଅତୀତରେ ଅନେକ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରାଯାଇଛି। ଅଲିମ୍ପିକ୍ସ ଏବଂ ପାରାଲିମ୍ପିକ୍ସରେ ପଦକ ବିଜେତା ଏବଂ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିବା ଅର୍ଥାତ୍ ୪ର୍ଥ ସ୍ଥାନରେ ରହିଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରଞ୍ଜିତାଙ୍କ ପ୍ରଦର୍ଶନରେ ଆମେ ପ୍ରଭାବିତ। ତାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସିଦ୍ଧାର୍ଥ କହିଛନ୍ତି।

ସମ୍ବର୍ଦ୍ଧିତ ହେବା ଅବସରରେ ଖୁସି ପ୍ରକାଶ କରିଥିଲେ ରଞ୍ଜିତା। ‘‘ଏହା ମୋତେ ଖୁବ୍ ଉତ୍ସାହିତ କରିଛି। ମୋର ଦାୟିତ୍ୱ ମଧ୍ୟ ବଢ଼ାଇଛି। ଆମ ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏବେ ଭାରତୀୟ ଜୀବନ ବୀମା ନିଗମ ସହାୟତାର ହାତ ବଢ଼ାଇଥିବାରୁ ମୁଁ ଆଗାମୀ ଦିନରେ ଅଧିକରୁ ଅଧିକ ସଫଳତା ହାସଲ କରି ସମସ୍ତଙ୍କୁ ଗର୍ବିତ କରିବାକୁ ଚେଷ୍ଟା କରିବି ବୋଲି ରଞ୍ଜିତା କହିଛନ୍ତି। ଚଳିତ ମାସ ୨୮ ତାରିଖରେ ସେ ହିମାଚଳ ପ୍ରଦେଶ ଯାଇ ମନାଲିଠାରେ ଟ୍ରେନିଂ ନେବେ। ଫିଟ୍‌ନେସ ବଜାୟ ରଖିବା ମୁଖ୍ୟ ଲକ୍ଷ୍ୟ ରହିବ। ଟାର୍ଗେଟରେ ରହିଛି ୨୦୨୬ ୱିଣ୍ଟର ଅଲିମ୍ପିକ୍ସ। ଏଥିପାଇଁ ଅନେକ ବାଟ ଯିବାକୁ ରହିଛି। ଏହା ମଧ୍ୟରେ ଏସିଆନ ଗେମ୍ସ ଆଦି ଅନେକ ବଡ଼ ପ୍ରତିଯୋଗିତା ରହିଛି। ସେଥିପାଇଁ ପ୍ରସ୍ତୁତି ଜାରି ରଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ନୂଆ କରି ଗଠିତ ହୋଇଥିବା ସ୍କି ଆଣ୍ଡ ସ୍ନୋ ବୋର୍ଡ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଅନୁପ କୁମାର ନାୟକ ଓ ସମ୍ପାଦକ ସୁଶାନ୍ତ କୁମାର ଦାସ ରଞ୍ଜିତାଙ୍କ ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଜୀବନବୀମା ନିଗମ ଭୁବନେଶ୍ୱର ଡିଭିଜନର ଡିଭିଜନାଲ ମ୍ୟାନେଜର ପ୍ରଫୁଲ୍ଲ କୁମାର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର କୁମାର ଜେନା କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରତି ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ। ରଞ୍ଜିତା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କ ପ୍ରତି କ୍ରୀଡ଼ା ବିଭାଗର ସମର୍ଥନ ଅବ୍ୟାହତ ରହିବ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ ଆସୋସିଏଶନର କାର୍ଯ୍ୟକାରିଣୀ ସଦସ୍ୟ ଫଣି ଭୂଷଣ ନନ୍ଦ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜିତାଙ୍କ ମା’ ଅନ୍ନପୂର୍ଣ୍ଣା, ବାପା ରଘୁନାଥ ବେହେରା, ଭାରତୀୟ ଜୀବନବୀମା ନିଗମର ଅଧିକାରୀଗଣ ଏବଂ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ନୋ ସ୍ପୋର୍ଟ୍ସରେ ରଞ୍ଜିତାଙ୍କ ଯାତ୍ରା ଏବଂ ତାଙ୍କ ପ୍ରତି ବିଶେଷଜ୍ଞଙ୍କ ମତାମତକୁ ନେଇ ଏକ ସଂକ୍ଷିପ୍ତ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

## ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ହାରିଲା ଭାରତ

**ପୋଚ୍‌ଫେଷ୍ଟ୍ରୁମ, ୧୨।୪(ପିଟି):** ଏଫ୍‌ଆଇଏଚ୍ ମହିଳା ଜୁନିୟର ହକି ବିଶ୍ୱକପ୍‌ର ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଭାରତୀୟ ଦଳ ଶୁଟ୍ ଆଉଟ୍‌ରେ ଇଂଲଣ୍ଡଠାରୁ ପରାସ୍ତ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍ ନିର୍ଦ୍ଧାରିତ ସମୟ ସୁଦ୍ଧା ୨-୨ ଗୋଲରେ ବରାବର ରହିଥିଲା। ପରେ ଶୁଟ୍ ଆଉଟ୍‌ରେ ଭାରତକୁ ୩-୦ରେ ହରାଇ ଇଂଲଣ୍ଡ ବ୍ରୋଞ୍ଜ ପଦକ ହାତେଇଛି। ଟୁର୍ନାମେଣ୍ଟରେ ଭାରତ ପାଇଁ ସର୍ବାଧିକ (୮ ଗୋଲ) ସ୍କୋର କରିଥିବା ମୁମଜାଜ ମ୍ୟାଚ୍‌ରେ ୨୧ତମ ଏବଂ ୪୧ ତମ ମିନିଟ୍‌ରେ ଦୁଇଟି ଫିଲ୍ଡ ଗୋଲ୍ କରିଥିଲେ। କିନ୍ତୁ ମିଲି ଗିଗଲିଓ (୧୮ତମ) ଓ କ୍ଲାଉଡିଆ ସ୍ୱାଇଁ (୫୮ତମ)ଙ୍କ ଗୋଲ ଯୋଗୁ ଇଂଲଣ୍ଡ ମ୍ୟାଚ୍‌କୁ ଶୁଟ୍ ଆଉଟ୍ ପର୍ଯ୍ୟନ୍ତ ନେଇ ଯାଇଥିଲା। ଶୁଟ୍ ଆଉଟ୍‌ରେ ଅଲିମ୍ପିଆନ ଶର୍ମିଳା ଦେବୀ, ଅଧିନାୟିକା ସାଲିମା ଟେଟେ ଓ ସଙ୍ଗୀତା କୁମାରୀ ବିଫଳ ହୋଇଥିଲେ। ମାତ୍ର ଇଂଲଣ୍ଡ ଲାଗି କାଟି କର୍ଟିସ, ସ୍ୱାଇଁ ଏବଂ ମାଡି ଅକ୍ସଫର୍ଡ ସ୍କୋର କରିଥିଲେ। ଏହି ବିଜୟ ସହ ଇଂଲଣ୍ଡ ୨୦୧୩ ସଂସ୍କରଣରେ ସମାନ ରାଉଣ୍ଡରେ ଭାରତଠାରୁ ପରାଜୟର ପ୍ରତିଶୋଧ ନେଇଛି। ଉଲ୍ଲେଖଯୋଗ୍ୟ, ଜର୍ମାନୀରେ ଆୟୋଜିତ ୨୦୧୩ ସଂସ୍କରଣରେ ଭାରତ ଶୁଟ୍ ଆଉଟ୍‌ରେ ଇଂଲଣ୍ଡକୁ ହରାଇ ବ୍ରୋଞ୍ଜ ପଦକ ଜିତିଥିଲା।

# ଭୁବନେଶ୍ୱରରେ ପହଞ୍ଚିଲା ଜର୍ମାନୀ ଦଳ

ଭୁବନେଶ୍ୱର, ୧୨।୪
(କ୍ରୀଡ଼ା ପ୍ରତିନିଧି)

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି

ଭାରତ ଓ ଜର୍ମାନୀ ମଧ୍ୟରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚ ଆସନ୍ତା ୧୪ ଓ ୧୫ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ଜର୍ମାନୀ ପୁରୁଷ ହକି ଦଳ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ‘‘ଆମେ ଏକ ଯୁବ ଦଳ ନେଇ ଏଠାକୁ ଆସିଛୁ। ଅଧିକାଂଶ ଖେଳାଳି ଭାରତରେ ସେମାନଙ୍କ ପ୍ରଥମ ସିନିୟର ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ସୁଯୋଗ ପାଇବେ। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମରେ ସେମାନେ ପ୍ରଥମଥର ପାଇଁ ଜାତୀୟ କ୍ୟାପ୍ ପାଇବାକୁ ଯାଉଥିବାରୁ ନିଶ୍ଚିତ ସ୍ମରଣୀୟ ରହିବ। କଳିଙ୍ଗ ଷ୍ଟାଡିୟମରେ ଖେଳିବା ନେଇ ଆମ ମନରେ ଉତ୍ସାହ ରହିଛି’’ ବୋଲି ମୁଖ୍ୟ କୋଚ୍ ଆନ୍ଦ୍ରେ ହେନିଂ ପ୍ରକାଶ କରିଛନ୍ତି। ବିଶ୍ୱର ୬ ନମ୍ବର ଦଳ ଜର୍ମାନୀ ଏବେ ପ୍ରୋ ଲିଗ୍ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳ ୮ ମ୍ୟାଚରୁ ୧୭ ପଏଣ୍ଟ ପାଇଛି। ଏହା ତାଙ୍କ ଦଳର ସାମ୍ପ୍ରତିକ ପ୍ରଦର୍ଶନକୁ ସୂଚାଉଛି ବୋଲି ହେନିଂ କହିଛନ୍ତି। ୮ ମ୍ୟାଚରୁ ୧୭ ପଏଣ୍ଟ ବହୁତ ଭଲ। ଏହା ସତ୍ତ୍ୱେ ଆମକୁ କେତେକ ବିଭାଗରେ ଉନ୍ନତି କରିବାର ଅଛି। ଦଳର ପ୍ରଦର୍ଶନରେ ଦିନକୁ ଦିନ ଉନ୍ନତି ପରିଲକ୍ଷିତ ହୋଇଛି। ଫଳରେ ଆମେ ଏକ ଭଲ ପୋଜିଶନରେ ରହିଛୁ। ତେବେ ଭାରତ ବିପକ୍ଷରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ ବିପକ୍ଷ ମ୍ୟାଚ ପାଇଁ ଜର୍ମାନୀର ପ୍ରସ୍ତୁତି ସମ୍ପର୍କରେ ମତ ଦେବାକୁ ଯାଇ ହେନିଂ କହିଲେ ଯେ, ‘‘ଆମେ ଏକ ଭିନ୍ନ ଦଳ ନେଇ ଏଠାରେ ପହଞ୍ଚିଛୁ। ୟୁରୋ ହକି ଲିଗ୍ (ଇଏଚ୍‌ଏଲ୍)ରେ ଖେଳିବା ପାଇଁ କେତେକ ମୁଖ୍ୟ ଖେଳାଳିଙ୍କୁ ଛାଡ଼ି ଦିଆଯାଇଛି। ଭାରତ ବିପକ୍ଷ ମ୍ୟାଚ ନିଶ୍ଚିତ କଷ୍ଟସାଧ୍ୟ ହେବ। ତେବେ ଆମେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଏବଂ ବିସ୍ମୟ ସୃଷ୍ଟି କରିବାକୁ ପ୍ରସ୍ତୁତ। ଯୁବ ଖେଳାଳିଙ୍କ ପାଇଁ ସୁଯୋଗର ସଦ୍‌ବ୍ୟବହାର କରିବାକୁ ବଡ଼ ସୁଯୋଗ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଭାରତ ଯେପରି ଖେଳୁଛି ସେଥିପାଇଁ ସମ୍ମାନର ହକ୍‌ଦାର। ଗତ କିଛିବର୍ଷ ଧରି ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ଅନେକ ପରିବର୍ତ୍ତନ ଆସିଛି। ସେଥିପାଇଁ ବର୍ତ୍ତମାନ ସେମାନେ ପଏଣ୍ଟ ଟେବୁଲର ଶୀର୍ଷରେ ଅଛନ୍ତି ଏବଂ ଏଥିପାଇଁ ହକ୍‌ଦାର ମଧ୍ୟ। ପଡ଼ିଆରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ତାହାକୁ ଫଳାଫଳରେ ପରିଣତ କରିବାରେ ସକ୍ଷମ ହୋଇଛି। ଏହି ଦଳକୁ ହରାଇବା ନିଶ୍ଚିତ କଷ୍ଟସାଧ୍ୟ ହେବ ବୋଲି ହେନିଂ କହିଛନ୍ତି। ଭାରତ ୧୦ ମ୍ୟାଚରୁ ୬ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଓ ୨ ପରାଜୟ ସହ ୨୧ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି।


ଭୁବନେଶ୍ୱରରେ ପହଞ୍ଚିବା ପରେ ଜର୍ମାନୀ ପୁରୁଷ ହକି ଦଳ।

# ଓଡ଼ିଶା ମହିଳା, ପୁରୁଷ ଦଳ ବିଜୟୀ


କର୍ମକର୍ତ୍ତାଙ୍କ ଗହଣରେ ଓଡ଼ିଶା ମହିଳା ଓ ପୁରୁଷ ଭଲିବଲ ଦଳ।

## ଜାତୀୟ ଯୁବ ଭଲିବଲ

**ଭୁବନେଶ୍ୱର, ୧୨।୪ (କ୍ରୀଡ଼ା ପ୍ରତିନିଧି):** ଉତ୍ତରାଖଣ୍ଡର ରୁଦ୍ରପୁରଠାରେ ଆରମ୍ଭ ହୋଇଥିବା ୨୩ତମ ଜାତୀୟ ଯୁବ ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଓଡ଼ିଶା ମହିଳା ଦଳ ୩-୦ ସେଟ୍‌ରେ ପଞ୍ଜାବକୁ ଏବଂ ପୁରୁଷ ଦଳ ସମାନ ବ୍ୟବଧାନରେ ମହାରାଷ୍ଟ୍ର ଦଳକୁ ପରାସ୍ତ କରିଛନ୍ତି। ଓଡ଼ିଶା ମହିଳା ଦଳରେ ମାମାଲି ନାଗ (ଅଧିନାୟିକା), ରୋଜାଲିନ ଆନ୍ଦିଆ, ଶିରେସା କରମି, ଶିବାନୀ ପ୍ରିୟଦର୍ଶିନୀ, ରିଙ୍କି କିର୍ସାନୀ, ପାୟଲ କାଣ୍ଡି, ବି. ଅନିଶା, ମେଘନା ପ୍ରିୟଦର୍ଶୀ ବାରିକ, ପ୍ରଭାତି ଗଡବା, କୌଶଲ୍ୟା ମାଝି, କୋମଲ ମାସିହ, ଲିପ୍ସାରାଣୀ ମିଶ୍ର ସାମିଲ ଅଛନ୍ତି। ସେହିପରି ପୁରୁଷ ଦଳରେ ରହିଛନ୍ତି ମାନସ ପ୍ରଧାନ (ଅଧିନାୟକ), ସମୀର ରଞ୍ଜନ ପାଲ, ରାଜୁ ପଟ୍ଟନାୟକ, ଭରତ ପୂଝାରୀ, ଅମିତ ପରିଡ଼ା, ଏସ୍.କେ. ଜାଭିଦ, ଅନିଶା ଭୂତିଆ, ଅଂଶୁମାନ ମହାନ୍ତି, ସୁନୀଲ କୁମାର ଧଳ, କୃତିଦୀପ୍ତ ମୁଦୁଲି, ମହସିନ ଖାଁ ଓ ଜ୍ୟୋତିରଞ୍ଜନ ପ୍ରଧାନ। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ଟେବୁଲ ଟେନିସ ଦଳ ଘୋଷିତ


ଓଡ଼ିଶା ଟେବୁଲ ଟେନିସ ଦଳ।

**ଭୁବନେଶ୍ୱର, ୧୨।୪ (କ୍ରୀଡ଼ା ପ୍ରତିନିଧି):** ମେଘାଳୟର ଶିଲଂଠାରେ ୮୩ତମ ଜାତୀୟ ସିନିୟର ଓ ଆନ୍ତଃରାଜ୍ୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ମଙ୍ଗଳବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ପ୍ରତିଯୋଗିତାରେ ଓଡ଼ିଶା ଦଳ ସିଙ୍ଗଲ୍ସ, ଡବଲ୍ସ ଓ ଟିମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଓଡ଼ିଶା ଦଳ ୧୫ ତାରିଖରେ ଶିଲଂ ଯିବ ବୋଲି ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରକାଶ କରିଛନ୍ତି। ଓଡ଼ିଶା ଦଳ (ମହିଳା): ସ୍ୱେତପଦ୍ମା ଦଳାଇ, ଅଞ୍ଜଳି ଅଗ୍ରୱାଲ, ସ୍ୱିକୃତି ଭଗତ, ମୟୂରୀ ଚାଟାର୍ଜୀ। ପୁରୁଷ- ଏମ. ମହେଶ୍ୱର ରାଓ, ଦିଶାନ୍ତ ପରିଡ଼ା, ସୁଦୀପ କୃଷ୍ଣ ବେହେରା, ସୌମ୍ୟରଞ୍ଜନ ପତି।

# ଭୁବନେଶ୍ୱର କ୍ରିକେଟ ଆସୋସିଏଶନ ଗଠିତ

**ଭୁବନେଶ୍ୱର, ୧୨।୪ (କ୍ରୀଡ଼ା ପ୍ରତିନିଧି):** କ୍ରିକେଟର ପ୍ରଚାର ଓ ପ୍ରସାରକୁ ବ୍ୟାପକ କରିବା ପାଇଁ ଗଠନ ହୋଇଛି ଭୁବନେଶ୍ୱର କ୍ରିକେଟ ଆସୋସିଏଶନ। ଜଷ୍ଟିସ ଲୋଧା କମିଶନ ରିପୋର୍ଟ ଓ ସୁପାରିସ ଅନୁସାରେ ପଞ୍ଜୀକରଣ ହେବା ପରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସହ ଅନୁବନ୍ଧିତ ହେବା ପାଇଁ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ସ୍ୱୀକୃତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବତନ ଭୁବନେଶ୍ୱର ମେୟର ମିହିର କୁମାର ମହାନ୍ତି ଏହାର ସଭାପତି ଥିବାବେଳେ ଦୀପକ କୁମାର ସିଂ ଉପସଭାପତି, ବିଜୟ କୁମାର ରାୟ ସମ୍ପାଦକ, ବିଶ୍ୱରଞ୍ଜନ ନାୟକ ଯୁଗ୍ମ ସମ୍ପାଦକ ଏବଂ ସୁଧି ରଞ୍ଜନ ପତି କୋଷାଧ୍ୟକ୍ଷ ହୋଇଛନ୍ତି। ସଞ୍ଜୟ ଚୌଧାରୀ, ପ୍ରବୀର ମହାପାତ୍ର, ମନୋଜ ମହାପାତ୍ର, ରାଧାମାଧବ ହରିଚନ୍ଦନ, ପିଣ୍ଟୁସ ମିତ୍ର ଓ ପ୍ରଶାନ୍ତ ନାୟକ କାର୍ଯ୍ୟକାରିଣୀ ସଦସ୍ୟ ରହିଛନ୍ତି। ଏହା ବ୍ୟତୀତ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ପୃଷ୍ଠପୋଷକ ରହିଛନ୍ତି।




## ଭିକ୍ଟୋରିଆରେ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା

**ଲଣ୍ଡନ, ୧୨।୪ (ପିଟି):** ଅଷ୍ଟ୍ରେଲିଆର ଭିକ୍ଟୋରିଆ ରାଜ୍ୟରେ ଆୟୋଜନ ହେବ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା। ପାରମ୍ପରିକ ଭାବେ ଗୋଟିଏ ସହର ବଦଳରେ ଏହି ସଂସ୍କରଣର ପ୍ରାୟତଃ ଇଭେଣ୍ଟ ମେଲବୋର୍ନ, ଗିଲଙ୍ଗ, ବେଣ୍ଡିଗୋ,ବାଲାରାତ ଓ ଗିପସଲାଣ୍ଡ ସମେତ ଭିକ୍ଟୋରିଆର ଅନେକ ଆଞ୍ଚଳିକ କେନ୍ଦ୍ରରେ ଅନୁଷ୍ଠିତ ହେବ। ଏଥିସହିତ ୧ ଲକ୍ଷ ଦର୍ଶକଙ୍କ କ୍ଷମତା ବିଶିଷ୍ଟ ଆଇକନିକ୍ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଉଦ୍‌ଘାଟନୀ ଉତ୍ସବ ଆୟୋଜନ ହେବ ବୋଲି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ (ସିଜିଏଫ୍) ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଏହି ଘୋଷଣା ପୂର୍ବରୁ ସିଜିଏଫ୍, ଅଷ୍ଟ୍ରେଲିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଜିଏୟୁଏସ୍) ଏବଂ ଭିକ୍ଟୋରିଆ ପ୍ରତିନିଧିଙ୍କ ମଧ୍ୟରେ ବୈଠକ ବସିଥିଲା। ଇଭେଣ୍ଟରେ ପ୍ରାରମ୍ଭିକ ତାଲିକାରେ ଟି୨୦ କ୍ରିକେଟ ସମେତ ୧୬ଟି କ୍ରୀଡ଼ାକୁ ସ୍ଥାନ ମିଳିଛି। ଅନ୍ୟ କ୍ରୀଡ଼ାକୁ ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ସାମିଲ କରାଯିବ। ତେବେ ପ୍ରାରମ୍ଭିକ କ୍ରୀଡ଼ା ତାଲିକାରେ ଶୁଟିଂ, କୁସ୍ତି ଭଳି ଭାରତ ଭଲ ପ୍ରଦର୍ଶନ କରୁଥିବା ଇଭେଣ୍ଟକୁ ସାମିଲ କରାଯାଇ ନାହିଁ। ଏପରିକି ତୀରନ୍ଦାଜୀ ଇଭେଣ୍ଟକୁ ମଧ୍ୟ ତାଲିକାରେ ସ୍ଥାନ ମିଳି ନାହିଁ।

# ଦୁବେ, ଉଥପ୍ପାଙ୍କ ଦୃଢ଼ ବ୍ୟାଟିଂ

ମୁମ୍ବାଇ, ୧୨।୪


୧୬୫ ରନର ଭାଗୀଦାରି ଅବସରରେ ରବିନ ଉଥପ୍ପା ଓ ଶିବମ୍ ଦୁବେ।

କ୍ରମାଗତ ୪ ମ୍ୟାଚରେ ପରାଜୟ ପରେ ପ୍ରଭାବୀ ପ୍ରଦର୍ଶନ କରିଛି ଚେନ୍ନାଇ ସୁପରକିଙ୍ଗ୍ସ। ଶିବମ ଦୁବେ ଓ ରବିନ ଉଥପ୍ପାଙ୍କ ଦୃଢ଼ ବ୍ୟାଟିଂ ବଳରେ ଏହି ଦଳ ମଙ୍ଗଳବାର ଅନୁଷ୍ଠିତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ୨୦ ଓଭରରେ ୪ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଛି। ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିଲେ ଆର୍‌ସିବି ଅଧିନାୟକ ଫାଫ୍ ଡୁ’ପ୍ଲେସି। ଋତୁରାଜ ଗାଏକ୍ୱାଡ (୧୭), ମୋଇନ ଅଲୀ(୩) ଓ ଅଧିନାୟକ ରବୀନ୍ଦ୍ର ଜାଡେଜା(୦)ଙ୍କ ବିଫଳତା ସତ୍ତ୍ୱେ ଚେନ୍ନାଇ ଚଳିତ ଲିଗ୍‌ରେ ସର୍ବବୃହତ୍ ୨୧୬ ରନ କରିବାକୁ ସକ୍ଷମ ହୋଇଥିଲା। ଉଥପ୍ପା ଓ ଦୁବେ ସାହସିକ ପ୍ରଦର୍ଶନ କରି ଚେନ୍ନାଇକୁ ବୃହତ୍ ବିଜୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଉଥପ୍ପା ୫୦ ବଲ୍‌ରୁ ୪ ଚୌକା ଓ ୯ ଛକା ସହାୟତାରେ ୮୮ ରନକରି ଆଉଟ ହୋଇଥିବାବେଳେ ଦୁବେ ୪୬ ବଲ୍‌ରୁ ୫ ଚୌକା ଓ ୮ ଛକା ସହ ୯୫ ରନରେ ଅପରାଜିତ ରହିଥିଲେ। ଆଇପିଏଲ୍‌ରେ ଦୁହିଁଙ୍କର ଏହାଥିଲା ସର୍ବାଧିକ ସ୍କୋର। ଉଥପ୍ପା ଓ ଦୁବେ ମୋଟ ୧୭ଟି ଛକା ମାରିଥିଲେ। ଯାହାକି କୌଣସି ଆଇପିଏଲ୍ ମ୍ୟାଚରେ ଚେନ୍ନାଇ ପାଇଁ ସର୍ବାଧିକ। ଶେଷ ୧୦ ଓଭରରେ ୧୫୬ ରନ ସଂଗୃହୀତ ହୋଇଥିଲା। ଏହାମଧ୍ୟ ଚେନ୍ନାଇ ପାଇଁ ପ୍ରଥମ। ଅତିରିକ୍ତଭାବେ ଦଳକୁ ୧୩ ରନ ମିଳିଥିଲା। ଆର୍‌ସିବି ବୋଲରଙ୍କ ମଧ୍ୟରେ ୱାନିନ୍ଦୁ ହସରଙ୍ଗା ୨ଟି ଏବଂ ଜୋଶ୍ ହାଜେଲଉଡ୍ ଗୋଟିଏ ଉଇକେଟ ନେଇଥିଲେ।

| ଆଇପିଏଲ୍-୧୫ |
| --- |
| ଆଜିର ମ୍ୟାଚ |
| ମୁମ୍ବାଇ ଇଣ୍ଡିଆନ୍ସ ବନାମ ପଞ୍ଜାବ କିଙ୍ଗ୍ସ |
| ସ୍ଥାନ: ପୁଣେ |
| ସମୟ: ରାତି ୭ଟା ୩୦ |
| ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ |

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୨୧୬/୪ (ଶିବମ୍ ଦୁବେ-୯୫*, ରବିନ ଉଥପ୍ପା-୮୮, ୱାନିନ୍ଦୁ ହସରଙ୍ଗା-୨/୩୬, ଜୋଶ୍ ହାଜେଲଉଡ୍-୧/୩୩)।

## ଫୁଟ୍‌ବଲରେ ଇତିହାସ ରଚିଲା ମୁମ୍ବାଇ ସିଟି ଏଫ୍‌ସି

**ରିୟାଦ, ୧୨।୪:** ଭାରତୀୟ ଫୁଟବଲ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି ମୁମ୍ବାଇ ସିଟି ଏଫ୍‌ସି। ଭାରତର ପ୍ରଥମ କ୍ଲବ ଭାବେ ମୁମ୍ବାଇ ସିଟି ଏଫ୍‌ସି ଏସିଆନ ଚାମ୍ପିୟନ ଲିଗ୍‌ରେ ଏକ ମ୍ୟାଚ୍ ଜିତିବାରେ ସକ୍ଷମ ହୋଇଛି। ୧-୦ ଗୋଲରେ ପଛୁଆ ରହିବା ପରେ ମଧ୍ୟ ମୁମ୍ବାଇ ସିଟି ୨-୧ ଗୋଲରେ ଇରାକର ଏୟାର ଫୋର୍ସ କ୍ଲବକୁ ହରାଇ ଦେଇଛି। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୯ତମ ମିନିଟ୍‌ରେ ଗୋଲ ବରଣ କରିଥିଲା ୨୦୨୦-୨୧ ଇଣ୍ଡିଆନ ସୁପର ଲିଗ୍ ଶିଲ୍ଡ ଏବଂ ଟ୍ରଫି ଚାମ୍ପିୟନ। ୭୦ତମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟିକୁ ସ୍କୋରରେ ପରିଣତ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ ଡିଏଗୋ ମୌରିସିଓ। ଡିଫେଣ୍ଡର ରାହୁଲ ଭେକେ ୭୫ତମ ମିନିଟ୍‌ରେ ଦଳ ପାଇଁ ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ମୁମ୍ବାଇ ତା’ର ପ୍ରଥମ ମ୍ୟାଚ୍‌ରେ ଅଲ ଶାବାବଠାରୁ ୩-୦ ଗୋଲରେ ପରାସ୍ତ ହୋଇଥିଲା। ଗୁରୁବାର ଖେଳାଯିବାକୁ ଥିବା ପରବର୍ତ୍ତୀ ମ୍ୟାଚ୍‌ରେ ମୁମ୍ବାଇ ସିଟି ୟୁଏଇର ଅଲ ଜାଜିରାକୁ ଭେଟିବ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ